# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY 3 FEBRUARY 2026
ମଙ୍ଗଳବାର ୩ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 258 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୫୮ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ଓଡ଼ିଶାରେ ରାଷ୍ଟ୍ରପତି

### ଆଜି ଯାଜପୁର, ବାଲେଶ୍ୱର, ପୁରୀ ଗସ୍ତ

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**

ଓଡ଼ିଶାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ୬ ଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନମବନ୍ଦରରେ ପହଞ୍ଚିବା ପରେ ରାଷ୍ଟ୍ରପତିଙ୍କୁ ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମେୟର ସୁଲୋଚନା ଦାସଙ୍କ ସହ ଅନେକ ନେତୃବୃନ୍ଦ ଭବ୍ୟ ସ୍ୱାଗତ କରିଥିଲେ। ପରେ ବିମାନବନ୍ଦରରୁ ରାଷ୍ଟ୍ରପତି ସିଧାସଳଖ ଲୋକଭବନରେ ପହଞ୍ଚିଥିଲେ। ଯେଉଁଠାରେ ରାଷ୍ଟ୍ରପତି ରାତ୍ରୀଯାପନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଲୋକସେବା ଭବନ ଆଖପାଖ ଅଞ୍ଚଳକୁ 'ନୋ-ଫ୍ଲାଇ ଜୋନ୍' ଘୋଷଣା କରାଯାଇଥିବା ବେଳେ ସମସ୍ତ ଅଞ୍ଚଳକୁ ହାଇ ଆଲର୍ଟରେ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ମୋଟ ୩୨ ପ୍ଲାଟୁନ୍ ସୁରକ୍ଷା ବଳ ନିଯୁକ୍ତ କରାଯାଇଛି।

ପ୍ରକାଶ ଯେ ଓଡ଼ିଶାର ୫ଟି ଜିଲ୍ଲା ଯାଜପୁର, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର ଓ ମୟୂରଭଞ୍ଜରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଯାଜପୁର ଯିବାର କାର୍ଯ୍ୟକ୍ରମ ରହିଛି। ସକାଳ ୮.୩୦ରେ ଲୋକଭବନରୁ ବାହାରି ହେଲିକପ୍ଟର ଯୋଗେ ୯.୩୦ରେ ଯାଜପୁର ସ୍ଥିତ ନୂଆ ପ୍ରଶାସନିକ ଭବନ ଗ୍ରାଉଣ୍ଡରେ ପହଞ୍ଚିବେ। ୯.୫୦ରେ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ପହଞ୍ଚିବେ। ୧୦.୦୦ଟାରେ ନାଭିଗୟାରେ ପହଞ୍ଚି ପିଣ୍ଡଦାନ କରିବା ସହ ମା' ବିରଜାଙ୍କ ଦର୍ଶନ କରିବେ। ବିରଜା ମନ୍ଦିରରେ ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ବିତାଇବେ ରାଷ୍ଟ୍ରପତି। ସେଠାରୁ ବାହାରି ୧୨ଟା ୪୦ରେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଯିବେ। ବିଶ୍ୱବିଦ୍ୟାଳୟ ୧୨ତମ



**ଯାଜପୁରରେ ୪୮ ସ୍କୁଲ୍ ଛୁଟି**

ମଙ୍ଗଳବାର ଯାଜପୁରରେ ୪୮ ସ୍କୁଲ୍ ଛୁଟି। ଯାଜପୁର ପୌରାଞ୍ଚଳର ୪୮ ସରକାରୀ ଓ ବେସରକାରୀ ସ୍କୁଲ୍ ବନ୍ଦ ରହିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସ୍କୁଲ ଛୁଟି ଘୋଷଣା କରିଛନ୍ତି।

ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଭେଟିବେ। ପରେ ସନ୍ଧ୍ୟା ୬.୦୦ଟା ସୁଦ୍ଧା ପୁରୀ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବା ସହ ପୁରୀ ଲୋକ ଭବନ ଯାଇ ରାତ୍ରୀଯାପନ କରିବେ। ୪ ତାରିଖରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ ସାରି ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବେ ରାଷ୍ଟ୍ରପତି। ଏହାପରେ ପୁରୀରୁ ସିଧା ଯିବେ ମୟୂରଭଞ୍ଜ ରାଇରଙ୍ଗପୁର। ବିଶାଳ ସାଧାରଣ ସଭାକୁ ସମ୍ବୋଧନ କରି ଜନ୍ମମାଟିରେ ଲୋକଙ୍କୁ ଭେଟିବେ ରାଷ୍ଟ୍ରପତି। ଏକାଧିକ ପ୍ରକଳ୍ପର ଉଦଘାଟନ ଓ ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି। ▶▶ ୫

### ରେଳ ଭିତ୍ତିଭୂମି ପାଇଁ ଅଜାଡ଼ି ଦେଲେ କେନ୍ଦ୍ର ସରକାର

# ଓଡ଼ିଶା ପାଇଁ ୧୦,୯୨୮ କୋଟି

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**



- ଓଡ଼ିଶା ପାଇଁ ସର୍ବକାଳୀନ ସର୍ବାଧିକ ଅନୁଦାନ
- ଇଷ୍ଟ-ୱେଷ୍ଟ ଫ୍ରେଡ୍ କରିଡର୍‌ରେ ଯୋଡ଼ି ହେବ ଓଡ଼ିଶା
- ଓଡ଼ିଶା ହାତୀଙ୍କ ସୁରକ୍ଷା ପାଇଁ ଲାଗିବ ଏଆଇ ଥର୍ମାଲ୍ କ୍ୟାମେରା
- ମୋହନ ସରକାର ଆମକୁ ସହଯୋଗ କରୁଛନ୍ତି:ରେଳମନ୍ତ୍ରୀ

କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ରେକର୍ଡ଼ ପରିମାଣର ଅର୍ଥାତ ୧୦ ହଜାର ୯୨୮ କୋଟି ଟଙ୍କା ରହିଛି। ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ଚଳିତ ସାଧାରଣ ବଜେଟ୍-୨୦୨୬ରେ ଏହି ଟଙ୍କା ବରାଦ ହୋଇଛି। ଓଡ଼ିଶା ପାଇଁ ବାର୍ଷିକ ହାରାହାରି ରେଳ ବଜେଟ ଆବଣ୍ଟନ ୨୦୦୯-୧୪ ଅବଧିରେ ଏହା ୮୩୮ କୋଟିରୁ ବୃଦ୍ଧି ପାଇ ୨୦୨୬-୨୭ ମସିହାରେ ୧୦,୯୨୮ କୋଟିକୁ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି, ଯାହା ପ୍ରାୟ ୧୩ ଗୁଣ ଅଧିକ। ସୋମବାର ରେଳ ବଜେଟ୍ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହାଦ୍ୱାରା ଓଡ଼ିଶା ନିଶ୍ଚିତ ଭାବେ ଏକ ପ୍ରଗତିଶୀଳ ଏବଂ 'ସମୃଦ୍ଧ ରାଜ୍ୟ'ରେ ପରିଣତ ହୋଇପାରିବ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୯୦ ହଜାର ୬୫୯ କୋଟିର ପ୍ରକଳ୍ପ ଚାଲୁ ରହିଛି। ଇଷ୍ଟ-ୱେଷ୍ଟ ଫ୍ରେଡ୍ କରିଡରରୁ ଓଡ଼ିଶାକୁ ବଡ଼ ଫାଇଦା ମିଳିବ। ଇଷ୍ଟ-ୱେଷ୍ଟ ଫ୍ରେଡ୍ କରିଡର ଓଡ଼ିଶା ଦେଇ ଯିବ। ଏହା ଛତିଶଗଡ଼, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର ଦେଇ ଗୁଜରାଟରେ ପହଞ୍ଚିବ। ଓଡ଼ିଶାର ଶିଳ୍ପ ବିକାଶରେ ଇଷ୍ଟ-ୱେଷ୍ଟ ଫ୍ରେଡ୍ କରିଡର ବଡ଼ ଭୂମିକା ନିଭାଇବ । ଗତ ୧୧ ବର୍ଷରେ ଓଡ଼ିଶାରେ ୨ ହଜାର ୨ ଶହ କିମି ନୂଆ ଟ୍ରାକ୍ ତିଆରି ହୋଇଛି । ଯାହା ସମଗ୍ର ମାଲେସିଆରେ ଥିବା ଟ୍ରେନ୍ ଟ୍ରାକ୍ ଠାରୁ ଅଧିକ ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଓଡ଼ିଶାରେ ୬ଟି ଲେଖାଏଁ ବନ୍ଦେ ଭାରତ, ଅମୃତ ଭାରତ ଏକ୍ସପ୍ରେସ୍ ଚାଲିଛି। ଯାହା ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା ସହ ସାଧାରଣ ଜନତାଙ୍କ ଯାତ୍ରାକୁ ଅଧିକ ସୁଗମ ଓ ଆରାମଦାୟକ କରିଛି। ଏଥିସହ ଓଡ଼ିଶାରେ ଶତ ପ୍ରତିଶତ ▶▶ ୫

### 'ଓଡ଼ିଶାର ପ୍ରଗତି ପଥକୁ ପ୍ରଶସ୍ତ କରିବ'

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ପ୍ରଗତି ଓ ଭିତ୍ତିଭୂମି ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି। କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶାର ରେଳ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ପାଇଁ ୧୦,୯୨୮ କୋଟି ଟଙ୍କାର ଐତିହାସିକ ଅନୁଦାନ ପ୍ରଦାନ କରାଯାଇଛି, ଯାହା 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ରେକର୍ଡସଂଖ୍ୟକ ଅନୁଦାନ ରାଜ୍ୟର ପ୍ରଗତି ପଥକୁ ପ୍ରଶସ୍ତ କରିବ ବୋଲି କହିଛନ୍ତି ▶▶ ୫

### 'ସମୃଦ୍ଧ ଓଡ଼ିଶା ଗଠନ ସଂକଳ୍ପ ଆହୁରି ସୁଦୃଢ଼ ହେବ'

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**



ବଜେଟ୍‌ରେ ଓଡ଼ିଶାକୁ ଅଧିକ ଅର୍ଥ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥ ମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଅଶେଷ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ବଜେଟ୍‌ରେ ଅନୁମୋଦିତ 'ପୂର୍ବ-ପଶ୍ଚିମ ପରିବହନ କରିଡର' ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ଏକ ନୂତନ ଯୁଗର ସୂତ୍ରପାତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ। କେବଳ ଭିତ୍ତିଭୂମି ନୁହେଁ, ବରଂ ପରିବେଶ ଓ ବନ୍ୟପ୍ରାଣୀ ସଂରକ୍ଷଣ ▶▶ ୫

## ନୂଆ ରୂପ ପାଇବ ମିଶନ୍ ଶକ୍ତି

### ମିଳିବ ସ୍ମାର୍ଟଫୋନ୍, ବଦଳିବ ଡ୍ରେସ୍‌କୋଡ୍

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**

ନୂଆ ରୂପ ପାଇବ ମିଶନ ଶକ୍ତି। ବଦଳିବ ଡ୍ରେସ୍ କୋଡ୍। ଉତ୍କଳ ଦିବସରୁ ଲାଗୁ ହେବ ନୂଆ ଡ୍ରେସ୍ କୋଡ୍। ମିଶନ ଶକ୍ତି ମହିଳାଙ୍କୁ ଆଇଡି କାର୍ଡ ସହ ସ୍ମାର୍ଟ ଫୋନ୍ ମିଳିବ। ମିଶନ ଶକ୍ତି ମହିଳାଙ୍କୁ ଦିଆଯିବାକୁ

**ଏସ୍‌ଏଚ୍‌ଜିକୁ ୧୯୭. ୬୬ କୋଟି ସୁଧ ଫେରସ୍ତ**

ଥିବା ଶାଢୀରେ ରହିବ ଓଡ଼ିଆ ଅସ୍ମିତାର ଝଲକ। ସୋମବାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି।

ସୋମବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ଠାରେ 'ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ' କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ୍ ଉପରେ କାମ କରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ବ୍ୟାଙ୍କ ଋଣ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଏହା ସହ ଋଣରେ ▶▶ ୫




### ମୋଦୀଙ୍କ ସହ ଟ୍ରମ୍ପ୍ କଥା ହେବାର କିଛି ସମୟ ମଧ୍ୟରେ...

## ଭାରତ ଉପରୁ ଟାରିଫ୍ ହ୍ରାସ କଲା ଆମେରିକା

**ନୂଆଦିଲ୍ଲୀ, ୱାଶିଂଟନ୍, ୨।୨/ଏଜେନ୍ସି:**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ବିଳମ୍ବିତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିବାର କିଛି ସମୟ ମଧ୍ୟରେ ଭାରତ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଭାରତ ଉପରେ ଯେଖାକୁ ତେସା ନୀତି ଅନ୍ତର୍ଗତ ଆମେରିକା ଲାଗୁ କରିଥିବା ୨୫% ରେସିପ୍ରୋକାଲ୍ ଶୁଳ୍କକୁ ୭% ହ୍ରାସ କରିଛି। ଟ୍ରମ୍ପ୍ ନିଜେ ନିଜ ସୋସିଆଲ ମିଡିଆ ଟ୍ରୁଥ୍' ଆକାଉଣ୍ଟରେ ଏସମ୍ପର୍କରେ ପୋଷ୍ଟ କରିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତ ସହ ବ୍ୟବସାୟିକ ସମ୍ପର୍କକୁ ସୁଧାରିବାର ସମୟ ଆସିଯାଇଛି। ବିଶେଷକରି ଭାରତ ଏବେ ଯେତେବେଳେ ରୁଷ୍ ଠାରୁ ତୈଳ କିଣିବା ପ୍ରକ୍ରିୟାକୁ ବନ୍ଦ କରିଛି ସେତେବେଳେ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର ହେବା ସମ୍ଭାବନା ବ୍ୟାପକ ହୋଇଛି। ମୋଦୀଙ୍କ ସହ ଆଜିର



**ଥିଲା ୨୫%, ହେଲା ୧୮%**

ଆଲୋଚନା ପରେ ଏକ ସକାରାତ୍ମକ ଅନୁଭୂତି ସହ ଭାରତ ଉପରୁ ରେସିପ୍ରୋକାଲ୍ ଶୁଳ୍କକୁ ୧୮%କୁ ହ୍ରାସ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ସବୁଠୁ ବଡ଼କଥା ହେଉଛି ଟ୍ରମ୍ପ୍ ଏହି ନିଷ୍ପତ୍ତିକୁ ଜରୁରିକାଳୀନ ପରିସ୍ଥିତିରେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଆଗାମୀ ଦିନରେ ଭାରତ ଇରାନ୍ ଓ ରୁଷ୍ ପ୍ରତିବଦଳରେ ଭେନେଜୁଏଲା ଠାରୁ ତୈଳ କ୍ରୟ କରିବ ବୋଲି ମଧ୍ୟ ଟ୍ରମ୍ପ୍ ନିଜ ହ୍ୟାଣ୍ଡେଲ୍‌ରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ଟ୍ରମ୍ପ୍‌ଙ୍କ ଏପ୍ରକାର ଘୋଷଣା ପରେ ଭାରତ ଉପରେ ଏବେ କେବଳ ୧୮% ଆମେରିକୀୟ ରେସିପ୍ରୋକାଲ୍ ଶୁଳ୍କ ହିଁ ବଳବତ୍ତର ରହିବ। ପ୍ରକାଶ, ରେସିପ୍ରୋକାଲ୍ ଶୁଳ୍କର ଅର୍ଥ ଯେଖାକୁ ତେସା ଶୁଳ୍କ। ଭାରତ ଆମେରିକୀୟ ସାମଗ୍ରୀ ଉପରେ ସଂଗ୍ରହ କରୁଥିବା ଶୁଳ୍କକୁ ଦୃଷ୍ଟିରେ ରଖି ଟ୍ରମ୍ପ୍ ୩୧ ଜୁଲାଇ ୨୦୨୫ରେ ଭାରତ ଉପରେ ମଧ୍ୟ ୨୫% ଶୁଳ୍କ ଲାଗୁ କରିବା ନେଇ ଘୋଷଣା କରିଥିଲେ। ଅଗଷ୍ଟ ୧, ୨୦୨୫ରୁ ଏହା ପ୍ରଭାବୀ ଭାବେ କାର୍ଯ୍ୟକାରୀ ହୋଇଥିଲା, ଯାହାକୁ ଏବେ ୧୮% କରିଛନ୍ତି ଟ୍ରମ୍ପ୍। ଅନ୍ୟପକ୍ଷେ ଆମେରିକା ପୂର୍ବରୁ ରୁଷ୍ ଠାରୁ ତୈଳ କ୍ରୟ କରୁଥିବା ଅଭିଯୋଗ ଆଳରେ ଭାରତ ଉପରେ ୨୫%ର ଅତିରିକ୍ତ ଶୁଳ୍କ ଲାଗୁ କରିଛି। ଏହି ଶୁଳ୍କ ନେଇ ବର୍ତ୍ତମାନ ସୁଦ୍ଧା ଆମେରିକା ପକ୍ଷରୁ କିମ୍ବା ଟ୍ରମ୍ପ୍‌ଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଆସିନାହିଁ। ▶▶ ୫

### ଆଇଏଫ୍ଏସ୍ ସ୍ତରରେ ଅଦଳବଦଳ

## ସନତ କୁମାର ନନ୍ଦନକାନନ ନିର୍ଦ୍ଦେଶକ

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**

୨୦୧୨ ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ସନତ କୁମାର ଏନ୍‌ଙ୍କୁ ନନ୍ଦନକାନନ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏନେଇ ଆଜି ଜଙ୍ଗଲ, ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ପୂର୍ବରୁ ଉପନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ସନତ କୁମାର ଏନ୍ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନୂଆ ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ସମ୍ଭାଳିବେ। ସେହିପରି ୨୦୦୧ ବ୍ୟାଚ୍‌ର ଆଇଏଫ୍ଏସ୍ ଅଧିକାରୀ ତଥା ପୂର୍ବତନ ନିର୍ଦ୍ଦେଶକ ମନୋଜ ଭି ନାୟରଙ୍କୁ ଏସ୍‌ପିସିବି ମେମ୍ବର ସେକ୍ରେଟାରୀ ଦାୟିତ୍ୱ ମିଳିଛି। ଏଥିସହ ମନୋଜ ଭି. ନାୟର ମଧ୍ୟ ବନ୍ୟପ୍ରାଣୀ ଅତିରିକ୍ତ ସିସିଏଫ୍ ଦାୟିତ୍ୱ ତୁଲାଇବେ। ସେହିପରି ୨୦୦୧ ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ଜି ରାଜେଶଙ୍କୁ ଓଏଫ୍ଏସ୍‌ଡିସି, ପିଡି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଲଘୁ ଖଣିଜ ଉପରେ ବଢ଼ିଲା ଅତିରିକ୍ତ ଶୁଳ୍କ

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**

ବାଲି ଓ ପଥର ମାଫିଆଙ୍କୁ ରାଜ୍ୟ ସରକାର ଶକ୍ତ ଝଟକା ଦେଇଛନ୍ତି। ଲଘୁ ଖଣିଜ ଉପରେ ସରକାର ଅତିରିକ୍ତ ଶୁଳ୍କ ବୃଦ୍ଧି କରିଛନ୍ତି। ରାଜ୍ୟରେ ବେଆଇନ୍ ଖଣି ଖନନ ଉପରେ ରୋକ ଲଗାଇବା ଏବଂ ରାଜସ୍ୱ ବୃଦ୍ଧି ପାଇଁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ଅନୁଯାୟୀ, ରାଜ୍ୟ ସରକାର ଅତିରିକ୍ତ ଶୁଳ୍କକୁ ରୟାଲଟିର ଦୁଇ ଗୁଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବେଆଇନ୍ ଖଣି କାରବାର ଓ ତଥ୍ୟ ଲୁଚାଇବା, ବାଲି, ପଥର, ମୋରମ ଓ ଲାଟେରାଇଟ୍ ଭଳି ଲଘୁ ଖଣିଜ କ୍ଷେତ୍ରରେ ହେଉଥିବା ଚୋରା କାରବାର ଏବଂ ରୟାଲଟି ଫାଙ୍କିବା ପ୍ରଥାକୁ ରୋକିବା ପାଇଁ ଏହି କଠୋର ନିୟମ ଅଣାଯାଇଛି । ପୂର୍ବରୁ କୌଣସି ଶକ୍ତ ଆର୍ଥିକ ଜୋରିମାନା ନଥିବାରୁ ଉଲ୍ଲଂଘନକାରୀମାନେ ବାରମ୍ବାର ନିୟମ ଭାଙ୍ଗୁଥିଲେ। ଲଘୁ ଖଣିଜ କ୍ଷେତ୍ରରୁ ହେଉଥିବା ▶▶ ୫

## ନୂଆ ଏନ୍ଏସିରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

### ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ ପ୍ରକ୍ରିୟା ପାଇଁ ଚିଠି

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**

ନୂଆ ଏନ୍ଏସି ଏବଂ ପୌରପାଳିକାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାକୁ ୧୮ ଜିଲ୍ଲାପାଳଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ୩୫ଟି ନୂତନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଛନ୍ତି। ୨୮ଟି ନୂତନ ଭାବରେ ଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୭ଟି ନୂତନ ପୌରପାଳିକା ପାଇଁ ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ତୁରନ୍ତ ଶେଷ କରିବାକୁ ଶ୍ରୀ ଡାକୁଆ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକ୍ରିୟା ଶେଷ ▶▶ ୫

### ରାୟଗଡ଼ାରେ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ୬୦୦ କୋଟିର ୧୦୯ ପ୍ରକଳ୍ପ ଶୁଭାରମ୍ଭ

**ଭୁବନେଶ୍ୱର,ରାୟଗଡ଼ା୨।୨/ଏନ୍ଏନ୍ଏସ୍:**

ସୋମବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାୟଗଡ଼ା ଜିଲ୍ଲାପାଇଁ ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୦୯ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୮୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର କରାଯାଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ସଡ଼କ, ସେତୁ, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ, ମହିଳା ସଶକ୍ତିକରଣ ଭଳି ଅନେକ ଭିତ୍ତିଭୂମି ଉନ୍ନୟନ ମୂଳକ ପ୍ରକଳ୍ପ ରହିଛି। ଏଥିସହିତ ୩୭ କୋଟି ଟଙ୍କା ବିନିଯୋଗରେ ମା' ମଝିଘରିଆଣୀ ମନ୍ଦିରର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶିଳାନ୍ୟାସ କରିଛନ୍ତି। ରାୟଗଡ଼ା ଠାରେ ସୁଭଦ୍ରା ଶକ୍ତି ମେଳା-୨୦୨୬ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଆହୁରି ମଧ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିଧାୟକ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଦାବି ଅନୁଯାୟୀ ଜିଲ୍ଲାର ସମସ୍ତ ବ୍ଲକରେ ଖୁବ୍ ଶୀଘ୍ର ଇନ୍‌ଡୋର୍ ଷ୍ଟାଡିୟମ୍ କାମ ଆରମ୍ଭ ହେବ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ସୁଦୃଢ଼ୀକରଣ ହେବ ଏବଂ ରାୟଗଡ଼ାରେ ▶▶ ୫




**୨୨ ଉଦ୍‌ଘାଟିତ, ୮୭ ଭିତ୍ତିପ୍ରସ୍ତର**

**ମା ମଝିଘରିଆଣୀ ମନ୍ଦିରର ଉନ୍ନତିକରଣ ପାଇଁ ୩୭ କୋଟି**

**ଶିକ୍ଷାନୁଷ୍ଠାନରେ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ**

## ଦଲାଇ ଲାମାଙ୍କୁ 'ଗ୍ରାମୀ' ପୁରସ୍କାର

**ଲସ୍ ଆଞ୍ଜେଲ୍ସ, ଧର୍ମଶାଳା,୨।୨/ଏଜେନ୍ସି:**



ବୌଦ୍ଧ ଧର୍ମଗୁରୁ ଦଲାଇ ଲାମା ତାଙ୍କର ବିଶ୍ୱସ୍ତରୀୟ ସମ୍ମାନର ଲମ୍ବା ତାଲିକାରେ ଆଉ ଏକ ଅପ୍ରତ୍ୟାଶିତ କୃତୀତ୍ୱକୁ ଯୋଡ଼ିଛନ୍ତି। ୯୦ ବର୍ଷୀୟ ଦଲାଇ ଲାମାଙ୍କୁ ଅନ୍ତର୍ଜାତୀୟସ୍ତରରେ ଅନ୍ୟତମ ସମ୍ମାନ ଭାବେ ବିବେଚନା କରାଯାଉଥିବା 'ଗ୍ରାମୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଦଲାଇ ଲାମା ନିଜ ଅଡିଓ ପୁସ୍ତକ ବା ଆଲବମ୍ 'ମେଡିଟେସନ୍: ଦି ରିଫ୍ଲେକ୍ସନ୍ସ ଅଫ୍ ହିଜ୍ ହୋଲିନେସ୍ ଦି ଦଲାଇ ଲାମା'ର ସରଳ ତଥା ଶୁଦ୍ଧ ନାରେସନ୍ ଏବଂ ଷ୍ଟୋରୀଟେଲିଙ୍ଗ ରେକର୍ଡିଂ ପାଇଁ ଏହି ସମ୍ମାନ ହାସଲ କରିଛନ୍ତି। ୬୮ତମ ବାର୍ଷିକ ଗ୍ରାମୀ ପୁରସ୍କାର ଉତ୍ସବରେ ଦଲାଇ ଲାମାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ରିପୋର୍ଟ ଅନୁସାରେ ଏହି ଆଲବମ୍‌ରେ ଦଲାଇ ଲାମାଙ୍କ ମନନଶୀଳତା, କରୁଣା, ସମନ୍ୱୟ ଏବଂ ଶାରୀରିକ ଏବଂ ମାନସିକ ସୁସ୍ଥତା ଉପରେ ଅନେକ ବର୍ଷ ଧରି ସଂଗୃହୀତ ଚିନ୍ତାଧାରାର ରେକର୍ଡିଂଗୁଡ଼ିକୁ ଏକତ୍ର କରାଯାଇଛି। ପ୍ରତ୍ୟେକ ବର୍ଷ ଆମେରିକା ସ୍ଥିତ ରେକର୍ଡିଂ ଏକାଡେମୀ ପକ୍ଷରୁ ସଂଗୀତ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନକାରୀ ତଥା ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଅର୍ଥାତ୍ ସଂଗୀତ କଳାକାର ଓ ବୈଷୟିକ ବୃତ୍ତିଗତଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଏହା ପ୍ରଦାନ କରାଯାଇଥାଏ। ▶▶ ୫

## ୩ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ବର୍ଦ୍ଧିତ



**କନ୍ଧମାଳ,୨।୨/ଏନ୍‌ଏନ୍‌ଏସ୍‌:** ମାରୁତି ସେନାର ରାଜ୍ୟ ସଂଗଠନ ପକ୍ଷରୁ ପୁରୀ ସାଂସ୍କୃତିକ ଭବନ ଠାରେ ଆୟୋଜିତ ହୋଇଥିବା ୭ମ ବାର୍ଷିକ ଉତ୍ସବରେ କନ୍ଧମାଳର ୩ଟି ସ୍ୱେଚ୍ଛା ସେବୀ ସଂଗଠନ ସମ୍ବର୍ଦ୍ଧିତ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମଟି ସଂଗଠନର ରାଜ୍ୟ ସଭାପତି ପପୁ ଦଳବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଥିବା ବେଳେ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଯୋଗଦେଇ ଥିଲେ । ପ୍ରତ୍ୟେକ ବର୍ଷ ରାଜ୍ୟରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନକୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧନା ପୂର୍ବକ ଉତ୍ସାହିତ କରିଥାଏ ମାରୁତି ସେନା । କନ୍ଧମାଳ ଜିଲ୍ଲାର ୩ଟି ସ୍ୱେଚ୍ଛା ସେବୀ ସଂଗଠନ ସମ୍ବର୍ଦ୍ଧିତ ହୋଇଥିଲେ । ସେଥି ମଧ୍ୟରୁ କୁଇ ସମାଜ ଯୁବ ପରିଷଦ କନ୍ଧମାଳ, ମାଁ ସୁରା ଦେଇ ଫ୍ରେଣ୍ଡସ କ୍ଲବ ଖଜୁରୀପଡ଼ା ଓ ଫ୍ରେଣ୍ଡସ କ୍ଲବ କୋଟଗଡ ପ୍ରମୁଖ । କୁଇ ସମାଜ ଯୁବ ପରିଷଦ କନ୍ଧମାଳ ପକ୍ଷରୁ ଉପସଭାପତି ମଙ୍ଗରାଜ ପ୍ରଧାନ, ଭାଷା ଗବେଷକ ବିଷ୍ଣୁଚରଣ ମଲିକ, ସୋସିଆଲ କୋଡିନେଟର ଇନ୍ଦ୍ରମଣି କହଁର ଓ ମାଁ ସୁରାଦେଇ ଫ୍ରେଣ୍ଡସ କ୍ଲବ ଖଜୁରୀପଡ଼ା ପକ୍ଷରୁ ସାଧାରଣ ସମ୍ପାଦକ ବୁଦ୍ଧିଆ ଗଣ୍ଡାଙ୍କ ନେତୃତ୍ୱରେ, ଉପସଭାପତି ସୁଧାଂଶୁ ବେହେରା, ତରଣୀସେନ ମଲିକ, ଅଶୋକ ବେହେରା , ପଦ୍ମଚରଣ ବେହେରା, ରବିନ୍ଦ୍ର ବେହେରା, ହରି ଚନ୍ଦ୍ର ବେହେରା, ଜିତେନ୍ଦ୍ର ମଲିକ, ପ୍ରଭାତ ବେହେରା, ପ୍ରସନ୍ନ ବେହେରା ଓ ଫ୍ରେଣ୍ଡସକ୍ଲବ କୋଟଗଡ ସମ୍ବର୍ଦ୍ଧନା ପତ୍ର ଗ୍ରହଣ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ଜିଲ୍ଲାରୁ ସର୍ବାଧିକ ୧୧୦ ରୁ ଉର୍ଦ୍ଧ୍ୱ ସଂଗଠନକୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## କଙ୍କିଆ ପଞ୍ଚାୟତସ୍ତରୀୟ ୨ୟ ଅଭିଯୋଗ ଶୁଣାଣି



**କୁକୁଡ଼ାଖଣ୍ଡି,୨।୨/ଏନ୍‌ଏନ୍‌ଏସ୍‌:** ସରକାରଙ୍କ ନିର୍ଦ୍ଦେଶାନୁସାରେ ସୋମବାର କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ କଙ୍କିଆ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ ୨ୟ ଥର ଅଭିଯୋଗ ଶୁଣାଣୀ ସରପଞ୍ଚ ଚନ୍ଦ୍ରଶେଖର ନାୟକଙ୍କ ସହଯୋଗ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପଲ୍ଲବୀ ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ପଞ୍ଚାୟତ ଅଧିକାରୀ ସୁଭାଷିନୀ ପାଳ, ଆର.ଡି କନିଷ୍ଠ ଯନ୍ତ୍ରୀ ଆଶୁତୋଷ ବେହେରା, ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ଯୋଗାଣ ସହାୟକ ସୁମିତ୍ରା ନାହାକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଗ୍ରାମର ୮୦ ରୁ ଉର୍ଦ୍ଧ ଅଭିଯୋଗ ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ବହୁ ମାତ୍ରାରେ ପଟ୍ଟା ପ୍ରଦାନ ନେଇ ଅଭିଯୋଗ ହୋଇଥିଲା । ଅଞ୍ଚଳଟି ଆଦିବାସୀ ବହୁଳ ଗ୍ରାମ ହୋଇଥିବାରୁ ଜଙ୍ଗଲଜମି ରହିଥିବା ଯୋଗୁଁ ପଟ୍ଟା ପାଇବାରେ ବଞ୍ଚିତ ଆଦିବାସୀ ଲୋକେ । ପଟ୍ଟା ନ ହେବା ଦ୍ୱାରା ସେମାନଙ୍କ ପିଲାଙ୍କ ଭବିଷ୍ୟତ ପାଇଁ ଆବଶ୍ୟକ ପଡୁଥିବା ବିଭିନ୍ନ ସାର୍ଟିଫିକେଟ୍ ପାଇବାରୁ ବଞ୍ଚିତ ହେଉଥିବା ଲୋକେ ଅଭିଯୋଗ କରିଥିଲେ । ଏଥିସହ ରାସନ୍ କାର୍ଡ, ଭତ୍ତା, ପାନୀୟ ଜଳ ବ୍ୟବସ୍ଥା, ଆଦିବାସୀ ପାହାଡିଆ ଅଞ୍ଚଳ ସାରକଟ, ମିତ୍ରପୁର, ସୁଲିଆ, ବେତ ଖୋରୀ, ଉପର ସାରକଟ ଆଦି ଗ୍ରାମରେ ନେଟ୍‌ୱର୍କ ସମସ୍ୟା ରହୁଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ଶୁଣାଣୀରେ ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପି ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### ଛତ୍ରପୁରରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ରେଡ୍‌କ୍ରସ୍ ପାଣ୍ଠିରୁ ୨୧ଙ୍କୁ ମିଳିଲା ୧,୩୭,୫୦୦ ଟଙ୍କା

**ଛତ୍ରପୁର,୨।୨/ଏନ୍‌ଏନ୍‌ଏସ୍‌:** ଛତ୍ରପୁରସ୍ଥ ଜଉଗଡ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ

**୧୯୫ ବ୍ୟକ୍ତିଗତ, ୧୬ ସାମୂହିକ ଅଭିଯୋଗ**

ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେରକେଟା ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ବେହେରା ଯୋଗଦେଇ ମୋଟ ୨୧୧ଟି ଅଭିଯୋଗର ଶୁଣାଣୀ କରିଥିଲେ । ସେଥି ମଧ୍ୟରୁ ୧୯୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୬ଟି ସାମୁହିକ ଅଭିଯୋଗ ରହିଥିଲା । ସମସ୍ତ ଅଭିଯୋଗ ଗୁଡିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରେଡକ୍ରସ୍ ପାଣ୍ଠିରୁ ୨୧ ଜଣ ବ୍ୟକ୍ତିଙ୍କୁ ୧,୩୭,୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ସ୍ଥାନୀୟ



ଜନସାଧାରଣ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଭତ୍ତା, ଖାଦ୍ୟ ସୁରକ୍ଷା ଓ ଧାନ କ୍ରୟ, ମନରେଗା, ଗୃହ ନିର୍ମାଣ, ଜୀବିକା ମିଶନ୍, ରାଜସ୍ୱ, ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ବିକଶିତ ଭାରତ ଗଠନରେ ସହାୟକ ହେବ ବଜେଟ୍: ମନ୍ତ୍ରୀ




**ବ୍ରହ୍ମପୁର,୨।୨/ଏନ୍‌ଏନ୍‌ଏସ୍‌:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ସଂସଦରେ ୫୩,୪୭,୩୧୫ କୋଟି ଟଙ୍କାର ୨୦୨୬-୨୭ ବର୍ଷ ପାଇଁ ବଜେଟ ଆଗତ କରିଛନ୍ତି । ଏହା ଏକ ଲୋକାଭିମୁଖୀ, ଯୁଗାନ୍ତକାରୀ ଓ ଯୁବ ଶକ୍ତି ବଜେଟ । ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ଗଠନ ସ୍ୱପ୍ନ ସାକାର କରିବା ପାଇଁ ଏହି ବଜେଟ ଅଭିପ୍ରେତ ବୋଲି ବ୍ରହ୍ମପୁର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ଦେଶବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୁରଣ କରିବା, ଉତ୍ତମ ଶାସନ ପାଇ ଫୋର୍ସ ମଲ୍ଟିପ୍ଲାୟର ଭାବେ କାର୍ଯ୍ୟ କରିବାକୁ ଜ୍ଞାନ କୌଶଳର ବିକାଶ କରିବା, ସମୃଦ୍ଧ ଓଡ଼ିଶା ପ୍ରଦେଶ ଗଠନ ପଦକ୍ଷେପକୁ ଏହି ବଜେଟ୍ କ୍ରିୟାଶୀଳ କରିବ ବୋଲି ମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ଓ ଆର୍ଥିକ ସୁଦୃଢୀକରଣ, ମଧ୍ୟବିତ୍ତ ଶ୍ରେଣୀର ସଶକ୍ତିକରଣ, ଦକ୍ଷ ମାନବ ସମ୍ବଳ ସୃଷ୍ଟି , ପୂର୍ବୋଦୟ ଭାରତର ବିକାଶ, ଗ୍ରାମୀଣ ଜନଜୀବନକୁ ପୁନର୍ଜୀବିତ କରିବା, ସହରୀକରଣ, କୃଷି ଓ କୃଷକର ସାମଗ୍ରିକ କଲ୍ୟାଣ, ରାଜ୍ୟର ଐତିହ୍ୟ ଓ ପର୍ଯ୍ୟଟକ ଶିଳ୍ପର ବିକାଶ, ନାରୀ ଶକ୍ତିର ନେତୃତ୍ୱ, ସାମାଜିକ ନ୍ୟାୟ ଓ ସମସ୍ତ ବର୍ଗର କଲ୍ୟାଣକୁ ଆଖି ଆଗରେ ରଖି ପ୍ରସ୍ତୁତ ବଜେଟ୍ ଉପସ୍ଥାପିତ ହୋଇଥିବା କହିଥିଲେ । ବଜେଟ୍‌ରେ ବିରଳ ଖଣିଜ ପଦାର୍ଥ ନିମନ୍ତେ ଖଣି ପ୍ରକ୍ରିୟାକରଣ, ଗବେଷଣା ଓ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଦେଶର ମାଇନିଂ କ୍ୟାପିଟାଲ ଓଡ଼ିଶାରେ ରେୟାର ଅର୍ଥ କରିଡ଼ର ପ୍ରତିଷ୍ଠା ଘୋଷଣା ହୋଇଛି । ଫଳରେ ବିରଳ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ । ଜିଲ୍ଲାର ଛତ୍ରପୁରଠାରେ ପ୍ରତିଷ୍ଠା ହୋଇଥିବା ମାଟିଖାଲ ସ୍ଥିତ ଭାରତୀୟ ବିରଳ ମୃତ୍ତିକା କମ୍ପାନୀରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବା ସହିତ ଆମ ଦେଶର ପ୍ରତିରକ୍ଷା ମନ୍ତ୍ରାଳୟକୁ ସଶକ୍ତ କରିବ । ଏହା ସହିତ ସ୍ଥାନୀୟ ଶିଳ୍ପ ଏବଂ ବୈଦ୍ୟୁତିକ ଓ ଅକ୍ଷୟ ଶକ୍ତି ସମେତ ଉଚ୍ଚ ବୈଷୟିକ କ୍ଷେତ୍ରକୁ ମଧ ପ୍ରୋତ୍ସାହନ ଦେଇ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ବିଜେପି ନେତା ସୁନିଲ କୁମାର ସାହୁ, ବିଜେପି ନେତା ଅଜିତ ସାହୁ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥୀ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା, ସିଦ୍ଧାନ୍ତ ଗଙ୍ଗଦେବ ପ୍ରମୁଖ ମଞ୍ଚାସୀନ ଥିଲେ । ସାମ୍ବାଦିକ ସମ୍ମିଳନୀ ପରିଚାଳନାରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର ଏବଂ ଜିଲ୍ଲା ସମ୍ପାଦକ ଶିବ ଶଙ୍କର ନାୟକ ସହଯୋଗ କରିଥିଲେ ।

## ୨ ପରିବାର ମଧ୍ୟରେ ମାରପିଟ୍, ୨ ଗିରଫ

**ରଙ୍ଗେଇଲୁଣ୍ଡା,୨।୨/ଏନ୍‌ଏନ୍‌ଏସ୍‌:** ଗୋଳନ୍ଥରା ଥାନା ଅଧୀନ ଏକ ଗାଁରେ କିଆ ବାଡ଼ ମାଲିକାନାକୁ ନେଇ ୨ ପରିବାର ମଧ୍ୟରେ ମାର୍‌ପିଟ୍ ହୋଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି । ପୁଲିସ୍ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫମାନେ ହେଲେ ଗୋବିନ୍ଦପୁର ଗ୍ରାମ ବି. ବାଲାଜୀ ରେଡି (୩୨) ଓ ପି. ମଧୁସୂଦନ (୫୦) ବୋଲି ପୁଲିସ ସୂଚନା ଦେଇଛି । ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ପି. ମଧୁସୂଦନ ପୂର୍ବପୁରୁଷରୁ ଏକ କିଆ ବାଡ଼କୁ ସେହି ଗ୍ରାମ ବି. ବାଲାଜୀ ରେଡିଙ୍କ ପରିବାର ଲୋକଙ୍କୁ ବିକ୍ରି କରି ଦେଇଥିଲେ । ଏନେଇ ଉଭୟଙ୍କ ମଧ୍ୟରେ ବାଦ ବିବାଦ ଲାଗି ରହିବା ସହ ମାଲିକାନାକୁ ନେଇ ଅଦାଲତରେ ମାମଲା ବିଚାରଧୀନ ରହିଛି । ଗତ ୩୦ ତାରିଖ ସକାଳ ୬ଟାରେ ମଧୁସୂଦନ ଓ ବାଲାଜୀ ମଧ୍ୟରେ ପୁଣି କିଆବାଡକୁ ନେଇ ଯୁକ୍ତି ତର୍କ ଏବଂ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା । ଏଥିରେ ଚାରି ଜଣ ଆହତ ହୋଇଥିଲେ । ଏନେଇ ମଧୁସୂଦନ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନା କେସ୍ ନଂ ୪୯/୨୬ ପ୍ରକାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବାଲାଜୀ ମଧ୍ୟ ଗୋଳନ୍ଥରା ଥାନାରେ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ କରିଥିଲେ । ଥାନା କେସ୍ ନ ୫୦/୨୬ ପ୍ରକାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଗୋବିନ୍ଦପୁର ଗ୍ରାମରୁ ବାଲାଜୀ ଓ ମଧୁସୂଦନ ଗ୍ରାମରୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଏଏସ୍‌ଆଇ କୃତିବାସ ସାହୁ ସୂଚନା ଦେଇଛନ୍ତି ।

### ୪ର୍ଥ ଜାତୀୟସ୍ତରୀୟ ନାଞ୍ଚାକୁ ପ୍ରତିଯୋଗିତା

## କନ୍ଧମାଳର ପ୍ରତିଯୋଗୀ ୮ ପଦକ




**ଫୁଲବାଣୀ,୨।୨/ଏନ୍‌ଏନ୍‌ଏସ୍‌:** ଉତ୍ତରପ୍ରଦେଶର କାନପୁର ଠାରେ ଆୟୋଜିତ ୪ର୍ଥ ଜାତୀୟସ୍ତରୀୟ ନାଞ୍ଚାକୁ ପ୍ରତିଯୋଗିତାରେ ଦମଦାର ପ୍ରଦର୍ଶନ କରି ୮ଟି ପଦକ ଜିତି ଗୌରବ ହାସଲ କରିଛନ୍ତି କନ୍ଧମାଳ ଜିଲ୍ଲାର ପ୍ରତିଯୋଗୀ । ଏହି ପ୍ରତିଯୋଗିତାରେ ଦେଶର ୧୦ଟି ରାଜ୍ୟରୁ ପ୍ରାୟ ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କୋଚ ଗୋପାଳ ଚନ୍ଦ୍ର କହଁରଙ୍କ ନେତୃତ୍ୱରେ କନ୍ଧମାଳ ଦଳ ଉତ୍ତମ ଖେଳ ପ୍ରଦର୍ଶନ କରି ମୋଟ ୮ଟି ପଦକ ହାସଲ କରିଛି । କୋଚ ଗୋପାଳ ଚନ୍ଦ୍ର ନିଜେ ୧ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଥିବା ବେଳେ ବୈଲୋଚନ ମଲିକ ୩ଟି କାଂସ୍ୟ ପଦକ ଓ ପ୍ରିୟାଂଶୁ ଶେଖର ୨ଟି କାଂସ୍ୟ ପଦକ ଅର୍ଜନ କରିଛନ୍ତି । କନ୍ଧମାଳର ଏହି ସଫଳତା ଯୁବ ପ୍ରତିଭାଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବା ସହ ଜିଲ୍ଲା ଓ ରାଜ୍ୟର କ୍ରୀଡା ମାନଚିତ୍ରକୁ ଆହୁରି ଉଜ୍ଜ୍ୱଳ କରିଛି । ଜିଲ୍ଲାବାସୀ ଓ କ୍ରୀଡାପ୍ରେମୀମାନେ ଖେଳାଳି ଓ କୋଚଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ୧୯ରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା

# ପାଠପଢ଼ାରେ ନିମଗ୍ନ ଆସିକା ଅଞ୍ଚଳର ଶହଶହ ପରୀକ୍ଷାର୍ଥୀ

**ଆସିକା,୨।୨/ଏନ୍‌ଏନ୍‌ଏସ୍‌:** ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ । ମାଟ୍ରିକ୍ ପରୀକ୍ଷାର ଦିନ ଯେତିକି ପାଖେଇ ଆସୁଛି ପରୀକ୍ଷାର୍ଥୀ ମାନେ ସେତିକି ବ୍ୟସ୍ତ ହୋଇପଡୁଥିବା ଆଲୋଚିତ ହେଉଛି । ପରୀକ୍ଷାରେ ଭଲ ଫଳ ପ୍ରଦର୍ଶନ କରିବା ପାଇଁ କିଏ ଦିନରାତି ଏକାକାର କରି ପାଠ ପଢାରେ ନିମଗ୍ନ ରହୁଥିବା ବେଳେ ଅନ୍ୟ କିଏ ଦିନରେ ୧୨ ଘଣ୍ଟାରୁ ୧୪ ଘଣ୍ଟା ପରିଶ୍ରମ କରୁଥିବା ଜଣାପଡିଛି । ପରୀକ୍ଷାରେ ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦେବା ପାଇଁ ଛାତ୍ରଛାତ୍ରୀମାନେ ବର୍ତ୍ତମାନ ଠାରୁ ନିଜକୁ ପ୍ରସ୍ତୁତ କଲେଣି । ମେଧାବୀ ପରୀକ୍ଷାର୍ଥୀମାନେ ଭଲ ର୍‌ୟାଙ୍କ ଯେପରି ପାଇପାରିବେ ସେଥିପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ କମ୍ ମେଧାବୀ ଛାତ୍ରଛାତ୍ରୀମାନେ ପାସ୍ ମାର୍କକୁ ଦୃଷ୍ଟିରେ ରଖି ପଢା ଜାରି ରଖିଛନ୍ତି । ମାଟ୍ରିକ୍ ପରୀକ୍ଷାକୁ ଜୀବନର ସବୁଠାରୁ ବଡ ପରୀକ୍ଷା ଭାବେ ବିବେଚନା କରାଯାଉଥିବା ବେଳେ ପରୀକ୍ଷାର୍ଥୀ ମାନେ କୃତକାର୍ଯ୍ୟ ହେବାକୁ ପ୍ରୟାସ ଜାରି ରଖିଛନ୍ତି । ଛାତ୍ରଛାତ୍ରୀମାନେ କିପରି ଆଗାମୀ ମାଟ୍ରିକ ପରୀକ୍ଷାରେ ଚିନ୍ତାଗ୍ରସ୍ତ ଓ ଭୟଭୀତ ନହୋଇ ଭଲ ଫଳ ପ୍ରଦର୍ଶନ କରିବେ ତାହାକୁ ଦୃଷ୍ଟିରେ ରଖି ଆସିକା ଅଞ୍ଚଳର ବହୁ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ଓ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ମାର୍ଗଦର୍ଶନ ଦେଉଥିବା ଜଣାପଡିଛି । ମାଟ୍ରିକ୍ ପରୀକ୍ଷାକୁ ସୁପରିଚାଳନା ଲାଗି ପ୍ରଶାସନ ପକ୍ଷରୁ ମଧ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଦେଖିବାକୁ ମିଳିଛି ।

**ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା କିଛି ପରୀକ୍ଷାର୍ଥୀଙ୍କ ମୁହଁରୁ:**



**କାହ୍ନୁଚରଣ ସାହୁ(ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର):** ପ୍ରତ୍ୟୁଷରୁ ଉଠି ପାଠ ପଢା ଆରମ୍ଭ କରି ଦେଉଛି । ମୁଁ ଯେପରି ପ୍ରସ୍ତୁତି ଚଳାଇଛି ଭଲ ର୍‌ୟାଙ୍କ ମିଳିବ ବୋଲି ଆଶା ରଖିଛି ।



**ଜଗନ୍ ଗୌଡ (ଜଗଦଳପୁର ହାଇସ୍କୁଲ, ଗୁଣ୍ଡପଡା):** ମାଟ୍ରିକ୍ ପରୀକ୍ଷା ପାଇଁ ମୁଁ ଜୋରଦାର ପ୍ରସ୍ତୁତି ଚଳାଇଛି । ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହେବାକୁ ପ୍ରୟାସ ଜାରି ରଖିଛି ।



**ସୋନିଆ ରାଣୀ ସାହୁ (ଜଗଦଳପୁର ହାଇସ୍କୁଲ, ଗୁଣ୍ଡପଡା):** ପରୀକ୍ଷା ସମୟ ପାଖେଇ ଆସୁଥିବାରୁ ଅଧିକ ସମୟ ପାଠପଢାରେ କାଟୁଛି ।



**ମନିଷା ପାଣିଗ୍ରାହୀ(ମା ରତ୍ନମାଳୀ ହାଇସ୍କୁଲ, ମଣ୍ଡାପଡା):** ପରୀକ୍ଷାରେ ଭଲଫଳ ପ୍ରଦର୍ଶନ କରିବା ଲାଗି ପ୍ରୟାସ ଜାରି ରଖିଛି ।



**ଧ୍ରୁବ ଜେନା(ମା ରତ୍ନମାଳୀ ହାଇସ୍କୁଲ, ମଣ୍ଡାପଡା):** ପରୀକ୍ଷାରେ ଭଲ ର୍‌ୟାଙ୍କ ପାଇବି ବୋଲି ଆଶା ରଖି ପରିଶ୍ରମ ଜାରି ରଖିଛି ।



**ଲବ ସାହୁ (ଅଭିଭାବକ):** ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ଛାତ୍ରଛାତ୍ରୀମାନେ ଆତ୍ମବିଶ୍ୱାସର ସହ ଆଗକୁ ଆଗସର ହେବା ଓ ପରୀକ୍ଷାରେ ଭଲ ମାର୍କ ପାଇବା ସକାଶେ କଠିନ ପରିଶ୍ରମ କରିବା ନିତାନ୍ତ ଆବଶ୍ୟକ ।

### କେନ୍ଦ୍ରୀୟ ବଜେଟ୍–୨୦୨୬

## ସାମାଜିକ ନ୍ୟାୟ ପ୍ରତି ଗଭୀର ଅବହେଳା

**ବ୍ରହ୍ମପୁର,୨।୨/ଏନ୍‌ଏନ୍‌ଏସ୍‌:** କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଗତକାଲି କେନ୍ଦ୍ରୀୟ ବଜେଟ୍–୨୦୨୬ ଉପସ୍ଥାପିତ ହୋଇଛି । ନୂତନ ବଜେଟ୍‌ରେ ସାମାଜିକ କ୍ଷେତ୍ର ପ୍ରତି ସରକାରଙ୍କ ଅବହେଳା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ କୁମାର ଗୟା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ସହର ଝୁପଡ଼ିବାସୀଙ୍କ ପାଇଁ ବଜେଟ୍‌ରେ କୌଣସି ଆବାସ ଯୋଜନା ନାହିଁ, ସହରୀ ଅସଙ୍ଗଠିତ ଶ୍ରମିକଙ୍କ କଲ୍ୟାଣ ପାଇଁ ବଜେଟ୍‌ରେ କୌଣସି ଦୃଢ଼ ପଦକ୍ଷେପ ଦେଖାଯାଉନାହିଁ । ସ୍ୱାସ୍ଥ୍ୟ ସେବାରେ କାମ କରୁଥିବା ନର୍ସ, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କ ଦାବି ଓ ସମସ୍ୟା ପ୍ରତି ସରକାର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି । ସରକାରୀ ବିଦ୍ୟାଳୟ, ଉଚ୍ଚ ଶିକ୍ଷା ଓ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ଶିକ୍ଷା ବୃତ୍ତି କ୍ଷେତ୍ରରେ ମଧ କୌଣସି ନୂତନ ବ୍ୟବସ୍ଥା ଘୋଷିତ ହୋଇନାହିଁ । ଦେଶର ପ୍ରାୟ ଅଧା ଜନସଂଖ୍ୟା ମହିଳାମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଅର୍ଥନୈତିକ ଯୋଜନା ନାହିଁ । ଗରିବ, ମହିଳା, ଦଳିତ, ଆଦିବାସୀ ଓ ପ୍ରକୃତି–ପରିବେଶ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ କେବଳ ଟେକ୍ନୋଲୋଜି, ପ୍ରତିରକ୍ଷା ଓ ଉଦ୍ୟୋଗ ଉପରେ ଅତ୍ୟଧିକ କେନ୍ଦ୍ରିତ ହେବା ଆଦୌ ଶୁଭଙ୍କର ନୁହଁ ବୋଲି ଶ୍ରୀ ଗୟା କହିଛନ୍ତି ।

## ମା’ ରତ୍ନମାଳୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଆସିକା,୨।୨/ଏନ୍‌ଏନ୍‌ଏସ୍‌:** ଆସିକା ବ୍ଲକ ଅନ୍ତର୍ଗତ ହରିଡାପଦର ଗ୍ରାମ ପଞ୍ଚାୟତ ମଣ୍ଡାପଡା ଗ୍ରାମସ୍ଥିତ ମା ରତ୍ନମାଳୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀରେ ଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କୁ ସୋମବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ମାଟ୍ରିକ୍ ଛାତ୍ରଛାତ୍ରୀମାନେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଦେବେ । କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ତାରା ପ୍ରସାଦ ମିଶ୍ର, ସହକାରୀ ଶିକ୍ଷକ ବି.ଚନ୍ଦ୍ରଶେଖର ରେଡି, ଗୋବିନ୍ଦ ପରିଡା, ପାଣ୍ଡବେଶ୍ୱର ଜେନା, ଶଶୀଭୂଷଣ ସାହୁ, ପାଣ୍ଡବ ଗୌଡ, ମହେଶ୍ୱର ଆପଟ, କର୍ମଚାରୀ ମହନ୍ତର ସାହୁ, ବୁଲୁ ସେଠୀ, ଶନି ଜେନା ପ୍ରମୁଖ ଯୋଗ ଦେଇଥିଲେ । ବିଦାୟୀ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଦଶମ ଶ୍ରେଣୀର ବିଦ୍ୟାର୍ଥୀ ସୌମ୍ୟରଞ୍ଜନ ବିଶ୍ୱାଳ, ସୁମନ ସେଠୀ, ପ୍ରାଚୀ କୁମାରୀ ନାୟକ, ଅର୍ଚ୍ଚିତା ବିଶ୍ୱାଳ ପ୍ରମୁଖ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମାର୍ଗଦର୍ଶନ ଓ ପ୍ରେରଣା ସାଙ୍ଗକୁ ଅଧ୍ୟୟନ କାଳର ସ୍ମୃତି ଓ ଅନୁଭୂତି ସଦାସର୍ବଦା ଅବିସ୍ମରଣୀୟ ହୋଇରହିବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀ ବିଦ୍ୟାର୍ଥୀ ଅର୍ଚ୍ଚିତା କୁମାରୀ ପ୍ରଧାନ, ଆଦିତ୍ୟ ନାରାୟଣ ଜେନା, ଅନିମା ପ୍ରଧାନ, ଧ୍ରୁବ ଜେନା, ଜଗନ୍ନାଥ ପ୍ରସାଦ ବେହେରା, ପଙ୍କଜ କୁମାର ବାରିକ, ରାଜଲକ୍ଷ୍ମୀ ସେଠୀ, ସଚ୍ଚିନ୍ କୁମାର ବିଶ୍ୱାଳ, ଟିଲି ଗୌଡଙ୍କ ସମେତ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ ।

# ପିପୁଲ୍ସ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବୁଗୁଡା,୨।୨/ଏନ୍‌ଏନ୍‌ଏସ୍‌:** ସ୍ଥାନୀୟ ପିପୁଲ୍ସ କଲେଜର ୪୮ତମ ବାର୍ଷିକ କ୍ରୀଡାର ଶୁଭାରମ୍ଭ ହୋଇଯାଇଛି । ନିକଟସ୍ଥ ଠାକୁରାଣୀ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ପହଞ୍ଚିବା ପରେ କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ପ୍ରତିଯୋଗୀଙ୍କ ସାମୁହିକ ଶପଥ ପାଠ କରାଯାଇଥିଲା । ଉକ୍ତ ବାର୍ଷିକ କ୍ରୀଡାର ଉଦଘାଟନୀ ଉତ୍ସବରେ ଉପାଧକ୍ଷ ହରିକୃଷ୍ଣ ନାୟକ, ପ୍ରଶାସନିକ ଅଧିକାରୀ ଡ.ପ୍ରଦୀପ କୁମାର ଦାଶ, +୩ କ୍ରୀଡା ସଂସଦ ଉପସଭାପତି ଅଧାପକ ଅକ୍ଷୟ କୁମାର ସାହୁ, +୨ କ୍ରୀଡା ସଂସଦ ଉପସଭାପତି ଅଧାପକ ଆମ୍ବ ପ୍ରକାଶ ନାୟକ, ସହକାରୀ ଉପସଭାପତି ଦିଲ୍ଲୀପ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ ଏ ଅବସରରେ ଉଭୟ ପୁରୁଷ ଓ ମହିଳା ବିଭାଗର ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ , ସଟପୁଟ୍ ଥ୍ରୋ, ଡିସ୍କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତା ଗୁଡିକୁ କ୍ରୀଡା ଶିକ୍ଷକ ଶ୍ରୀନିବାସ ଦୋରା ପରିଚାଳନା କରି କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିବା ବେଳେ ଅଧାପକ କିଶୋର ଚନ୍ଦ୍ର ଶବର ,ଅଧାପିକା ରଶ୍ମିତା କୁମାରୀ ପଟ୍ଟନାୟକ, ସସ୍ମିତା ସାମନ୍ତରା, ଭି.ସନ୍ତୋଷୀ ରାଜୁ ଓ ସୁରଜିତା ସାହୁ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।











ଭୁବନେଶ୍ୱରରେ ପହଞ୍ଚିବା ପରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

### ବିଜେଡି ପୁଣି ଉଠାଇଲା '୧୭ସି ଫର୍ମ' ପ୍ରସଙ୍ଗ

# ନିର୍ବାଚନର ୧୯ ମାସ ପରେ ବି ୱେବ୍‌ସାଇଟ୍ ହୋଇନି ଅପ୍‌ଲୋଡ୍

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ସାଧାରଣ ନିର୍ବାଚନ ୨୦୨୪ରେ ବିଭିନ୍ନ ଅନିୟମିତତାକୁ ନେଇ ବିଜୁ ଜନତା ଦଳ ତରଫରୁ ଦେଶର ନିର୍ବାଚନ କମିସନରଙ୍କୁ ଦୁଇ ଦୁଇ ଥର ଭେଟି ଲିଖିତ ଭାବରେ ପଚରା ଯାଇଥିବା ବିଭିନ୍ନ ଅସମାହିତ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ମିଳିପାରି ନାହିଁ ବୋଲି ବିଜେଡି ତରଫରୁ ପୁଣିଥରେ ଦୋହରା ଯାଇଛି। ସୋମବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ଼ ସଂତୃପ୍ତ ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର ଏହି ପ୍ରସଙ୍ଗ ଉଠାଇଛନ୍ତି। ଡ଼ ସଂତୃପ୍ତ ମିଶ୍ର କହିଥିଲେ ନିର୍ବାଚନରେ ପ୍ରତି ବୁଥ୍‌ରେ ପଡ଼ିଥିବା ଭୋଟ ସଂଖ୍ୟାର ତଥ୍ୟ ଫର୍ମ ୧୭ସିରେ ମିଳିଥାଏ। ଅନେକ ଜାଗାରେ ପଡ଼ିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ତାରତମ୍ୟ ରହୁଥିବାରୁ ଆମେ ଫର୍ମ ୧୭ସି ପାଇଁ ଆବେଦନ କରିଥିଲୁ, କିନ୍ତୁ ତାହା ପ୍ରଦାନ କରାଗଲା ନାହିଁ। ଦଳ ତରଫରୁ ନିର୍ବାଚନ କମିସନଙ୍କୁ ଲେଖାଯାଇଥିବା ପତ୍ରରେ ଏହାକୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା । କିନ୍ତୁ କିଛି ଆସନରେ ନିର୍ବାଚନ ମାମଲା ଚାଲିଥିବା କାରଣରୁ ଏହା ଦିଆଯାଇ ପାରିବ ନାହିଁ ବୋଲି କମିସନ ଉତ୍ତର ଦେଇଥିଲେ। କିନ୍ତୁ ମାତ୍ର ୨୮ଟି ଆସନରେ ନିର୍ବାଚନ ମାମଲା ଚାଲିଥିବା ବେଳେ ଅନ୍ୟ ଆସନଗୁଡ଼ିକର ଫର୍ମ ୧୭ସି କାହିଁକି ପ୍ରଦାନ କରାଯିବ ନାହିଁ, ସେନେଇ କୌଣସି ଉତ୍ତର ରଖି ନଥିଲେ। ସେହିପରି କିଛି ସ୍ଥାନରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା କିପରି ଅଧିକ ଭୋଟ ଗଣତି ହୋଇପାରିଲା, ସେ ସମ୍ବନ୍ଧରେ ମଧ୍ୟ ନିର୍ବାଚନ କମିସନର କୌଣସି ଉତ୍ତର ରଖିନାହାନ୍ତି। ନିର୍ବାଚନ କମିସନ ତାଙ୍କ ଉତ୍ତରରେ ଜଣାଇଥିଲେ ଯେ, ଯେଉଁଠାରେ କଣ୍ଟ୍ରୋଲ ୟୁନିଟରେ ଥିବା ଭୋଟ ସଂଖ୍ୟା ଫର୍ମ ୧୭ ସିରେ ଲେଖାଯାଇଥିବା ଭୋଟ ସଂଖ୍ୟା ସହିତ ତାଳମେଳ ଖାଏ ନାହିଁ, ତାହେଲେ ସେହି ଭୋଟ ଗଣତି କରାଯାଏ ନାହିଁ। କିନ୍ତୁ କେତୋଟି ସ୍ଥାନରେ ଏପରି ହୋଇଛି, ତାହା ନିର୍ବାଚନ କମିସନ ସ୍ପଷ୍ଟ କରିନାହାନ୍ତି। ନିର୍ବାଚନ କମିସନ ଦେଇଥିବା ଉତ୍ତର ଅନୁଯାୟୀ, ମକ ପୋଲ ବେଳେ ପଡ଼ିଥିବା ଭୋଟ ଗୁଡ଼ିକ ଡିଲିଟ୍ ହୋଇନଥିଲେ, ସେହି ଇଭିଏମରେ ପଡ଼ିଥିବା ଭୋଟ୍ ଗୁଡ଼ିକୁ ମଧ୍ୟ ଗଣତି କରାଯାଏ ନାହିଁ । ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନଙ୍କ ତ୍ରୁଟି ଯୋଗୁଁ, ଜଣେ ନାଗରିକର ଭୋଟକୁ ଗଣତି ନକରିବା ମଧ୍ୟ ତାର ମତ ଦେବାର ଅଧିକାରକୁ କ୍ଷୁଣ୍ଣ କରିବା ସଦୃଶ୍ୟ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସେହିପରି ଭୋଟିଂ ସମୟରେ ଇଭିଏମ୍ ମେସିନରେ ତ୍ରୁଟି ଦେଖାଯାଏ, ଯେଉଁଥିପାଇଁ ସେଠାରେ ଆଉ ଏକ ମେସିନ ଲଗାଯାଏ। କିନ୍ତୁ ତ୍ରୁଟି ଦେଖାଯିବା ପୂର୍ବରୁ କେତେ ଭୋଟ ପଡିଥିଲା ତାହାର କୌଣସି ବିବରଣୀ ପ୍ରଦାନ କରାଯାଉ ନାହିଁ। ଡ଼ ମିଶ୍ର କହିଥିଲେ, ବିଜେଡି ଆହୁରି ଏକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲା, ଯାହା ହେଉଛି ସନ୍ଧ୍ୟା ୫ଟା ଭୋଟ ଶେଷ ପାଇଁ ଥିବା ନିର୍ଦ୍ଧାରିତ ସମୟରେ କମିସନଙ୍କ ତରଫରୁ ପ୍ରଦାନ କରାଯାଇଥିବା ଭୋଟ ସଂଖ୍ୟା କିପରି ଭାବେ ଅହେତୁକ ବୃଦ୍ଧି ପାଉଛି ? କାରଣ ଗତ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାର ସମସ୍ତ ୨୧ଟି ସଂସଦୀୟ କ୍ଷେତ୍ରରେ ଓ ୩୮ଟି ବିଧାନସଭା କ୍ଷେତ୍ରରେ ୭ରୁ ୩୦% ଭୋଟ ବୃଦ୍ଧି ପାଇଥିଲା, ଯାହା ପୂର୍ବ ନିର୍ବାଚନ ଗୁଡିକରେ ଦେଖିବାକୁ ମିଳି ନଥିଲା । ନିର୍ବାଚନ କମିସନ ଏହି ପ୍ରଶ୍ନ ସମ୍ବନ୍ଧରେ ସ୍ପଷ୍ଟ କରିନାହାନ୍ତି। ଏହାଛଡା ଇଭିଏମରେ ନିୟମିତ ବ୍ୟବଧାନରେ ଅଡିଟ୍ କରିବା ପାଇଁ ରାଜନୈତିକ ଦଳ ମାନଙ୍କୁ ସୁଯୋଗ ଦିଆଯାଉ, ଯାହା ଫଳରେ ସ୍ୱଚ୍ଛତା ବୃଦ୍ଧି ପାଇବ । କିନ୍ତୁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ମଧ୍ୟ କୌଣସି ଉତ୍ତର ରଖି ନାହାନ୍ତି।




ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗତ ନିର୍ବାଚନ ଅନୁଷ୍ଠିତ ହେବାର ୧୯ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ବାଚନ କମିସନ ଫର୍ମ ୧୭ସିକୁ ତାଙ୍କ ୱେବସାଇଟରେ ଅପ୍ଲୋଡ୍ କଲେ ନାହିଁ । ନିର୍ବାଚନରେ ଅନିୟମିତତା ହୋଇଛି ବୋଲି ଯେଉଁ ଅଭିଯୋଗ ହୋଇଆସୁଛି, ତାକୁ ପ୍ରମାଣିତ କରିବା ପାଇଁ ଫର୍ମ ୧୭ସି ହିଁ ଏକମାତ୍ର ଅସ୍ତ୍ର । ସମ୍ଭବତଃ ସେହି କାରଣରୁ ନିର୍ବାଚନ କମିସନର ଫର୍ମ ୧୭ସି ପ୍ରଦାନ କରିବା ପାଇଁ ବା ଏହାକୁ ୱେବସାଇଟରେ ଅପ୍ଲୋଡ୍ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତେଣୁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ସ୍ପଷ୍ଟ ଉତ୍ତର ରଖିବା ସହିତ ଦେଶବାସୀଙ୍କ ମନରୁ ସନ୍ଦେହ ଦୂର କରିବା ଉଚିତ ବୋଲି ଡ଼ ସାମନ୍ତସିଂହାର କହିଥିଲେ।

### ବିଜେଡି ଓଡ଼ିଶା ରାଜନୀତିର ଅସ୍ତଗାମୀ ରାଜନୈତିକ ଦଳ

# ଅବସାଦକୁ ଲୁଚାଇବା ପାଇଁ ମିଥ୍ୟା ବୟାନବାଜି

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ଓଡ଼ିଶାବାସୀଙ୍କ ଦ୍ୱାରା ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ପ୍ରତ୍ୟାଖ୍ୟାନ ହେବା ପରେ ଉକ୍ତ ଦଳର ନେତାମାନେ ମାନସିକ ଅବସାଦରେ ଅଛନ୍ତି। ସେ ଦୃଷ୍ଟିରୁ ସେମାନେ କ'ଣ ବୟାନବାଜି କରୁଛନ୍ତି ଜାଣି ପାରୁନାହାନ୍ତି । ବିଜେଡି ଓଡ଼ିଶା ରାଜନୀତିର ଅସ୍ତଗାମୀ ରାଜନୈତିକ ଦଳ ହେବାକୁ ଯାଉଛି, ଏହାର ପ୍ରତିଫଳନ ତାର ବିଭିନ୍ନ ବୟାନବାଜିରୁ ଦେଖିବାକୁ ମିଳିଛି। ସୋମବାର ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଏଭଳି କଟାକ୍ଷ କରିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ନିର୍ବାଚନର ଦୀର୍ଘଦିନ ପରେ ବିଜେଡି ଏବେ ଇଭିଏମ୍ ଓ ୧୭ସି ଫର୍ମ ପ୍ରସଙ୍ଗ ଉଠାଇଛି। ଯେବେଠାରୁ ଇଭିଏମ୍ ଦେଶରେ ଲାଗୁହୋଇଛି, ତା'ପରଠାରୁ ହୋଇଥିବା ୫ ନିର୍ବାଚନରୁ ୪ଟିରେ ବିଜେଡି ବିଜୟୀ ହୋଇଛି। ଜିତିବାବେଳେ ସେମାନେ ଇଭିଏମ୍ ଉପରେ କୌଣସି ପ୍ରଶ୍ନ କରୁ ନ ଥିବାବେଳେ ଏବେ ହାରିବା ପରେ ଭୁଲ୍ ବୋଲି କହି ମିଛରେ କାହିଁକି ପ୍ରଳାପ କରୁଛି ତାର ଉତ୍ତର ବିଜେଡି ଦେଉ। ନିର୍ବାଚନରେ ଭୋଟ୍‌ଦାନ ବେଳେ ଯେଉଁମାନେ ବୁଥ୍‌ରେ ଏଜେଣ୍ଟ ଥାନ୍ତି ସେମାନେ ଉକ୍ତ ବୁଥ୍‌ରେ ଥିବା ପ୍ରିଜାଇଡିଂ ଅଧିକାରୀଙ୍କଠାରୁ ୧୭ସି ଫର୍ମ ଆଣିଥାନ୍ତି। ଗତ ସାଧାରଣ ନିର୍ବାଚନରେ ପାଖାପାଖି ୩୭,୮୦୦ ବୁଥ୍ ଥିଲା। ସେସମୟରେ ଏସମସ୍ତ ବୁଥ୍‌ରେ ବିଜେଡିର ୩୭,୮୦୦ ଏଜେଣ୍ଟ ରହିବା କଥା । ଆଉ ଯଦି ଲୋକସଭା, ବିଧାନସଭାକୁ ମିଶାଇ ଦିଆଯାଏ ତାହେଲେ ପ୍ରାୟ ୭୫,୦୦୦ ଏଜେଣ୍ଟ ବିଭିନ୍ନ ବୁଥ୍‌ରେ ରହିବା କଥା। ମାତ୍ର କୌଣସି ବୁଥ୍‌ରେ ଜଣେ କେହି ଏଜେଣ୍ଟ ୧୭ସି ଫର୍ମ କାହିଁକି ମିଳିଲା ନାହିଁ ବୋଲି ପ୍ରଶ୍ନ ଉଠାଇଲେ ନାହିଁ। ନିର୍ବାଚନ ଶେଷ ହେବାର ଅନେକ ଦିନ ପରେ ଏବଂ ହାରିଯିବା ପରେ ଏବେ ଏହି ପ୍ରଶ୍ନ ଉଠାଇବା କେତେଦୂର ଠିକ୍ ତାହା ଓଡ଼ିଶାବାସୀ ବିଚାର କରିବେ। ବିଜେଡି ପୁଣି ଆରୋପ ଲଗାଇଛି ଯେ, ସରକାରୀ କର୍ମଚାରୀଙ୍କୁ ଲଗାଇ ବିଜେପି ନିର୍ବାଚନରେ ବିଜୟୀ ହୋଇଛି। ୨୦୨୪ ମସିହା ପୂର୍ବରୁ ଓଡ଼ିଶାରେ ବିଜେଡିର ସରକାର ଥିଲା । ସେତେବେଳେ ଓଡ଼ିଶା ସରକାରଙ୍କ କର୍ମଚାରୀମାନେ ନିର୍ବାଚନକୁ ପରିଚାଳନା କରୁଥିଲେ। ସେତେବେଳେ କିପରି ବିଜେଡି ନିର୍ବାଚନ ଜିତୁଥିଲା ? ଯେଉଁ କର୍ମଚାରୀମାନେ ନିର୍ବାଚନକୁ ପରିଚାଳନା କରନ୍ତି, ସେମାନେ କୌଣସି ଦଳ ହିସାବରେ କାର୍ଯ୍ୟ କରନ୍ତି ନାହିଁ। କାରଣ ରାଜନୈତିକ ଦଳଗୁଡ଼ିକର ସରକାର ଆସେ ଏବଂ ଯାଏ, ମାତ୍ର କର୍ମଚାରୀମାନେ ସ୍ଥାୟୀ ରହିଥାନ୍ତି। ଏପ୍ରକାର କର୍ମଚାରୀଙ୍କ ଉପରେ ଆକ୍ଷେପ କରିବା ନିଜ ପରାଜୟର ଦୋଷ ସେମାନଙ୍କ ଉପରେ ଲଦିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଯଦି ବିଜେଡି ପାଖରେ କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ତଥ୍ୟ ରହିଛି, ତାହାକୁ ସାର୍ବଜନୀନ କରିବା ଆବଶ୍ୟକ। ମାତ୍ର ବିଜେଡି କୌଣସି ତଥ୍ୟ ନ ଦେଇ ମଝିରେ ମଝିରେ ଗଣମାଧ୍ୟମ ସମ୍ମୁଖରେ ବିଳିବିଳି ହେଉଛି ବିଜେଡି ଏପ୍ରକାର ନାଟକ କରୁଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।



### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# କୋର୍ଟରେ ହାଜର ହେଲେ ୧୫ ଅଭିଯୁକ୍ତ

**ବ୍ରହ୍ମପୁର,୨।୨/ଏନ୍‌ଏନ୍‌ଏସ୍:** ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ୧୫ ଜଣ ଅଭିଯୁକ୍ତ ବ୍ରହ୍ମପୁର ଜିଲ୍ଲା କୋର୍ଟରେ ହାଜର ହୋଇଥିଲେ। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ବିଜେଡି ନେତା ମଦନ ଦଳାଇ ଅସୁସ୍ଥତା କାରଣରୁ ଅଦାଲତକୁ ଆସିପାରିନଥିଲେ। ସମସ୍ତ ଅଭିଯୁକ୍ତ ଅଦାଲତରେ ହାଜର ହୋଇନଥିବାରୁ ଜିଲ୍ଲା ଜଜ୍ ଆସନ୍ତା ୬ ତାରିଖକୁ ପୁଣି ଥରେ ଦିନ ଧାର୍ଯ୍ୟ କରି ସମସ୍ତ ଅଭିଯୁକ୍ତଙ୍କୁ ହାଜର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି। ଆଗାମୀ ଦିନରେ ଏହି ମାମଲାର ବିଚାର ଏଡିଜେ-୩ କୋର୍ଟରେ ହେବା ସହ ଚାର୍ଜଫ୍ରେମ ହୋଇ ବିଚାରଣ ଆରମ୍ଭ ହେବ ବୋଲି ସେ କହିଛନ୍ତି। ପୂର୍ବରୁ ଏହି ମାମଲାର ଅଭିଯୁକ୍ତମାନେ ଅଦାଲତରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇଥିଲା। କିଛି ଦିନ ତଳେ ଏସଡିଜେଏମ୍ ଅଦାଲତରେ ଏହି ମାମଲାର କମିଟମେଣ୍ଟ ହୋଇ ମାମଲାଟି ଜିଲ୍ଲା ଅଦାଲତକୁ ଆସିଥିଲା। ଆଜି ସମସ୍ତ ଅଭିଯୁକ୍ତଙ୍କୁ ଜିଲ୍ଲା ଅଦାଲତରେ ହାଜର ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ସେହି କ୍ରମରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିବା ୧୫ ଜଣ ଅଭିଯୁକ୍ତ ଓ ଫୁଲବାଣୀ ମଣ୍ଡଳ କାରାଗାରରେ ରହୁଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଣି ଅଦାଲତରେ ହାଜର କରାଯାଇଥିଲା। ଏହି ସମୟରେ ଜିଲ୍ଲା ଅଦାଲତ ପରିସରରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ଅଦାଲତରେ ହାଜର ହୋଇ ଅଭିଯୁକ୍ତମାନେ ପୁଣି ଥରେ ଜେଲକୁ ଫେରିଥିଲେ।



ପ୍ରକାଶଥାଉକି, ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପିତବାସ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ଦିନ ତାଙ୍କ ବୈକୁଣ୍ଠନଗରସ୍ଥିତ ଘର ଠାରୁ କିଛି ଦୂରରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ପୁଲିସ ସାର୍ପସୁଟର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ ସମେତ ପୂର୍ବତନ ବିଧାୟକ, ପୂର୍ବତନ ମେୟରଙ୍କୁ ମିଶାଇ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା।

# ଇଗ୍ନୋର ନାମଲେଖା, ପୁନଃପଞ୍ଜିକରଣ ଅବଧି ବୃଦ୍ଧି

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ରେ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃପଞ୍ଜିକରଣ ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ଫେବୃଆରୀ ୧୫ ତାରିଖକୁ ବୃଦ୍ଧି କରାଯାଇଛି। ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋର ୱେବ୍‌ସାଇଟ୍ ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।




# ପୋଖରୀରେ ବୁଡ଼ି ଭାଇ, ଭଉଣୀ ମୃତ

**ଯାଜପୁର,୨।୨/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗ୍ରାମରେ ପୋଖରୀରେ ବୁଡ଼ି ଭାଇ ଓ ଭଉଣୀଙ୍କ ମୃତ୍ୟୁ ହେବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ଦୁଇ ଜଣ ଚନ୍ଦ୍ରଶେଖର ଗୁରୁଙ୍କ ପୁଅ ଶଙ୍କର ଗୁରୁ( ୧୦) ଓ ଝିଅ ପାର୍ବତୀ ଗୁରୁ (୧୨)। ଉଭୟ ସୋମବାର ଦ୍ୱିପହରରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜା ଖୋଜି କରିବା ପରେ ଗାଁଠୁ ଅଳ୍ପ ଦୂରରେ ଥିବା ଏକ ପୋଖରୀରେ ଚପଲ ଭାସୁଥିବା ଦେଖି ଲୋକଙ୍କ ସନ୍ଦେହ ହୋଇଥିଲା। ସ୍ଥାନୀୟ ଲୋକେ ପୋଖରୀ ମଧ୍ୟରେ ଖୋଜି ଭାଇ ଭଉଣୀଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସଦର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଭାଇଭଉଣୀଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗଣଶିକ୍ଷା ବିଭାଗ ପକ୍ଷରୁ ନୋଡାଲ୍ ଅଧିକାରୀ ନିଯୁକ୍ତ

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ସମସ୍ତ ୩୦ଟି ଜିଲ୍ଲା ପାଇଁ ନୋଡାଲ ଅଧିକାରୀ-ସହ-ପରାମର୍ଶଦାତାଙ୍କୁ ନିଯୁକ୍ତ କରିଛି। ଏହି ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ସୁଗମ କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ରସ୍ତରୀୟ ତଦାରଖ ସୁନିଶ୍ଚିତ କରିବେ। ଏହା ସହିତ ନିୟମିତ କ୍ଷେତ୍ର ପରିଦର୍ଶନ ଏବଂ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା କରି ବିଭାଗର ବିଭିନ୍ନ ଯୋଜନା ଓ ପଦକ୍ଷେପଗୁଡ଼ିକର ନିରନ୍ତର ନିରୀକ୍ଷଣ କରିବେ।

ତେବେ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଅନନ୍ୟା ଦାସଙ୍କୁ ଖୋର୍ଦ୍ଧା ଜିଲ୍ଲା ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଗିରିଶ ଚନ୍ଦ୍ର ସିଂହଙ୍କୁ ଗଜପତି, ମୃଣାଳ କାନ୍ତି ଦାସଙ୍କୁ ବୌଦ୍ଧ, ନିୟତି ପଟ୍ଟନାୟକଙ୍କୁ ଢେଙ୍କାନାଳ, ସ୍ମିତା ରାଉତଙ୍କୁ ନୟାଗଡ ମନୋଜ କୁମାର ପାଢ଼ୀଙ୍କୁ ସୁନ୍ଦରଗଡ଼, ଶିବାଶିଷ ଧଳଙ୍କୁ କେନ୍ଦୁଝର, ବୀରେନ୍ଦ୍ର କୋରକୋରାଙ୍କୁ କୋରାପୁଟ, ଶ୍ରୀକାନ୍ତ ତରାଇଙ୍କୁ କନ୍ଧମାଳ, ବାଳମୁକୁନ୍ଦ ଭୂୟାଁଙ୍କୁ କଳାହାଣ୍ଡି, ଭଗବାନ ବେହେରାଙ୍କୁ ବଲାଙ୍ଗୀର, ସୁମିତା ଦାସଙ୍କୁ କଟକ ଜିଲ୍ଲାରେ ନୋଡାଲ ଅଧିକାରୀ-ସହ-ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ସେହିପରି ଦୁର୍ଗା ପ୍ରସାଦ ମହାପାତ୍ରଙ୍କୁ ସମ୍ବଲପୁର, ଦିପ୍ତିରାଣୀ ସାହୁଙ୍କୁ ପୁରୀ, ଯଦୁମଣି ମହଲାଙ୍କୁ ମୟୁରଭଞ୍ଜ, ଲୋପାମୁଦ୍ରା ମହାନ୍ତିଙ୍କୁ ଜଗତସିଂପୁର, ସମ୍ବିତ କୁମାର ନାୟକଙ୍କୁ ଝାରସୁଗୁଡା, ଭବାନୀ ପ୍ରସାଦ ମିଶ୍ରଙ୍କୁ ସୋନପୁର, ସଙ୍ଗୀତା ବେହେରାଙ୍କୁ ନବରଙ୍ଗପୁର, ସୁମିତା ସାହୁଙ୍କୁ ଭଦ୍ରକ, ରମେଶ ଚନ୍ଦ୍ର ସେଠୀ ନୂଆପଡା, ଶୁଭ୍ରବାଳା ବେହେରାଙ୍କୁ ଅନୁଗୁଳ, ନିବେଦିତା ପାଣିଙ୍କୁ ଦେବଗଡ଼, ଜସ୍ମିନ ପଟ୍ଟନାୟକଙ୍କୁ ଗଞ୍ଜାମ, ସରୋଜ କୁମାର ବେହେରାଙ୍କୁ ରାୟଗଡା, ଲୋପାମୁଦ୍ରା ପଣ୍ଡାଙ୍କୁ କେନ୍ଦ୍ରାପଡ଼ା, ରାଜଶ୍ରୀ ପଟ୍ଟନାୟକଙ୍କୁ ବରଗଡ଼, ଅମିତା ପଟ୍ଟନାୟକଙ୍କୁ ଯାଜପୁର, ବନ୍ଦନା ମହାପାତ୍ରଙ୍କୁ ବାଲେଶ୍ୱର ଓ ଅମୂଲ୍ୟ କୁମାର ପ୍ରଧାନଙ୍କୁ ମାଲକାନଗିରି ଜିଲ୍ଲା ଲାଗି ନିଯୁକ୍ତ କରାଯାଇଛି।

## ରକ୍ତମୁଖା ସାଜିଛି ପାକିସ୍ତାନ ସେନା

# ୧୯୦ ବଲୁଚ୍ ବିଦ୍ରୋହୀ ନିହତ

**କ୍ୱେଟା, ୨।୨।/ଏଜେନ୍ସି:** ପାକିସ୍ତାନୀ ସଶସ୍ତ୍ର ବାହିନୀ ଏବେ ରକ୍ତମୁଖା ସାଜିଛି। ବଲୁଚିସ୍ତାନ ପ୍ରଦେଶରେ ଅନେକ ଆକ୍ରମଣ ପଛରେ ଥିବା ବିଚ୍ଛିନ୍ନତାବାଦୀ (ବିଏଲଏ)ଙ୍କୁ ଖୋଜି ଖୋଜି ମାରୁଛି ପାକ୍ ସେନା। ରିପୋର୍ଟ ଅନୁସାରେ ପାକିସ୍ତାନୀ ସେନା ଓ ବିଦ୍ରୋହୀଙ୍କ ଭିତରେ ଗୁଳିବିନିମୟ ଘଟି ଗତ ଦୁଇ ଦିନ ମଧ୍ୟରେ ବଲୋଚ ବିଦ୍ରୋହୀ, ସାଧାରଣ ନାଗରିକ ଓ ସୁରକ୍ଷା ବାହିନୀଙ୍କ ସମେତ ୧୯୦ରୁ ଅଧିକ ଲୋକ ନିହତ ହୋଇଛନ୍ତି। ବଲୁଚ ପ୍ରଦେଶର



ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ବିଦ୍ରୋହୀମାନେ ବ୍ୟାଙ୍କ, ଜେଲ୍, ପୁଲିସ୍ ଷ୍ଟେସନ୍ ଓ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଅତି କମ୍‌ରେ ୩୧ ଜଣ ସାଧାରଣ ନାଗରିକ ଓ ୧୭ ଜଣ ସୁରକ୍ଷା କର୍ମୀଙ୍କୁ ହତ୍ୟା କରିବାର ଗୋଟିଏ ଦିନ ପରେ ପାକିସ୍ତାନ ସେନା ଏବେ କମ୍ବିଂ ଅପରେସନ ଚଳାଇଛନ୍ତି। ଏଥିରେ ଅତି କମ୍‌ରେ ୧୪୫ ଜଣ ବିଏଲଏ ସଦସ୍ୟ ନିହତ ହୋଇଛନ୍ତି। ସେହିପରି ଗତ ଦୁଇ ଦିନ ଧରି ସମଗ୍ର ପ୍ରଦେଶରେ ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ସଡ଼କ ଯାତାୟାତ ବ୍ୟାହତ ହୋଇଛି ଓ ରେଳ ସେବା ସ୍ଥଗିତ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନ ପକ୍ଷରୁ ବିଏଲ୍‌ଏଙ୍କୁ ଭାରତର ସମର୍ଥନ ଥିବା ଏବଂ ପାକିସ୍ତାନରେ ଘଟୁଥିବା ଆତଙ୍କବାଦୀ କାର୍ଯ୍ୟକଳାପରେ ଭାରତର ହାତ ଥିବା ନେଇ ଯେଉଁ ଅଭିଯୋଗ କରାଯାଇଆସୁଛି ଭାରତ ଏହାକୁ ଖଣ୍ଡନ କରିଛି।

## ଅଜିତ୍ ପୱାରଙ୍କ ଶେଷକୃତ୍ୟ ସମୟରେ ଲୁଟ୍ ଅଭିଯୋଗ

# ୩୦ ଲକ୍ଷ ମୂଲ୍ୟର ସୁନା ଅଳଙ୍କାର ଲୁଟିନେଲେ

**ମୁମ୍ବାଇ, ବାରାମତୀ, ୨।୨/ଏଜେନ୍ସି:** ଏନ୍‌ସିପି ମୁଖ୍ୟ ଅଜିତ ପୱାରଙ୍କ ଶେଷକୃତ୍ୟ ସମୟରେ ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ଚେନ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ୍ ରିପୋର୍ଟ ଅନୁସାରେ ଅଜିତ୍ ପୱାରଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ହଜାର ହଜାର ସଂଖ୍ୟକ ଲୋକେ ରୁଣ୍ଡ ହୋଇଥିବା ବେଳେ ପ୍ରାୟ ୧୫ଜଣଙ୍କ ଠାରୁ ସୁନା ଅଳଙ୍କାର ବିଶେଷକରି ସୁନା ଚେନ୍ ଚୋରି ହୋଇଛି। ଭିଡର ଫାଇଦା ଉଠାଇ ଲୁଟେରାମାନେ ଏହି ୧୫ଜଣଙ୍କୁ ଲୁଟିଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ ବୟାନ୍ ଅନୁସାରେ ଚୋରି ହୋଇଥିବା ଅଳଙ୍କାରର ମୋଟ ମୂଲ୍ୟ ୨୫ ଲକ୍ଷରୁ ୩୦ ଲକ୍ଷ ଟଙ୍କା ମଧ୍ୟରେ ଆକଳନ କରାଯାଉଛି। ଉଲ୍ଲେଖନୀୟ ଯେ, ଅନ୍ତିମ ସଂସ୍କାର ଦିନ ବାରାମତୀରେ ପ୍ରାୟ ୮,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଏହାସତ୍ତ୍ୱେ ଅପରାଧୀମାନେ ଏପ୍ରକାର ଅପରାଧ ଘଟାଇବାରେ ସଫଳ ହୋଇଛନ୍ତି।

ଜାନୁଆରୀ ୨୮ ତାରିଖରେ ଏକ ବିମାନ ଦୁର୍ଘଟଣାରେ ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ଦୁଃଖଦ ମୃତ୍ୟୁ ହୋଇଥିବା ବେଳେ ୨୯ ତାରିଖ ସକାଳ ସମୟରେ ତାଙ୍କର ଶେଷକୃତ୍ୟ ବାରାମତୀର ବିଦ୍ୟା ପ୍ରତିଷ୍ଠାନ ପଡ଼ିଆରେ ପୂର୍ଣ୍ଣ ରାଜ୍ୟ ସମ୍ମାନ ସହିତ ସମ୍ପନ୍ନ ହୋଇଥିଲା। ସାରା ମହାରାଷ୍ଟ୍ରରୁ ଲୋକମାନେ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବହୁ ସଂଖ୍ୟାରେ ପହଞ୍ଚିଥିଲେ ଏବଂ ସମଗ୍ର ସହର ଶୋକରେ ବୁଡ଼ି ଯାଇଥିଲା। ତେବେ ଏହି ଘଟଣାରେ କିଛି ସନ୍ଦିଗ୍ଧ ଚୋରଙ୍କୁ ଧରିବାରେ ଉପସ୍ଥିତ ଲୋକେ ସଫଳ ହୋଇଥିଲେ। ପରେ ଏମାନଙ୍କୁ ପୁଲିସ୍‌କୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣା ବାରାମତୀ ବାସିନ୍ଦାଙ୍କ ମଧ୍ୟରେ ବ୍ୟାପକ କ୍ରୋଧ ସୃଷ୍ଟି କରିଛି।

# ଜାନୁଆରୀରେ ଜିଏସ୍‌ଟି ସଂଗ୍ରହ ୧,୯୩,୩୮୪ କୋଟି

**ନୂଆଦିଲ୍ଲୀ, ୨।୨/ଏଜେନ୍ସି:** ଫେବ୍ରୁଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୬-୨୭ ଅର୍ଥ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଥିବା ବେଳେ ଅନ୍ୟପକ୍ଷେ ଗତ ଜାନୁଆରୀରେ ଜିଏସ୍‌ଟି ସଂଗ୍ରହ ପରିମାଣ ସମ୍ପର୍କୀତ ତଥ୍ୟ ସାମ୍ନାକୁ ଆସିଥିଲା। ଜାନୁଆରୀରେ ମୋଟ୍ ୧,୯୩,୩୮୪ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ୨୦୨୫ ଏହି ସମୟ ବେଳକୁ ଅର୍ଥାତ୍ ଜାନୁଆରୀରେ ସଂଗୃହୀତ ଜିଏସ୍‌ଟି ପରିମାଣ ବା ଆଦାୟ ରାଶି ୧,୮୨,୦୯୪ କୋଟି ଟଙ୍କା ରହିଥିଲା। ତେଣୁ ଗତବର୍ଷ ଜାନୁଆରି ତୁଳନାରେ ଚଳିତବର୍ଷ ଜାନୁଆରିରେ ଜିଏସ୍ ?ଟି ଆଦାୟ ରାଶି ୬.୨% ଅଧିକ ରହିଥିବା ସ୍ପଷ୍ଟ ହୋଇଛି। ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ଯୋଗୁଁ ଜିଏସ୍‌ଟି ଆଦାୟ ପରିମାଣ ବୃଦ୍ଧି ପାଇଛି। ୨୦୨୬ ଜାନୁଆରୀରେ ନିଟ୍ ଜିଏସ୍‌ଟି ରାଶି ୧,୭୦,୭୧୯ କୋଟି ଟଙ୍କା ରହିଥିବା ବେଳେ ଏହା ଗତବର୍ଷ ଜାନୁଆରୀର ନିଟ୍ ଜିଏସ୍‌ଟି ତୁଳନାରେ ୭.୬% ଅଧିକ। ପ୍ରକାଶ, ଚଳିତ ଆର୍ଥିକବର୍ଷର ଏପ୍ରିଲରୁ ଜାନୁଆରୀ ମଧ୍ୟରେ ମୋଟ ଜିଏସ୍‌ଟି ଆଦାୟ ରାଶି ୮.୩% ବୃଦ୍ଧିପାଇ ୧୮,୪୩,୪୨୩ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଉପରୋକ୍ତ ସମୟ ମଧ୍ୟରେ ନିଟ୍ ଜିଏସ୍‌ଟି ଆଦାୟ ରାଶି ୬.୮ ପ୍ରତିଶତ ବୃଦ୍ଧି ଘଟି ୧୫,୯୫,୭୫୨ କୋଟି ଟଙ୍କାରେ ପହଞ୍ଚିଛି। ତେବେ ଜାନୁଆରୀରେ କ୍ଷତିପୂରଣ ସେସ୍‌ରେ ପ୍ରାୟ ୫୫.୬% ହ୍ରାସ ପରିଲକ୍ଷିତ ହୋଇଛି ଯାହାକି ଗତବର୍ଷ ଜାନୁଆରୀରେ ଏହା ୧୩,୦୦୯ କୋଟି ଟଙ୍କା ରହିଥିବା ବେଳେ ଚଳିତବର୍ଷ ଜାନୁଆରୀରେ ଏହା ୫୭୬୮ କୋଟି ଟଙ୍କାରେ ରହିଛି।






## ଚର୍ଚ୍ଚାରେ ମୁକୁନ୍ଦ ନରଭାଣେଙ୍କ ଆତ୍ମଜୀବନୀ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'

# ଅପ୍ରକାଶିତ ବହିକୁ ନେଇ ଲୋକସଭାରେ ଝଡ଼

**ନୂଆଦିଲ୍ଲୀ,୨।୨/ଏଜେନ୍ସି:** ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ଭାରତୀୟ ସ୍ଥଳ ସେନା ମୁଖ୍ୟ ଭାବରେ କାର୍ଯ୍ୟ କରିଥିବା ପୂର୍ବତନ ସେନା ମୁଖ୍ୟ ଜେନେରାଲ୍ ମନୋଜ ମୁକୁନ୍ଦ ନରଭାଣେଙ୍କ ଆତ୍ମଜୀବନୀ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ସଂସଦରେ ହଙ୍ଗାମା ଦେଖିବାକୁ ମିଳିଛି। ପ୍ରକାଶ, ନରଭାଣେଙ୍କ ଉପରେ ଲିଖିତ ଏହି ପୁସ୍ତକ ବର୍ତ୍ତମାନ ସୁଦ୍ଧା ଅପ୍ରକାଶିତ ରହିଛି। ଅନ୍ୟପକ୍ଷେ ଆଜି ଯେତେବେଳେ ଗୃହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବଜେଟ୍ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଆରମ୍ଭ ହୋଇଥିଲା ଠିକ୍ ଏହି ସମୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ଅପ୍ରକାଶିତ ପୁସ୍ତକରୁ 'ଗଲୱାନ୍' ଓ 'ଡୋକଲାମ୍' ସୀମା ବିବାଦ ପ୍ରସଙ୍ଗରେ କିଛି ତଥ୍ୟ ଉପସ୍ଥାପନ କରିବାକୁ ଚାହିଁଥିଲେ। ସେ ଅଭିଯୋଗ କରିଥିଲେ ଯେ, ସୀମାରେ ଚୀନ୍ ଟ୍ୟାଙ୍କ୍ ପ୍ରବେଶ କରିବା ସମୟରେ ରାଜନୈତିକ ନେତୃତ୍ୱ ନିଷ୍ପତ୍ତି ନେଇପାରିନଥିଲେ ଏବଂ ସମସ୍ତ ଦାୟିତ୍ୱ ସେନା ଉପରେ ଛାଡ଼ି ଦିଆଯାଇଥିଲା। ଯେତେବେଳେ ଚୀନ୍ ଟ୍ୟାଙ୍କ୍







ଭାରତୀୟ ସୀମାରେଖା ନିକଟତର ହେବା ସମୟରେ ୫୬ ଇଞ୍ଚର ଛାତି କୁଆଡେ ଯାଇଥିଲା ବୋଲି ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆକ୍ଷେପ କରି କହିଥିଲେ। ଏହି ସମୟରେ ବାଚସ୍ପତି ଓମ୍ ବିର୍ଲା ମଧ୍ୟ ମାଇକ୍ ବନ୍ଦ କରାଇଦେଇଥିଲେ।

ଏସବୁ ମଧ୍ୟରେ ରାହୁଲ ଗାନ୍ଧୀ ଯେତେବେଳେ ଏହି ଅପ୍ରକାଶିତ ପୁସ୍ତକର କିଛି ଅଂଶକୁ ସଂସଦରେ ପଢ଼ିବାକୁ ଚେଷ୍ଟା କରିଥିଲେ ସେତେବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଗୃହମନ୍ତ୍ରୀ ଅମିତ ଶାହ ଏହାକୁ ଜୋରଦାର ବିରୋଧ କରିଥିଲେ। ଏହି ବିବାଦ ଯୋଗୁ ଗୃହର କାର୍ଯ୍ୟଧାରା ବାଧାପ୍ରାପ୍ତ ହେବା ସହ ଏକାଧିକ ବାର ମୁଲତବୀ ରଖାଯାଇଥିଲା। ରାଜନାଥ ସିଂହ ଏହାକୁ ବିରୋଧ କରି କହିଥିଲେ ଯେ, ଯେଉଁ ପୁସ୍ତକ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ, ତାହାର ତଥ୍ୟକୁ ସଂସଦରେ ଗ୍ରହଣ କରାଯାଇପାରିବ ନାହିଁ। ଅନ୍ୟପଟେ, ଜେନେରାଲ୍ ନରଭାଣେଙ୍କ ଏହି ପୁସ୍ତକ ଗତ ଦେଢ଼ ବର୍ଷ ହେବ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମତି ଅପେକ୍ଷାରେ ରହିଛି। ଏଥିରେ 'ଅଗ୍ନିପଥ' ଯୋଜନା ଓ ସୀମା ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଥିବାରୁ ଏହାକୁ ନେଇ ବିତର୍କ ଜାରି ରହିଛି। ରାହୁଲ ପ୍ରଶ୍ନ କରିଛନ୍ତି ଯେ, ସେନା ମୁଖ୍ୟଙ୍କ ଅନୁଭୂତିକୁ ନେଇ ସରକାର କାହିଁକି ଭୟଭୀତ ଅଛନ୍ତି ? ଏପ୍ରକାର ଏକ ପୁସ୍ତକ ପ୍ରକାଶିତ ହେବା ଦ୍ୱାରା ଦେଶର ଜନସାଧାରଣ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାସ୍ତବିକ ରୂପକୁ ଜାଣିଯିବେ ବୋଲି ସରକାର ଭୟ କରୁଛନ୍ତି କି ? ବାରମ୍ବାର ବିରୋଧ ସତ୍ତ୍ୱେ ରାହୁଲ ପ୍ରାୟ ୪୬ ମିନିଟ୍ ପାଇଁ ନିଜ ସ୍ଥାନରେ ଛିଡା ହୋଇ କହିବା ଜାରି ରଖିଲେ। ଏହା ପରେ, ବାଚସ୍ପତି ଲୋକସଭାକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନ ୩ଟାରେ ଲୋକସଭା କାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ମାତ୍ରେ ରାହୁଲ କହିବା ଆରମ୍ଭ କରିଥିଲେ। କିନ୍ତୁ ହଟ୍ଟଗୋଳ ଯୋଗୁଁ, କାର୍ଯ୍ୟଧାରା କେବଳ ୯ ମିନିଟ୍ ପରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ସେହିପରି ଅପରାହ୍ନ ୪ଟାରେ କାର୍ଯ୍ୟଧାରା ପୁନର୍ବାର ଆରମ୍ଭ ହେବା ମାତ୍ରେ ପୁଣି ଥରେ ହଟ୍ଟଗୋଳ ହୋଇଥିଲା ଏବଂ ୧୧ ମିନିଟ୍ ପରେ କାର୍ଯ୍ୟଧାରା ମଙ୍ଗଳବାର ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

ସୂଚନାଯୋଗ୍ୟ, ନରଭାଣେ ନିଜ ଆତ୍ମଜୀବନୀ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'ରେ ଚୀନ୍ ସହ 'ଗଲୱାନ୍' ଓ 'ଡୋକଲାମ୍' ସୀମା ବିବାଦ ଭଳି ଅନେକ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଏହି ପୁସ୍ତକ ଏବେ ପ୍ରକାଶନ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ମିଳିବା ଅପେକ୍ଷାରେ ରହିଛି। ରାହୁଲ ଏହି ପ୍ରସଙ୍ଗ ଉଠାଇବା ସମୟରେ ରାଜନାଥ ସିଂହ ରାହୁଲ ଗାନ୍ଧୀଙ୍କୁ ୧୧ ଥର, ଶାହ ୭ ଥର ବାଧା ଦେଇଥିଲେ। ଏହା ବ୍ୟତୀତ, ତାଙ୍କୁ କିରେନ ରିଜିଜୁ ଦୁଇଥର ଏବଂ ଅନୁରାଗ ଠାକୁର ୬ ଥର ବାଧା ଦେଇଥିଲେ। ଏହାପରେ ଏନଡିଏ ଏବଂ ବିରୋଧୀ ଦଳ ଲୋକସଭାରେ ହଙ୍ଗାମା ସୃଷ୍ଟି କରିଥିଲେ।

## ନିର୍ବାଚନ କମିଶନଙ୍କୁ ମମତାଙ୍କ ଚେତାବନୀ

# ଦିଲ୍ଲୀରେ ହେବ ଏସ୍‌ଆଇଆର୍ ଲଢ଼େଇ



**ନୂଆଦିଲ୍ଲୀ,୨।୨/ଏଜେନ୍ସି:** ଏସ୍‌ଆଇଆର୍ (ସ୍ପେଶାଲ ଇନଟେନସିଭ ରିଭିଜନ୍) ପ୍ରସଙ୍ଗରେ ସୋମବାର ନୂଆଦିଲ୍ଲୀ ସ୍ଥିତ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏକ କଳା ରଙ୍ଗର ଶାଲ୍ ଘୋଡେଇ ହୋଇଥିବା ମମତା ଏହି ଅବସରରେ ନିର୍ବାଚନ ଆୟୋଗଙ୍କୁ ଚେତାବନୀ ମଧ୍ୟ ଦେଇଥିବା ସୂଚନା ମିଳିଛି। ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ କଡା ଚେତାବନୀ ଦେଇ ମମତା କହିଛନ୍ତି, ଯଦି ଆଗାମୀ ଦିନରେ ନିର୍ବାଚନ ଆୟୋଗ ଏସ୍‌ଆଇଆର୍ ପ୍ରସଙ୍ଗରେ ଦାବି ମୁତାବକ କାର୍ଯ୍ୟକ୍ରମ ଗ୍ରହଣ ନକରନ୍ତି ତେବେ ଦିଲ୍ଲୀରେ ଏକ ବଡ଼ ଧରଣର ଏସ୍‌ଆଇଆର୍ ଲଢ଼େଇ ହେବ। ମମତା କହିଛନ୍ତି ଯେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଦିଲ୍ଲୀ ଆଣି ନିର୍ବାଚନ କମିଶନଙ୍କ ସମ୍ମୁଖରେ ପରେଡ୍ କରାଇବେ।

ମମତା ଅଭିଯୋଗ କରିଛନ୍ତି ଯେ, ଏସ୍‌ଆଇଆର୍ ଆଳରେ ପଶ୍ଚିମବଙ୍ଗରେ ପ୍ରକୃତ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଉଛି। କେବଳ ସେତିକି ନୁହେଁ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମମତା ଆଉ ଏକ ବଡ଼ ଅଭିଯୋଗ ମଧ୍ୟ ନିର୍ବାଚନ ଆୟୋଗଙ୍କ ବିରୋଧରେ କରିଛନ୍ତି। ମମତା କହିଛନ୍ତି, ନିର୍ବାଚନ ଆୟୁକ୍ତ ଏବେ ସ୍ୱଚ୍ଛ ତଥା ସ୍ୱୟଂଶାସିତ ଭାବେ କାମ କରୁନାହିଁ ବରଂ ଏହା କେନ୍ଦ୍ରୀୟ ବିଜେପିର ଏକ ଆଇଟି ସେଲ୍ ଭାବେ କାମ କରୁଛି। ଏଭଳି ଏକ ଭ୍ରଷ୍ଟ ନିର୍ବାଚନ ଆୟୋଗ ସେ ପୂର୍ବରୁ କେବେ ଦେଖିନାହାନ୍ତି ବୋଲି ମମତା କହିଛନ୍ତି। ମମତା ଏହି ପରିପ୍ରେକ୍ଷୀରେ ପ୍ରଶ୍ନ କରିଛନ୍ତି ଯେ, ବିଜେପି ଶାସିତ ଆସାମରେ ବେଆଇନ ଅନୁପ୍ରବେଶ ଏକ ବଡ଼ ସମସ୍ୟା ହୋଇଥିବା ବେଳେ ଏଠାରେ କାହିଁକି ଏସ୍‌ଆଇଆର୍ କାର୍ଯ୍ୟକାରୀ କରାଯାଉନାହିଁ। ଅନ୍ୟପକ୍ଷେ ପଶ୍ଚିମବଙ୍ଗକୁ ହିଁ କାହିଁକି କେବଳ ଟାର୍ଗେଟ୍ କରାଯାଉଛି ? ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ମଏଠାରେ ରାଜନୈତିକ ବାତାବରଣକୁ ଖରାପ କରିବା ଉଦ୍ଦେଶ୍ୟରେ ଏସବୁ କରାଉଛି। ମମତାଙ୍କ ଅଭିଯୋଗ ଅନୁଯାୟୀ, ଏସ୍‌ଆଇଆର୍ ବ୍ୟବସ୍ଥା ଜରିଆରେ ବିରୋଧୀ ଦଳର ସମର୍ଥକ ଓ ସାଧାରଣ ନାଗରିକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯାଉଛି। ଏହା ଏକ 'ରାଜନୈତିକ ଷଡ଼ଯନ୍ତ୍ର'। ପ୍ରକାଶ, ମମତାଙ୍କ ଦଳ ଟିଏମ୍‌ସି ଏବେ ଏହି ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କିନ୍ତୁ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ତାଲିକାରୁ ଭୂତ ଭୋଟରଙ୍କୁ ବାଦ୍ ଦେବା ପାଇଁ ଏହା ଏକ ଜରୁରୀ ପଦକ୍ଷେପ ବୋଲି ଦର୍ଶାଇଛି।

## ସୁପ୍ରିମ୍‌କୋର୍ଟଙ୍କ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ସ୍ପଷ୍ଟୀକରଣ

# ଲଦାଖକୁ ନେପାଳ, ବାଂଲାଦେଶ କରିବାକୁ ଚାହୁଁଛନ୍ତି ୱାଙ୍ଗଚୁକ୍

**ନୂଆଦିଲ୍ଲୀ, ୨।୨/ଏଜେନ୍ସି:** ଲେହ ଠାରେ ଘଟିଥିବା ହିଂସାତ୍ମକ ଆନ୍ଦୋଳନ ପଛରେ ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ୍ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ସମ୍ପୃକ୍ତି ରହିଛି। ୱାଙ୍ଗଚୁକ, ଲଦାଖରେ ନେପାଳ, ଶ୍ରୀଲଙ୍କା ଏବଂ ବାଂଲାଦେଶ ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଷଡଯନ୍ତ୍ର କରିଥିଲେ। ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ଆଜି ଏଭଳି କିଛି ଯୁକ୍ତି ରଖିଛନ୍ତି କେନ୍ଦ୍ର ସରକାର।



ୱାଙ୍ଗ୍‌ଚୁକ୍‌ଙ୍କୁ ଅଟକ ରଖାଯିବା ଘଟଣାକୁ କେନ୍ଦ୍ରକରି ସୁପ୍ରିମକୋର୍ଟରେ ଏକ ମାମଲା ଦାୟର କରାଯାଇଥିବା ବେଳେ ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଜଷ୍ଟିସ୍ ପ୍ରସନ୍ନ ବି ଭାରାଲେଙ୍କ ଖଣ୍ଡପୀଠ ଆଜି ଏହା ଉପରେ ଶୁଣାଣି କରିଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ନିଜ ପକ୍ଷ ରଖି କହିଛନ୍ତି ଯେ, ୱାଙ୍ଗଚୁକ୍‌ଙ୍କ ଭାଷଣ ଜନସାଧାରଣଙ୍କୁ ଉତ୍ତେଜିତ କରାଇବା ପାଇଁ ଉଦ୍ଦିଷ୍ଟ ରହିଥିଲା। ଏହାଦ୍ୱାରା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ବିଶେଷ କରି ସୀମାନ୍ତ ଅଞ୍ଚଳ ଭାବେ ଲଦାଖର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ତାଙ୍କୁ ଅଟକ ରଖାଯିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟରେ ଯୁକ୍ତି ବାଢ଼ିଥିଲେ। ମେହେଟ୍ଟା କହିଛନ୍ତି, ୱାଙ୍ଗଚୁକ ନିଜ ଭାଷଣରେ ଯୁବପିଢ଼ିଙ୍କୁ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଓ ରାଜନୈତିକ ଅସ୍ଥିରତାର ଉଦାହରଣ ଦେଇ ଲଦାଖକୁ ମଧ୍ୟ ସେହି ଦିଗକୁ ଠେଲି ଦେବାକୁ ପ୍ରୟାସ କରୁଥିଲେ। ୱାଙ୍ଗଚୁକ୍ ସାମ୍ପ୍ରଦାୟିକ ଓ ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ବଢ଼ାଉଥିଲେ। ଅତି ଚତୁରତାର ସହ ନିଜର ଉତ୍ତେଜନାମୂଳକ ମନ୍ତବ୍ୟ ଉପରେ ଗାନ୍ଧିବାଦୀ ବିଚାରଧାରାର ଏକ ପରଦା ଘୋଡ଼ାଇ ରଖିଥିଲେ। ଜାତୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ମଧ୍ୟରେ କାହାକୁ ମଧ୍ୟ ବିଷ ଓଗାଳିବାକୁ ଅନୁମତି ଦିଆଯାଇପାରିବ ନାହିଁ। ସୂଚନାଯୋଗ୍ୟ ଯେ, ସେପଟେମ୍ବର ୨୦୨୫ରେ ଲଦାଖରେ ହୋଇଥିବା ହିଂସାତ୍ମକ ଆନ୍ଦୋଳନ ପରେ ୱାଙ୍ଗଚୁକଙ୍କୁ ଗିରଫ କରାଯାଇ ଯୋଧପୁର ଜେଲରେ ରଖାଯାଇଛି।

# ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗ: ଆଇସିଜେ ଆଦେଶ ମାନିବନି ଭାରତ

**ନୂଆଦିଲ୍ଲୀ, ହେଗ୍, ୨।୨/ଏଜେନ୍ସି:** ସିନ୍ଧୁ ଜଳ ଚୁକ୍ତିନାମା ଉପରେ ଅନ୍ତର୍ଜାତୀୟ କୋର୍ଟ (ଆଇସିଜେ)ଙ୍କ ଏକ ମଧ୍ୟସ୍ଥତା କୋର୍ଟ ଦେଇଥିବା ଆଦେଶକୁ ମଧ୍ୟ ଭାରତ ସ୍ୱୀକାର କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଫଳରେ ପାକିସ୍ତାନ ଭାରତ ବିରୋଧରେ ଯେଉଁ ନ୍ୟାୟିକ ଚାଲ୍ ଖେଳିଥିଲା ତାହା ଏବେ ବିଫଳ ହୋଇଯାଇଛି। ଆଇସିଜେଙ୍କ ନିର୍ଦ୍ଦେଶନାମା ଉପରେ ଭାରତ ନିଜ ପକ୍ଷ ରଖି କହିଛି ଯେ, ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ଭାରତର ବାର୍ତ୍ତା ସ୍ପଷ୍ଟ ରହିଛି। ଭାରତ ସିନ୍ଧୁ ଜଳ ଚୁକ୍ତିକୁ ଖାରଜ କରିଥିବା ନିଷ୍ପତ୍ତିରେ ଅଟଳ ରହିଛି ଏବଂ ଏହା ଜାରି ରହିବ। ଚୁକ୍ତିନାମା ଭୂମିଗତ ବାସ୍ତବତାଠାରୁ ପୃଥକ୍ ଭାବରେ କାର୍ଯ୍ୟ କରିପାରିବ ନାହିଁ ବୋଲି ଭାରତ ଦର୍ଶାଇଛି। ଏପରି କହିବା ସହ ସିନ୍ଧୁ ଜଳ ଚୁକ୍ତି ସହ ଜଡିତ ପ୍ରସଙ୍ଗରେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତର ଆଦେଶକୁ ଭାରତ ସ୍ପଷ୍ଟ ଭାବରେ ଗ୍ରହଣ କରିବାକୁ ମନା କରିଦେଇଛି।


ଭାରତର ସିନ୍ଧୁ ଜଳ ଚୁକ୍ତି ବାତିଲ କରିବା ପ୍ରସଙ୍ଗରେ ପାକିସ୍ତାନ ହେଗ୍ ସ୍ଥିତ ଅନ୍ତର୍ଜାତୀୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆଇସିଜେ ସିନ୍ଧୁ ଜଳ ଚୁକ୍ତିନାମା ଅଧୀନରେ ନୂତନ ଶୁଣାଣି ଏବଂ ଦସ୍ତାବିଜ ଆଦେଶ ସହିତ ଆଗକୁ ବଢୁଥିବା ବେଳେ, ନିକଟରେ ଅନ୍ତର୍ଜାତୀୟ ଅଦାଲତ ସିନ୍ଧୁ ଜଳ ବିବାଦ ପରିପ୍ରେକ୍ଷୀରେ ଭାରତକୁ ଏହାର ଜଳ ବିଦ୍ୟୁତ୍ କେନ୍ଦ୍ରର କାର୍ଯ୍ୟକ୍ଷମ ରେକର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହାଦ୍ୱାରା ଏହାକୁ ପରବର୍ତ୍ତୀ ଶୁଣାଣିରେ ବ୍ୟବହାର କରାଯାଇପାରିବ। ଆସନ୍ତା ୯ ତାରିଖ ସୁଦ୍ଧା ଏହି ଦସ୍ତାବିଜ ହସ୍ତାନ୍ତର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଅନ୍ୟପକ୍ଷେ ଭାରତ ଦର୍ଶାଇଛି ଯେ, ଏହି ମଧ୍ୟସ୍ଥତା ଅଦାଲତ ବେଆଇନ ପ୍ରକ୍ରିୟାରେ ଗଠନ ହୋଇଛି ଏବଂ ଭାରତ ଏହାର ଆଦେଶକୁ ସ୍ୱୀକୃତି ଦିଏ ନାହିଁ। ସୁତରାଂ ଏବେ ଜାରି ରହିଥିବା ଶୁଣାଣି ପ୍ରକ୍ରିୟାରେ ଭାରତ କୌଣସି କାଉଣ୍ଟର ମେମୋରିଆଲ୍ ଦାଖଲ କରିନାହିଁ କିମ୍ବା ଏଥିରେ ଅଂଶଗ୍ରହଣ କରିବାର କୌଣସି ସୂଚନା ଦେଇନାହିଁ। ସୂଚନାଯୋଗ୍ୟ, ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆନୁଷ୍ଠାନିକ ଭାବେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ସେବେଠାରୁ ପାକିସ୍ତାନ ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ସ୍ତରରେ ନିଜ ପକ୍ଷ ରଖି ଭାରତକୁ ବଦନାମ୍ କରିବାକୁ ଚକ୍ରାନ୍ତ ଜାରି ରଖିଛି।

## ମଣିପୁରରେ ରାଜନୈତିକ ହଲ୍‌ଚଲ୍

# ୧୨ରେ ଶେଷ ହେବ ରାଷ୍ଟ୍ରପତି ଶାସନ: ସରକାର ଗଠନ କରିବାକୁ ଏନ୍‌ଡିଏ ଆଗଭର

**ନୂଆଦିଲ୍ଲୀ,ଇମ୍ଫାଲ, ୨।୨/ଏଜେନ୍ସି:** ମଣିପୁରରେ ଗତ ଏକ ବର୍ଷ ଧରି ଲାଗୁ କରାଯାଇଥିବା ରାଷ୍ଟ୍ରପତି ଶାସନର ଅବଧି ଆସନ୍ତା ୧୨ ତାରିଖରେ ଶେଷ ହେବ। ସୁତରାଂ ଏଥର ଏଠାରେ ସରକାର ଗଠନ କରିବାକୁ ସବୁ ରାଜନୈତିକ ଦଳ ଚଳଚଞ୍ଚଳ ହୋଇ ଉଠିଛନ୍ତି। ବିଶେଷକରି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଏଠାରେ ସରକାର ଗଠନ କରିବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଦେଇଛି। ମୋଟାମୋଟି ଭାବେ କହିବାକୁ ଗଲେ ମଣିପୁରରେ ଏବେ ଏକରକମ ରାଜନୈତିକ ହଲ୍‌ଚଲ୍ ଦେଖିବାକୁ ମିଳୁଛି।

ରିପୋର୍ଟ ଅନୁସାରେ ରାଷ୍ଟ୍ରପତି ଶାସନ କାର୍ଯ୍ୟକାଳ ଶେଷ ହେବା ପରେ ପରେ ରାଜ୍ୟରେ ଏକ ସ୍ଥିର ସରକାର ପାଇଁ ରାଜ୍ୟବାସୀ ସ୍ୱପ୍ନ ଦେଖୁଛନ୍ତି। ଏହାକୁ ପାଥେୟ କରି ମଣିପୁରରେ ଏକ ଲୋକାଦୃତ ସରକାର ପୁନଃସ୍ଥାପିତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ, ବିଜେପିର କେନ୍ଦ୍ରୀୟ ନେତୃତ୍ୱ ମଣିପୁରର ସମସ୍ତ ଏନ୍‌ଡିଏ ବିଧାୟକଙ୍କୁ ଦିଲ୍ଲୀ ଡକାଇ ଏକ ବୈଠକ କରିବା ପୂର୍ବକ ମଣିପୁରର ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ମଣିପୁର ବିଜେପି ସଭାପତି ଅଧିରାଜମାୟୁମ୍ ଶାରଦା ଦେବୀ ଓ ୨୦ ରୁ ଅଧିକ ବିଜେପି ବିଧାୟକ ସାମିଲ ହୋଇଥିବା ସୂଚନା ମିଳିଛି। ଏନ୍‌ଡିଏର ସହଯୋଗୀ ଦଳ ନ୍ୟାସନାଲ ପିପୁଲ୍ସ ପାର୍ଟି ଓ ନାଗା ପିପୁଲ୍ସ ଫ୍ରଣ୍ଟର ବିଧାୟକମାନଙ୍କୁ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯାଇଥିଲା। ବିଜେପି ରାଜ୍ୟ ୟୁନିଟ୍



ସଭାପତି ଦିଲ୍ଲୀ ଯିବା ପୂର୍ବରୁ ଇମ୍ଫାଲ ବିମାନବନ୍ଦରରେ ସୂଚନା ଦେଇ କହିଥିଲେ ଯେ, ରାଜ୍ୟରେ ଖୁବ୍ ଶୀଘ୍ର ଏକ ସ୍ଥିର ସରକାର ଗଠନ ହେବ। ତେବେ ରାଜ୍ୟର ଦାୟିତ୍ୱ କିଏ ନେବ ଅର୍ଥାତ୍ ଏନ୍‌ଡିଏ ଦଳର ନେତା ଭାବେ କିଏ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବେ ସେନେଇ ସେ କିଛି ବି ସୂଚନା ଦେଇନାହାନ୍ତି। ଲାମସାଙ୍ଗ ବିଧାୟକ ଏସ. ରାଜେନ ସିଂହ କହିଛନ୍ତି, ମଣିପୁରରେ ଏନ୍‌ଡିଏ ସରକାର ଗଠନ ହେବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟର ବର୍ତ୍ତମାନର ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ବିଶ୍ଲେଷଣ ପରେ କେନ୍ଦ୍ରୀୟ ନେତୃତ୍ୱ ମୁଖ୍ୟମନ୍ତ୍ରୀ ପଦ ପାଇଁ ଯୋଗ୍ୟବ୍ୟକ୍ତିଙ୍କୁ ଚୟନ କରିବେ।

ଅନ୍ୟପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂହ ବୈଠକ ସମ୍ପର୍କରେ ସକାରାତ୍ମକ ମନୋଭାବ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ସମସ୍ତ ସହଯୋଗୀଙ୍କୁ ନିମନ୍ତ୍ରଣ କରାଯାଇଥିବାରୁ ସେ ଏକ ଭଲ ଫଳାଫଳ ଆଶା କରୁଛନ୍ତି। ପ୍ରକାଶ, ୬୦ ଜଣିଆ ସଦସ୍ୟ ବିଶିଷ୍ଟ ମଣିପୁର ବିଧାନସଭାରେ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ୍ ନଂ ଏବେ ଏନ୍‌ଡିଏ ସପକ୍ଷରେ ରହିଛି। ସରକାର ଗଠନ ପାଇଁ ୩୧ ଜଣ ବିଧାୟକଙ୍କ ଆବଶ୍ୟକତା ରହିଛି। ସମ୍ପ୍ରତିର ବିଧାନସଭାରେ ବିଜେପିର ୩୭ ବିଧାୟକ ଥିବା ବେଳେ ସହଯୋଗୀ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୬ ବିଧାୟକ ଓ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ର ୫ ବିଧାୟକ ଅଛନ୍ତି।ମଣିପୁରରେ ସରକାର ଗଠନ ପ୍ରକ୍ରିୟା ଏପରି ଏକ ସମୟରେ ହେବାକୁ ଯାଉଛି ଯେତେବେଳେ କି ରାଜ୍ୟରେ ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟ ସାମ୍ପ୍ରଦାୟିକ ବା ଜାତିଗତ ହିଂସା ଚରମ ସୀମାରେ ରହିଛି। ମେ' ୨୦୨୩ ପରଠାରୁ, ରାଜ୍ୟରେ ମୈତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସାରେ ୨୬୦ରୁ ଅଧିକ ଲୋକଙ୍କର ଜୀବନ ଯାଇଛି। ହଜାର ହଜାର ଲୋକ ଭିଟାମାଟିରୁ ବେଘର ହୋଇଛନ୍ତି। ଗତ ବର୍ଷ ଫେବୃଆରୀ ୧୩ରେ ଏନ. ବୀରେନ ସିଂହଙ୍କ ଇସ୍ତଫା ପରେ କେନ୍ଦ୍ର ସରକାର ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରି ବିଧାନସଭାକୁ ସ୍ଥଗିତ ରଖିଥିଲେ। ବର୍ତ୍ତମାନର ବିଧାନସଭାର କାର୍ଯ୍ୟକାଳ ୨୦୨୭ରେ ଶେଷ ହେବାକୁ ଯାଉଛି।

# ରୁପା ମୂଲ୍ୟ ୬୨୫୧ ଟଙ୍କା ହ୍ରାସ

**ନୂଆଦିଲ୍ଲୀ, ୨।୨/ଏଜେନ୍ସି:** ବଜେଟ୍ ଉପସ୍ଥାପନ ହେବାର ଗୋଟିଏ ଦିନ ପରେ ଅର୍ଥାତ୍ ଆଜି ଦିନରେ ରୂପା ମୂଲ୍ୟ ହ୍ରାସ ପାଇଛି। ଇଣ୍ଡିଆ ବୁଲିଆନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଏଜେ) ଅନୁଯାୟୀ, ଏକ କିଲୋ ରୂପା ୬,୨୫୧ ଟଙ୍କା ହ୍ରାସ ପାଇ ୨,୫୯,୫୦୦ ଟଙ୍କା ହୋଇଛି। ପୂର୍ବରୁ ଏହା ୨,୬୫,୭୫୧ ଟଙ୍କା ଥିଲା। ତିନୋଟି ବ୍ୟବସାୟିକ ଦିନରେ ରୂପାର ମୂଲ୍ୟ ୧.୨୦ ଲକ୍ଷ ଟଙ୍କା ହ୍ରାସ ପାଇଛି। ଅନ୍ୟପକ୍ଷେ ଆଜି ଦିନରେ ସୁନା ମୂଲ୍ୟରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିଥିଲେ ମଧ୍ୟ ଏହା ସୀମିତ ରହିଛି। ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୪୯ ଟଙ୍କା ବୃଦ୍ଧି ପାଇ ୧,୪୮,୭୪୬ ଟଙ୍କା ହୋଇଛି। ପୂର୍ବରୁ, ଗତ ଦୁଇଟି ବ୍ୟବସାୟିକ ଦିନରେ ଏହାର ମୂଲ୍ୟ ୨୬,୦୦୦ ଟଙ୍କା ହ୍ରାସ ପାଇଥିଲା। ବିଶେଷଜ୍ଞଙ୍କ ମତରେ, ସୁନା ଏବଂ ରୂପାର ମୂଲ୍ୟରେ ହ୍ରାସ ଲାଭ ବୁକିଂ ଯୋଗୁଁ ହୋଇଛି।



# ଜମ୍ମୁ କାଶ୍ମୀରରେ ମୃଦୁ ଭୂକମ୍ପ

**ଶ୍ରୀନଗର,୨।୨।/ଏଜେନ୍ସି:** ସୋମବାର ଜମ୍ମୁ କାଶ୍ମୀରରେ ବଡ ଧରଣର ଭୂକମ୍ପ ଝଟକା ଅନୁଭୂତ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସକାଳ ୫ଟା ୩୫ ସମୟରେ ଜମ୍ମୁ ଏବଂ କାଶ୍ମୀରର ବାରମୁଲ୍ଲା ଜିଲ୍ଲାରେ ୪.୬ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ବାରାମୁଲ୍ଲାରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳୀ ରହିଥିବା ଜଣାପଡିଛି। ଭୂକମ୍ପ ଅନୁଭୂତ ହେବା ପରେ ବାରାମୁଲାର ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା କୌଣସି କ୍ଷୟକ୍ଷତି ନେଇ ସୂଚନା ମିଳିନାହିଁ।

# ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ପୁରୀରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**ପୁରୀ,୨।୨/ଏନ୍‌ଏନ୍‌ଏସ୍‌:** ଆସନ୍ତାକାଲି ଅପରାହ୍ନରେ ପୁରୀ ଗସ୍ତ ରେ ଆସୁଛନ୍ତି ଦେଶର ପ୍ରଥମ ନାଗରିକ ମ୍ୟାଡ଼ାମ ପ୍ରେସିଡେଣ୍ଟ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପୁରୀ ରିଜର୍ଭ ପୋଲିସ ଲାଇନ୍ ପଡ଼ିଆରେ ପୋଲିସ ବ୍ରିଫିଂ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ଏସପି ପ୍ରତୀକ ସିଂହ ବ୍ରିଫିଂ କରିଛନ୍ତି। ୩୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ମହାମହିମଙ୍କ ସୁରକ୍ଷା ଦାୟିତ୍ୱ ରେ। ଆଜି ଅପରାହ୍ନରେ କାରକେଡ୍ ରିହରସାଲ ହେଲିପ୍ୟାଡ଼, ଲୋକଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ, ଶ୍ରୀମନ୍ଦିର ଭିତରେ ଓ ବାହାରେ ରହିବ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ହୋଇଛି। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।





କଡା ସୁରକ୍ଷା ମଧ୍ୟରେ ରହିବ ପୁରୀ ସହର। ରୁଟ ପ୍ଲାନିଂ ଶେଷ ହୋଇଛି। ବ୍ଲୁ ବୁକ୍ ସୁରକ୍ଷା ଅନୁଯାୟୀ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩ ତାରିଖ ଅପରାହ୍ନ ୫ ଟାରେ ରାଷ୍ଟ୍ରପତି ପୁରୀରେ ପହଞ୍ଚି ଲୋକଭବନ ଯିବେ। ତେଣୁ ଲୋକଭବନ କୁ ସୁନ୍ଦର ଆଲୋକମାଳାରେ ସଜାଯାଇଛି। ସ୍ୱତନ୍ତ୍ର ସୁରକ୍ଷା ୟୁନିଟ, ଆଣ୍ଟି ଡ୍ରୋନ ୟୁନିଟ, ଆଣ୍ଟି ସାବୋଟାଇସ ଚେକ, ବୋମା ନିଷ୍କ୍ରିୟକାରୀ ଦଳ ,ଓଡ୍ରାଫ୍ ଟିମ୍ ମୁତୟନ କରାଯାଉଛି। ସହରରେ ରାତ୍ରିକାଳୀନ ନାକା ଓ ଚେକିଂକୁ କଡାକଡି କରାଯାଇଛି। ରାଷ୍ଟ୍ରପତି ୪ ତାରିଖ ସକାଳ ୭ ଟା ରେ ଶ୍ୱେତଗଙ୍ଗା ପୁଷ୍କରିଣୀ ଯାଇ ପିଣ୍ଡଦାନ କରିବେ। ସକାଳ ୭.୪୦ ରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ।ରାଷ୍ଟ୍ରପତିଙ୍କ ଗସ୍ତ କାରକେଡ ସମସ୍ତ ରୁଟ୍ ରେ ସାଧାରଣ ଯାତାୟାତ ବନ୍ଦ ରହିବ। ରୁଟ ଲାଇନ୍ ଏରିଆକୁ ବିଭିନ୍ନ ଜୋନରେ ବିଭକ୍ତ କରାଯାଇଛି। ପ୍ରତି ଜୋନ ଦାୟିତ୍ୱରେ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ରହିବେ। ଶ୍ୱେତଗଙ୍ଗା, ବାଲି ସାହି ରାସ୍ତା, ଶ୍ରୀମନ୍ଦିର ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା ରହିବ। ପୁରୀ ବାସୀ ,ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଯିବା ,ଆସିବା ପାଇଁ ବିକଳ୍ପ ରୁଟ୍ ର ବ୍ୟବସ୍ଥା କରାଯାଇଛି। ହସ୍ପିଟାଲ ଛକରୁ ସମସ୍ତ ଯାନବାହାନକୁ ଡାଇଭଟ କରାଯିବ। ତେବେ ୪ ତାରିଖ ସକାଳ ୭ ଟା ରେ ରାଷ୍ଟ୍ରପତି କଡା ସୁରକ୍ଷା ମଧ୍ୟରେ ଶ୍ୱେତଗଙ୍ଗା ଯାଇ ପିଣ୍ଡଦାନ କରିବେ। ତେଣୁ ନୂଆ ରୂପ ପାଇଛି ଶ୍ୱେତଗଙ୍ଗା ପୁଷ୍କରିଣୀ। ପୁଷ୍କରିଣୀକୁ ସଂପୂର୍ଣ୍ଣ ବିଶୋଧନ କରାଯାଇଛି। ବ୍ଲିଚିଂ ପାଉଡର, ଚୂନ ଓ ଫିଟିକିରି ପକାଯାଇ ପାଣି ସଫା କରାଯାଇଛି। ସେହିପରି ଶ୍ୱେତଗଙ୍ଗା ପୁଷ୍କରିଣୀରୁ ଆବର୍ଜନା, ଶିଉଳି ସଫା କରାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ୱେତଗଙ୍ଗା ପୁଷ୍କରିଣୀର ଗୋଟିଏ କୋଣରେ ସ୍ନାନ ସହ ପିଣ୍ଡଦାନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ରାଷ୍ଟ୍ରପତି ଓ ତାଙ୍କ ପରିବାର ଲୋକେ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ସାବତ ନିଯୋଗର ବିପିନ ପତ୍ରୀ ପିଣ୍ଡଦାନ କରିବେ। ସାଧାରଣ ମଣିଷ ଯେଭଳି ଅସ୍ଥି ବିସର୍ଜନ ଓ ପିଣ୍ଡଦାନ କରିଥାଏ ସେହିପରି ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ପିଣ୍ଡଦାନ କାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରି ରଖାଯାଇଛି।ଶ୍ୱେତଗଙ୍ଗା ପୁଷ୍କରିଣୀର ଚତୁଃ ପାର୍ଶ୍ୱରେ ରୁଫ ଟଫ୍ ସୁରକ୍ଷା ବ୍ୟବସ୍ଥା ରହିବ। କେବଳ ପିଣ୍ଡଦାନ ପାଇଁ ରାଷ୍ଟ୍ରପତି ଭବନରୁ ଅନୁମତି ପାଇଥିବା ୩ ଜଣଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଉପସ୍ଥିତ ରହିବେ। ରାଷ୍ଟ୍ରପତି ଶ୍ୱେତଗଙ୍ଗା ପୁଷ୍କରିଣୀକୁ ପିଣ୍ଡଦାନ କରିବାକୁ ଆସିବାର ଯଥେଷ୍ଟ ପୂର୍ବରୁ ଶ୍ରୀମନ୍ଦିରରୁ ବାଲିସାହି ଦେଇ ସ୍ୱର୍ଗଦ୍ୱାରକୁ ସଂଯୋଗ କରୁଥିବା ରାସ୍ତା ସଂପୂର୍ଣ୍ଣ ଭାବେ ସିଲ ହେବ। ତେବେ ରାଷ୍ଟ୍ରପତି କଣ ପାଇଁ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବେ। କଣ ରହିଛି ଶ୍ୱେତଗଙ୍ଗାରେ ମାହାତ୍ମ୍ୟ। ବନାରସରେ ଯେପରି ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ତୀର୍ଥ ଅଛି ପୁରୀରେ ମଧ୍ୟ ପଞ୍ଚ ତୀର୍ଥ ପୁଷ୍କରିଣୀ ରହିଛି। ବିଶ୍ୱାସ ରହିଛି ଶ୍ରୀକ୍ଷେତ୍ରରେ ପଞ୍ଚ ତୀର୍ଥ ପୁଷ୍କରିଣୀରେ ସ୍ନାନ କଲେ ଆଉ ମଣିଷର ପୁନର୍ଜନ୍ମ ହୁଏ ନାହି। ପିଣ୍ଡଦାନ ଓ ବୁଡ଼ ପକାଇଲେ ମୁକ୍ତି ମିଳେ। ପବିତ୍ର ଶ୍ୱେତଗଙ୍ଗା ପୁଷ୍କରିଣୀ ଗଙ୍ଗା ନଦୀ ସହ ସଂଯୋଗ ଥିବାର ଅନେକ ଜନଶ୍ରୁତି ରହିଛି। ତେବେ ମ୍ୟାଡ଼ାମ ପ୍ରେସିଡେଣ୍ଟଙ୍କ ସ୍ୱାଗତ ପାଇଁ ପୁରୀ ସଜେଇ ହେବାସହ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି ଏବେ କେବଳ ମହାମହିମଙ୍କ ଆଗମନକୁ ଅପେକ୍ଷା।

## ଦିଲ୍ଲୀରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଛାତ୍ରଙ୍କ କୃତିତ୍ୱ



**ସାଲେପୁର,୨।୨/ଏନ୍‌ଏନ୍‌ଏସ୍‌:** ସାଲେପୁର ପିଏମଶ୍ରୀ ସାଲେପୁର ହାଇସ୍କୁଲ ଏନ.ସି.ସି ର ୯ମ ଶ୍ରେଣୀର ଛାତ୍ର ସ୍ୱୟଂସିଦ୍ଧ ମହାନ୍ତି ଗତ ୨୬ ତାରିଖ ସାଧାରଣ ତନ୍ତ୍ର ଦିବସରେ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ପ୍ୟାରେଡରେ ଓଡିଶାରୁ ଯୋଗଦେଇ ଥିଲେ। ସେଠାରେ ଉଚ୍ଚ କୋଟିର ପ୍ୟାରେଡ ପ୍ରଦର୍ଶନ କରି ସ୍ୱୟଂ ସିଦ୍ଧ ରାଜ୍ୟର ଗୌରବ ବଜାଇ ରଖିବା ସହିତ ପିଏମଶ୍ରୀ ସାଲେପୁର ହାଇସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ଆସନ୍ତା ଫେବୃଆରୀ ୩ ତାରିଖ ଦିନ ଓଡ଼ିଶାର ମହାମହିମ ରାଜ୍ୟପାଳ ସ୍ୱୟଂସିଦ୍ଧଙ୍କୁ ସ୍ୱର୍ଣ୍ଣ ପଦକ ସହିତ ନଗଦ ୧୦ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଦେବେ ବୋଲି ପିଏମଶ୍ରୀ ସାଲେପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପରିଡା ପ୍ରକାଶ କରିଛନ୍ତି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ଚାରିଛକ,୨।୨/ଏନ୍‌ଏନ୍‌ଏସ୍‌:** ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଗତ ୩୧ ଜାନୁୟାରୀରେ ତାଙ୍କ ସରକାରୀ ଚାକିରିରୁ ଅବସରପରେ ନୂତନ ଅଧ୍ୟକ୍ଷ ଭାବେ ଉକ୍ତ ମହାବିଦ୍ୟାଳୟର ମନସ୍ତତ୍ୱ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡଃ ଅଶୋକ କୁମାର ବିଶ୍ୱାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡଃ ବିଶ୍ୱାଳ ଉକ୍ତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଡଃ ବିଶ୍ୱାଳ ନୂତନ ଅଧ୍ୟକ୍ଷ ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନେ ଫୁଲତୋଡା ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ।

## ଫାଇନାନ୍ସ ଟଙ୍କା ଆଦାୟ ନାଁରେ ଠକେଇ କରି ଅଡୁଆରେ ଯୁବକ



**ଓଡ଼ଗାଁ,୨।୨/ଏନ୍‌ଏନ୍‌ଏସ୍‌:** ଲୋକଙ୍କୁ ବିଭିନ୍ନ ଉପାୟରେ ଠକିବାକୁ କିଏ କେତେ ତରିକା ଆପଣାଉଛନ୍ତି।ଓଡ଼ଗାଁ ଆଦର୍ଶ ଅନ୍ତର୍ଗତ ଥାନା କୁରାଳ ପଞ୍ଚାୟତ ଦଣ୍ଡୋର ଗ୍ରାମରେ ଫାଇନାନ୍ସ ଟଙ୍କା ଆଦାୟ କରିବାକୁ ଯାଇ ଜଣେ ଯୁବକ ଧରାପଡ଼ିଛନ୍ତି। ଯୁବକଙ୍କୁ ଗ୍ରାମବାସୀମାନେ ଅଟକରଖି ପୁଲିସ ଜିମା ଦେଇଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ ରାବେରା ପଞ୍ଚାୟତ ଗୋଠବଣ ଗ୍ରାମର ଦେବାଶିଷ ପାଣିଗ୍ରାହୀ ଦଣ୍ଡୋର ଗ୍ରାମରେ ପହଞ୍ଚି ଫାଇନାନ୍ସ କମ୍ପାନୀରୁ ଆସିଥିବା କହି ଲୋକଙ୍କ ଠାରୁ ଟଙ୍କା ଆଦାୟ କରିବାକୁ ଚେଷ୍ଟା କରିଥିଲେ। ଲୋକମାନେ ଏହି ବ୍ୟକ୍ତିର ଆବଭାବରୁ ଜଣେ ଠକବୋଲି ଜାଣିବା ପରେ ମେଳିହୋଇ ଦେବାଶିଷଙ୍କୁ ଗାଁରେ ଅଟକ ରଖିଥିଲେ। କେଉଁ ଫାଇନାନ୍ସରୁ ଆସିଛ କିଏ ପଠାଇଛି ବୋଲି ଲୋକେ ପଚାରିଥିଲେ ମଧ୍ୟ କିଛି ଉତ୍ତରଦେଇ ପାରିନଥିଲେ। ଫଳରେ ଯୁବକକୁ ଅଟକ ରଖିବାପରେ ପୁଲିସ ଜିମା ଦେଇଥିବା ଜଣାପଡିଛି। ଖବରପାଇ ପୁଲିସ ପହଞ୍ଚି ଦେବାଶିଷଙ୍କୁ ଥାନାକୁ ଆଣି ଲିଖିତ ଭାବେ ଚୁକ୍ତିପତ୍ର ଲେଖି ଛାଡିଥିବା ଥାନା ପକ୍ଷରୁ ଜଣାପଡିଛି।

## ଘରୋଇ ଶିକ୍ଷାନୁଷ୍ଠାନରେ ପାଠପଢ଼ା ଠପ୍, ବଢୁଛି ଶୋଷଣ

**ନୟାହାଟ,୨।୨/ଏନ୍‌ଏନ୍‌ଏସ୍‌:** ନୟାହାଟ ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଘରୋଇ ଶିକ୍ଷା ଅନୁଷ୍ଠାନ ଛତୁ ଫୁଟିବା ଭଳି ସ୍ଥାପିତ ହେଉଥିବା ବେଳେ ଏଥିରେ କିଛି ଦଲାଲ ପଦ ପଦବୀରେ ରହି ଦଲାଲି କରୁଥିବା ଅଭିଯୋଗ ହେଉଛି। ସରକାରୀ ସ୍କୁଲରେ ମାଗଣା ବହି ପୋଷାକ ଖାଦ୍ୟ, ଜୋତା ସରକାରଙ୍କ ତରଫରୁ ମାଗଣା ଦିଆଯାଉଥିବା ବେଳେ ଛାତ୍ରଛାତ୍ରୀମାନେ ସରକାରୀ ସ୍କୁଲରେ ଉପସ୍ଥାନ ବଢୁଥିବା ବେଳେ ବେସରକାରୀ ସ୍କୁଲରେ ଉପସ୍ଥାନ କମିବାରେ ଲାଗିଛି। କାରଣ ବେସରକାରୀ ସ୍କୁଲରେ ରାଜନୀତି ବେଶୀ ପାଠପଢ଼ା କମ୍। ବେସରକାରୀ ସ୍କୁଲରେ ଗୁରୁଜୀ ଓ ଗୁରୁମାମାନେ ଅଣତାଲିମ ପ୍ରାପ୍ତ ହୋଇଥିବା ବେଳେ ସରକାରୀ ସ୍କୁଲରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଲିମପ୍ରାପ୍ତ ହୋଇଥିଲେ ମଧ୍ୟ ସେଠାରେ ପାଠ ପଢା ବେସରକାରୀ ଶିକ୍ଷାନୁଷ୍ଠାନ ଅପେକ୍ଷା ଉନ୍ନତ ଧରଣର। କୋମଳମତୀ ପିଲାମାନଙ୍କୁ ଗୁରୁଜୀ ଗୁରୁମାମାନେ ଗାଁ ମାନଙ୍କୁରୁ ଆଣି ସତ ମିଛ କହି ଜାଲରେ ପକାଇବା ପରେ ଶୋଷଣ କରିଥାନ୍ତି। କେତେକ ଅଭିଭାବକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ପ୍ରତି ମାସରେ ଦରମା ଓ ଗାଡ଼ି ବାବଦ ହଜାର ହଜାର ଟଙ୍କା ଗଣୁଛୁ, ସରକାରୀ ସ୍କୁଲରେ ତାହା ନାହିଁ। ଗତ କିଛିଦିନ ତଳେ ଗୋଟେ ବେସରକାରୀ ଶିକ୍ଷାନୁଷ୍ଠାନରେ ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ସେଥିରେ ବ୍ୟାପକ ଅବ୍ୟବସ୍ଥା ହେବା ପରିଲକ୍ଷିତ ହୋଇଛି। ଅଣ ସାମ୍ବାଦିକଙ୍କୁ ଡ଼ାକିଥିବାରୁ ସାମ୍ବାଦିକଙ୍କ ମହଲରେ ଅସନ୍ତୁଷ୍ଟ ପରିଲକ୍ଷିତ ହୋଇଥିଲା। ବେସରକାରୀ ଶିକ୍ଷାନୁଷ୍ଠାନ ବିଭିନ୍ନ ସମୟରେ ଅଭିଭାବକମାନଙ୍କୁ ଶୋଷଣ କରୁଥିବାରୁ କିଛି ଅଭିଭାବକ ଅତିଷ୍ଠ ହୋଇ କହିଥିଲେ ଯେ ପିଲାମାନଙ୍କୁ କଅଁଳ କଥା କହି ଆମ ଠାରୁ ନେଲା ପରେ ଚାରି ହଜାରରୁ ପାଞ୍ଚହଜାର ଟଙ୍କା ନିଅନ୍ତି। ଯାହା ସରକାରୀ ସ୍କୁଲ୍‌ରେ କୌଣସି ଟଙ୍କା ନିଅନ୍ତି ନାହିଁ। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ବେସରକାରୀ ସ୍କୁଲକୁ ବ୍ୟାନ କରିବା ପାଇଁ ଦାବି ହେଉଛି।

## ନୟାହାଟରେ ୨୯ତମ ତ୍ରିନାଥ ମେଳା



**ନୟାହାଟ,୨।୨/ଏନ୍‌ଏନ୍‌ଏସ୍‌:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନାୟାହାଟ ବାରିହାଟ ମଧ୍ୟରେ ପାନ ବ୍ୟବସାୟୀ ଓ ଚାଷୀ ଦ୍ୱାରା ସୋମବାର ରାତିରେ ୨୯ ତମ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ପରିଚାଳନା ରମେଶ ମହାନ୍ତି କରିବା ସହିତ ସମାଜସେବୀ ଅଭିମନ୍ୟୁ ସିଂହ, ବିଚିତ୍ରା ନନ୍ଦ ପାତ୍ର, ଆଲୋକ ରାୟ, ପ୍ରଣୟ କୁମାର ସାହୁ, ଦେବେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସାହାଯ୍ୟ ଓ ସହଯୋଗରେ ୨୯ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି।

## ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ



**ଅସ୍ତରଙ୍ଗ,୨।୨/ଏନ୍‌ଏନ୍‌ଏସ୍‌:** କାକଟପୁର ବ୍ଲକ ହରିଦାସପୁର ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ସ୍ୱାଇଁ(୪୯) ତଥା ବାବୁ ସାରଙ୍କ ଅକାଳ ବିୟୋଗରେ କାକଟପୁର ବ୍ଲକ୍‌ର ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବାବୁ ସାର କିଛି ଦିନ ହେବ ଅସୁସ୍ଥତା ହେତୁ ଚିକିତ୍ସିତ ହେଉଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ କାକଟପୁର ଶିକ୍ଷକ ଭବନ, ନିଜ ବିଦ୍ୟାଳୟ ହରିଦାସପୁର, ସାଡେଙ୍ଗାବିଦ୍ୟାଳୟ ଓ ନିଜ ଗ୍ରାମ ପାଟପୁରରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏହି ଅକାଳ ବିୟୋଗରେ ପୂର୍ବତନ ଆଦର୍ଶ ଶିକ୍ଷକ ତଥା ତାଙ୍କ ପିତା ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଦାଦା ତୁଷାରକାନ୍ତ, ଭାଇ ଭୁପେଶ, ହିମାଂଶୁ, ଜ୍ଞାନ ରଞ୍ଜନ, ମହେଶ୍ୱର, ଶିକ୍ଷକ ନେତା ଡ଼ଃ ହୃଦାନନ୍ଦ ସାସମଲ, ସୁନୀଲ ମହାନ୍ତି, ବିଷ୍ଣୁ ଚରଣ ମହାନ୍ତି, ବିଶ୍ୱଜିତ ସ୍ୱାଇଁ, ଅକ୍ଷୟ ଖୁଣ୍ଟିଆ, ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ବିଷ୍ଣୁପ୍ରିୟା ମହାପାତ୍ର, ଶିବପ୍ରସାଦ ସାହୁ, ସୁଶୀଲ ଖୁଣ୍ଟିଆ ଓ ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସାଙ୍ଗ ସାଥି ବନ୍ଧୁବର୍ଗ, ପରିବାର, ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନମାନେ ଗଭୀର ମର୍ମାହତ ହୋଇପଡ଼ିଛନ୍ତି। ତାଙ୍କ ମୃତ୍ୟୁ ନିକଟରେ ପୁତ୍ର, କନ୍ୟା ଓ ପତ୍ନୀ, ଭଉଣୀ, ଭିଣୋଇ ଉପସ୍ଥିତ ଥିଲେ।

## ଅଦ୍ୱୈତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଫୁଲନଖରା,୨।୨/ଏନ୍‌ଏନ୍‌ଏସ୍‌:** ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିଃ.ର ଅବସରପ୍ରାପ୍ତ ଅଧିକାରୀ ଅଦ୍ୱୈତ ପ୍ରସାଦ ମହାପାତ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ବାଲିସାହିଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ଲେଖକ ତଥା ଶିକ୍ଷାବିତ ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉଷାରାଣୀ ମହାପାତ୍ର, ସଚ୍ଚିକାନ୍ତ ମହାପାତ୍ର, କୁଞ୍ଜକାନ୍ତ ତ୍ରିପାଠୀ, ବିଭୂତିଭୂଷଣ ମହାପାତ୍ର, ବିଶ୍ୱଭୂଷଣ ମହାପାତ୍ର, ମୋନାଲିସା ମହାପାତ୍ର, ସ୍ନିଗ୍ଧା ମହାପାତ୍ର, ନୀଳିମା ବେହେରା, ପ୍ରଦୀପକୁମାର ବେହେରା ପ୍ରମୁଖ ଯୋଗଦେଇ 'ଫୋଟଚିତ୍ରରେ ମାଲ୍ୟାର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ଅକ୍ଷୟ ଦାସ ଓ ଅରୂପ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋଲଗଡ଼ ବିଡିଓଙ୍କ ସପକ୍ଷରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଖୋର୍ଦ୍ଧା,୨।୨/ଏନ୍‌ଏନ୍‌ଏସ୍‌:** ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଟୁଙ୍କ ଜନହିତକାରୀ କାର୍ଯ୍ୟ, ସୁଦକ୍ଷ ପ୍ରଶାସନ, ଜନହିତକାରୀ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଫଳତାର ସହିତ ସମ୍ପାଦନ କରି ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରୁଛନ୍ତି। ସରକାରଙ୍କର ବିଭିନ୍ନ ଯୋଜନା ଗୁଡିକ ଯଥା ଖାଉଟି କାର୍ଡ, ଭତ୍ତା ଆବାସ ଯୋଜନାଗୁଡିକ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ପ୍ରଦାନ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ତାଙ୍କ ଦ୍ୱାରା ପୂର୍ବରୁ ଚାଲୁଥିବା ଅନିୟମିତତା ଓ ଅନ୍ୟାୟ ପ୍ରଥାକୁ ସଫଳତାର ସହିତ ରୋକାଯାଇଛି, ଯାହା ଜନସାଧାରଣଙ୍କ ହିତରେ ଅତ୍ୟନ୍ତ ପ୍ରଶଂସନୀୟ। ପ୍ରଶଂସନୀୟ କିଛି କୁତ୍ସିତ ଓ ସୁବିଧାବାଦୀ ନେତାଙ୍କ ସ୍ୱାର୍ଥ ହାସଲରେ ବାଧା ଉପୁଜିବା ଯୋଗୁଁ ବିଡିଓଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ବଦନାମ ବେଆଇନ କାମ କରିବାକୁ ବାଧ କରୁଛନ୍ତି। ପୂର୍ବରୁ ବିଡ଼ିଓଙ୍କ ନିକଟକୁ ଜନସାଧାରଣ କୌଣସି ଅଭିଯୋଗ ନେଇ ଯାଇପାରୁନଥିବାବେଳେ ବର୍ତ୍ତମାନ ବିଡ଼ିଓ ସିଧାସଳଖ ଜନ ସାଧାରଣ ପାଖରେ ପହଞ୍ଚିବାରୁ କିଛି କୁଚକ୍ରୀଗୋଷ୍ଠୀଙ୍କ ମନ୍ଦ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ବିଡିଓ ସୁମନ ସୁଧା କୁଣ୍ଟୁ ସିଧାସଳଖ ଭାବେ ଜନସାଧାରଣଙ୍କ ସହ ଯୋଗାଯୋଗ ରଖି ସେମାନଙ୍କ ସମସ୍ୟା ବୁଝି ତତ୍କାଳ ସମାଧାନ କରୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଆଶା, ଭରଷା ସୃଷ୍ଟି ହୋଇଛି। ବିଡ଼ିଓ ସମସ୍ତ ଜନସାଧାରଣଙ୍କୁ ଦେଖା କରିବା ସହ ସିଧାସଳଖ ସେମାନଙ୍କ କଥା ବୁଝୁଛନ୍ତି। ଏଣୁ ବିଡିଓ ସୁମନ ସୁଧା କୁଣ୍ଟୁଙ୍କ ବିରୋଧରେ ହୋଇଥିବା ମିଥ୍ୟା ଅଭିଯୋଗକୁ ଗୁରୁତ୍ୱ ନଦେଇ, ତାଙ୍କୁ ଉତ୍ସାହିତ କଲେ ସରକାରଙ୍କ ଉଦ୍ଦେଶ୍ୟ ଓ ଜନସାଧାରଣଙ୍କ ଆଶା ନିଶ୍ଚୟ ଭାବେ ସାକାର ହେବବୋଲି ଆଜି ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣୀ ଶିବିରରେ ବୋଲଗଡ ପାଞ୍ଚଗଡ଼ ମଣ୍ଡଳ ପକ୍ଷରୁ ଶତାଧିକ ବ୍ୟକ୍ତି ପୃଥକ୍ ପୃଥକ୍ ଭାବେ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ପଲ୍ଲୀରେ ପ୍ରଶାସନ, ୧୬୪ ଅଭିଯୋଗର ତତ୍କାଳ ସମାଧାନ



**ବୋଲଗଡ଼,୨।୨/ଏନ୍‌ଏନ୍‌ଏସ୍‌:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ସଦର ପଂଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସ୍ଥାନୀୟ ମିନି ଷ୍ଟାଡିୟମ୍ ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୂତ ବିଭିନ୍ନ କଲ୍ୟାଣ ଯୋଜନା ସବୁର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଓ ଅଭିଯୋଗଶୁଣାଣୀ ନେଇ ଆୟୋଜନ ହୋଇଥିଲା।ବିଡ଼ିଓ ସୁମନ ସୁଧା କୁଣ୍ଟୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନପାଇଁ ବିଭାଗିୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ବିଜୟ କୁମାର ସେଠୀଙ୍କ ସହ ବ୍ଲକର ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା ଓଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ।ଏହି ଅବସରରେ ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୨୧୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ବେଳେ ତନ୍ମଧ୍ୟରୁ ୧୬୪ ଅଭିଯୋଗର ତତକାଳ ସମାଧାନ ହୋଇଥିଲା। ବଳକା ୫୫ ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା,ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ,କୃଷି, ଉଦ୍ୟାନ, ପଶୁ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା,ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି ଆଦି ବିଭାଗ ଅଂଶଗ୍ରହଣ କରିଥିଲେ।ଏବିଡ଼ିଓ ଡଃ ରତିକାନ୍ତ ମିଶ୍ର,ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ,ପିଇଓ କରୁଣାକର ସୁବୁଦ୍ଧି,ୱାର୍ଡ ମେମ୍ବର ଓ ପଞ୍ଚାୟତ କର୍ମଚାରୀମାନେ ଲୋକଙ୍କ ଅଭିଯୋଗ ପଞ୍ଜିକରଣ ସହ ଭୂମିହୀନଙ୍କୁ ପଟ୍ଟା, ଜାତି ପ୍ରମାଣପତ୍ର , ସ୍ଥାୟୀ ବାସିନ୍ଦା ଓ ଆୟ ପ୍ରମାଣପତ୍ର, ନିର୍ମାଣ ଶ୍ରମିକ ତଥା ଅଣ ସଂଗଠିତ ଶ୍ରମିକ କାର୍ଡ ପଞ୍ଜିକରଣ ଓ ନବୀକରଣ, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ଆବେଦନ, ରଣଭିତ୍ତିକ ଯୋଜନାରେ ଆବେଦନ ଗ୍ରହଣ ନେଇ ପ୍ରଶାସନ ଓ ଲୋକଙ୍କୁ ସହଯୋଗ କରିଥିଲେ। ବ୍ଲକ୍ ମୁଖ୍ୟକିରାଣୀ ଆଲୋକ ଜେନା ଓ ତହସିଲ ମୁଖ୍ୟ କିରାଣୀ ସସ୍ମିତା ଭୂୟାଁଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁମୁଡ଼ାହାଟ ମାର୍କେଟ୍ କମ୍ପ୍ଲେକ୍ସର ନୂତନ ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ଅଭିଯୋଗ

**ମାହାଙ୍ଗା,୨।୨/ଏନ୍‌ଏନ୍‌ଏସ୍‌:** ହାଟ ଓ ବଜାରର ବିକାଶ ପାଇଁ ସରକାର ମାର୍କେଟ ଗୃହ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଯୋଗାଇ ଦେଉଥିବାବେଳେ ବ୍ଲକ ପ୍ରଶାସନ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ହୋଇ ବ୍ୟାପକ ଅନିୟମିତତା କରାଯିବା ସହ ସରକାରୀ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ଏପରିକି ନୂତନ ଗୃହ ନିର୍ମାଣ ସମୟରେ ମୂଳଦୁଆରେ ବାଲି ଭର୍ତ୍ତି କରିବାର ନିୟମ ଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅଣଦେଖା ନୀତି ଯୋଗୁ ବାଲି ବଦଳରେ ମାଟି ଓ ଖତ ଆଦି ଭର୍ତ୍ତି କରାଯାଇ ଏହା ବାବଦ ଅର୍ଥ ଆତ୍ମସାତ କରାଯାଉଛି। ଏପରି ଘଟଣା ଦେଖିବାକୁ ମିଳିଛି କୁମୁଡାହାଟ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କାର୍ଯ୍ୟରେ। ସୂଚନା ଅନୁଯାୟୀ ଏବେ ମାହାଙ୍ଗା ପଞ୍ଚାୟତ ସମିତି ପକ୍ଷରୁ କୁହୁଣ୍ଡା ପଞ୍ଚାୟତ କୁମୁଡାହାଟ ଠାରେ ଏକ ନୂତନ ମାର୍କେଟ କମ୍ପଲେକ୍ସ ଗୃହ ନିର୍ମାଣ କରାଯାଉଥିଲେ ମଧ୍ୟ ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏବେ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ସୂଚନା ଫଳକ ନାହିଁ। ଯାହା ଫଳରେ ଲୋକଙ୍କୁ ଭୁଆଁ ବୁଲାଇ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ମନମର୍ଜିରେ କାର୍ଯ୍ୟ କରାଯାଉଛି। ଏପରିକି ଗୃହ ନିର୍ମାଣ କାର୍ଯ୍ୟରେ ସଠିକ୍ ଭାଗ ମାପରେ ବାଲି, ଗୋଡି ଓ ସିମେଣ୍ଟର ମିଶ୍ରଣ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଏହି ଗୃହ କାର୍ଯ୍ୟ ଡିପିସ ପର୍ଯ୍ୟନ୍ତ କରାଯାଇଥିବାବେଳେ ଏହାର ଚତୁଃପାର୍ଶ୍ୱ ଓ ଗୃହ ଭିତରେ ଖତ ମିଶା ମାଟି ଭର୍ତ୍ତି କରାଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ମାହାଙ୍ଗା ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ଦାସଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନଥିଲା। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ବିଭାଗୀୟ ଅଧିକାରୀ ଓ ଏଥିରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## ମା' ଜାଡମଲ୍ଲୀଙ୍କ ୧୯ତମ ବାର୍ଷିକ ଉତ୍ସବ

**ଚାରିଛକ,୨।୨/ଏନ୍‌ଏନ୍‌ଏସ୍‌:** ଚାରିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତ ଗଡଇଙ୍ଗା ପୋଖରୀ ଗ୍ରାମର ଗ୍ରାମଦେବତୀ ମା' ଜାଡମଲ୍ଲୀଙ୍କ ୧୯ତମ ବିର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଅଧିବାସ,ଶୁକ୍ରବାର କଳସଯାତ୍ରା,ଶାଳା ପ୍ରବେଶ,ବ୍ରାହ୍ମଣ ବରଣ,ଅଗ୍ନିସ୍ଥାପନ,ସଂଧ୍ୟା ଆଳତୀ, ପୁଷ୍ପାଞ୍ଜଳି ଅର୍ପଣ, ଶନିବାର ସୂର୍ଯ୍ୟପୂଜା, ଘଟମଣ୍ଡଳାଦି ପୂଜା, ମା'ଙ୍କ ଷୋଡଷ ଉପଚାର, ପୂଜା,ଚଣ୍ଡୀ ହବନ, ସଂଧ୍ୟା ଆଳତୀ ଓ ପୁଷ୍ପାଜଂଳୀ ଅର୍ପଣ, ରବିବାର ସୂର୍ଯ୍ୟପୂଜା,ଗୋପୂଜା, ଘଟମଣ୍ଡଳାଦି ପୂଜା,ଚରୁ ରନ୍ଧନ,ଗୀତା ହବନ, ସଂଧ୍ୟା ଆଳତୀ, ପୁଷ୍ପାଜଂଳୀ, ପୂର୍ଣ୍ଣାହୁତୀ ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୂଜାକାର୍ଯ୍ୟରେ ଗ୍ରାମର ପବିତ୍ର ପାତ୍ର, ବାବୁରାମ ପାତ୍ର, ଅର୍ଜୁନ ପାତ୍ର, ବୈରାଗୀ ପାତ୍ର,ମାମୁଲି ପାତ୍ର, ଲିଲୁ ପାତ୍ର, ବିଜୟ ପାତ୍ର, ଦିଲ୍ଲିପ ଜେନା, କାଳନ୍ଦୀ ପାତ୍ର, ସୁକାନ୍ତ ପାତ୍ର, ଅରୁଣ ପାତ୍ର, ପ୍ରମୋଦ ପାତ୍ର, ରଶ୍ମୀରଜଂନ ପାତ୍ର,ଶ୍ରୀଧର ପାତ୍ରଙ୍କ ସମେତ ଗ୍ରାମବାସୀ ଯୋଗଦେଇ ମା'ଙ୍କ ଆଶ୍ରୀବାଦ ଭିକ୍ଷା କରିଥିଲେ।

### ଆରମ୍ଭ ହେଲା ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

## ପ୍ରଥମ ମ୍ୟାଚ୍‌ରେ ସୁଆର ମହାସୁଆର ନିଯୋଗ ବିଜୟୀ



**ପୁରୀ,୨।୨/ଏନ୍‌ଏନ୍‌ଏସ୍‌:** ଚଳିତ ବର୍ଷ ର ଶ୍ରୀମନ୍ଦିର ଟ୍ରଫି ସେବାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆଜି ଠାରୁ ଏକ ଭବ୍ୟ ପରିବେଶ ମଧ୍ୟରେ ଶୁଭାରମ୍ଭ ହୋଇଛି। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଓ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏହାକୁ ଉଦଘାଟନ କରିବା ସହ ପାରସ୍ପରିକ ସଦଭାବନା, ସହଯୋଗ ଓ ଭାଇଚାରା ଏହା ଦ୍ୱାରା ବୃଦ୍ଧି ପାଇବ ବୋଲି କହିବା ସହ ନିଜକୁ ସୁସ୍ଥ ରଖିବା ସହ ଶୃଙ୍ଖଳା ରକ୍ଷା ପାଇଁ କ୍ରୀଡ଼ା ଏକ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଚଳିତ ସିଜିନରେ ଅଂଶ ଗ୍ରହଣ କରୁଥିବା ସର୍ବମୋଟ ୨୨ଟି ଟିମକୁ ୮ ଟି ଗ୍ରୁପରେ ବିଭକ୍ତ କରା ଯାଇଛି। ୮ ଦିନ ଧରି ଚାଲିବାକୁ ଥିବା ଏହି ଦିବା ରାତ୍ର ଟୁର୍ଣ୍ଣାମେଣ୍ଟ ରେ ୨୮ ଟି ମ୍ୟାଚ ଖେଳାଯିବ। ଏଥିରେ ମୋଟ ୩୫୨ ଜଣ ଖେଳାଳୀ ଅଂଶ ଗ୍ରହଣ କରୁଛନ୍ତି। ଗ୍ରୁପ ଏ ରେ ସୁଆର ମହାସୁଆର ନିଯୋଗ, ହଡପ ନାୟକ ନିଯୋଗ ଓ ଦୟଣାମାଳି ସେବା ନିଯୋଗ,ଗ୍ରୁପ ବି ରେ ଦର୍ପଣିଆ ନିଯୋଗ, ବଡୁସୁଆର ନିଯୋଗ, ସାବୁତ ନିଯୋଗ, ଗ୍ରୁପ ସି ରେ ବିମାନ ବଡୁ ନିଯୋଗ, ପାଳିଆ ମେକାପ ନିଯୋଗ, ଚୁନରା ଗରୁଡ ନିଯୋଗ, ଗ୍ରୁପ ଡି ରେ ମୁଦୁଲି ନିଯୋଗ, କୋଠଭୋଗ ପାଣିଆ ନିଯୋଗ, ପ୍ରତିହାରୀ ନିଯୋଗ, ଗ୍ରୁପ ଇ ରେ ପାଟରା ବିଶୋଇ ନିଯୋଗ, ଖୁଣ୍ଟିଆ ନିଯୋଗ, ସୁଆର ବଡୁ -ପତ୍ରିବଡୁ ନିଯୋଗ,ଗ୍ରୁପ ଏଫ ରେ ଦଇତାପତି ନିଯୋଗ, ଶୁଦ୍ଧ ସୁଆର ନିଯୋଗ, ପୂଜା ପଣ୍ଡା ନିଯୋଗ, ଗ୍ରୁପ ଜି ରେ ବଲ୍ଲଭ ଯୋଗାଣିଆ ନିଯୋଗ, ପୁଷ୍ପାଳକ ନିଯୋଗ, ଗ୍ରୁପ ଏଚ ରେ ଗରାବଡୁ ନିଯୋଗ ଓ ପୁରୀ ଘଂଟୁଆ ନିଯୋଗ ରହିଛନ୍ତି। ଆଜି ପ୍ରଥମ ମ୍ୟାଚ ସୁଆର ମହାସୁଆର ନିଯୋଗ ଓ ହଡପ ନାୟକ ନିଯୋଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଆର ମହାସୁଆର ନିଯୋଗ ୧୫ ଓଭରରେ ୫ ୱିକେଟ ହରାଇ ୧୬୯ ରନ କରିଥିବା ବେଳେ ହଡପ ନାୟକ ନିଯୋଗ ୧୫ ଓଭରରେ ୮ ୱିକେଟ ହରାଇ ୮୯ ରନ କରି ପରାଜିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଦର୍ପଣିଆ ନିଯୋଗ ଓ ବଡୁସୁଆର ନିଯୋଗ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ଉଦଘାଟନ କାର୍ଯ୍ୟକ୍ରମ ରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଉପ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦ ର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ଅନନ୍ତ ତିଆଡି, କେଦାର ନାଥ ଖୁଣ୍ଟିଆ, ମାଧବ ପୂଜାପଣ୍ଡା, ନାରାୟଣ ଗୋଚ୍ଛିକାର ପ୍ରମୁଖ ଉପସ୍ଥିତ ଥିଲେ।

**ନିତି ଭାରତୀ**

ଈଶ୍ୱରଙ୍କୁ ଯଦି ଆମେ ନିଜର ହୃଦୟ ଭିତରେ ବା ଲୋକମାନଙ୍କ ଭିତରେ ଦେଖିବାକୁ ପାଉନାହେଁ, ତା'ହେଲେ ତାଙ୍କୁ ଖୋଜିବାକୁ ଆଉ କେଉଁଠିକୁ ଯାଇ ପାରିବା ? - ସ୍ୱାମୀ ବିବେକାନନ୍ଦ



# ମଣିଷକୁ ଆଉ ବାଣ୍ଟ ନାହିଁ



ପବିତ୍ର ସୁବୁଦ୍ଧି

ଗୋଟିଏ ପୁରୁଣା ଦେଉଳର ଚୂଡ଼ାରେ ଦଳେ ପାରା ରହୁଥିଲେ। ଦେଉଳର ବାର୍ଷିକ ମରାମତି ବେଳେ ପାରା ଦଳଟି ପାଖରେ ଥିବା ଏକ ଗୀର୍ଜା ଉପରକୁ ଉଡ଼ିଗଲେ। ସେଠି ଆଗରୁ ଥିବା ପାରାମାନେ ଏହି ନୂଆ ପାରା ଦଳକୁ ଆନନ୍ଦରେ ସ୍ୱାଗତ କଲେ ଓ ନିଜ ଦଳରେ ମିଶେଇ ଦେଲେ। ଯେବେ ଖ୍ରୀଷ୍ଟମାସର ସମୟ ଆସିଲା, ଗୀର୍ଜାଘରର ସାଜସଜ୍ଜା ଆରମ୍ଭ ହେଲା, ସେତେବେଳେ ପାରାମାନଙ୍କୁ ଆଉ ଗୋଟେ ନୂଆ ସ୍ଥାନ ଖୋଜିବାକୁ ପଡ଼ିଲା। ନିକଟରେ ଗୋଟେ ମସ୍‌ଜିଦ୍ ଥିଲା। ପାରାମାନେ ସେହି ମସ୍‌ଜିଦ୍ ଉପରକୁ ଉଡ଼ିଗଲେ ଓ ସେଠାରେ ରହିବାର ସୁଯୋଗ ପାଇଲେ। ମସ୍‌ଜିଦ୍‌ରେ ପୂର୍ବରୁ ରହୁଥିବା ପାରାମାନେ ଏମାନଙ୍କ ସହ ଖୁସିରେ ମିଶିକି ରହିଲେ। କିଛିଦିନ ପରେ ରମ୍‌ଜାନ୍‌ର ସମୟ ଆସିଲା ଓ ମସ୍‌ଜିଦ୍‌ରେ ରଙ୍ଗବୋଳା ଆରମ୍ଭ ହେଲା। ଏବେ ସବୁ ପାରା ଉଡ଼ି ଉଡ଼ି ପୁରୁଣା ଦେଉଳକୁ ଫେରି ଆସିଲେ।

ହଠାତ୍ ଦିନେ ପାରାମାନେ ମନ୍ଦିର ଉପରୁ ଦେଖିଲେ ଯେ ତଳେ ବଜାର ଛକ ପାଖରେ ସାଂପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇ ଯାଇଛି। ଛୁଆ ପାରାଟିଏ ତା' ମାଆକୁ ପଚାରିଲା- ମାଆ ! ଏମାନେ କିଏ ? ମାଆ ପାରା ଉତ୍ତର ଦେଲା- ଏମାନେ ମଣିଷ। ଛୁଆ ପାରାଟି କୌତୁହଳରେ ପଚାରିଲା- ଏମାନେ ନିଜ ନିଜ ଭିତରେ ଏମିତି କଳି କରୁଛନ୍ତି କାହିଁକି ? ମାଆ ପାରାଟି ଉତ୍ତର ଦେଲା- ଏମାନଙ୍କ ମଧ୍ୟରୁ ଯେଉଁ ମଣିଷମାନେ ମନ୍ଦିରକୁ ଯାଆନ୍ତି, ସେମାନେ ନିଜକୁ ହିନ୍ଦୁ ବୋଲି କୁହନ୍ତି, ଯେଉଁମାନେ ଗୀର୍ଜାକୁ ଯାଆନ୍ତି, ସେମାନେ ନିଜକୁ ଖ୍ରୀଷ୍ଟିଆନ୍ କୁହନ୍ତି। ଆଉ ଯେଉଁମାନେ ମସ୍‌ଜିଦ୍‌କୁ ଯାଆନ୍ତି, ସେମାନେ ନିଜକୁ ମୁସଲମାନ ବୋଲି କୁହନ୍ତି। ସେହିମାନେ ହିଁ ନିଜ ନିଜ ଧର୍ମକୁ ନେଇ ଏଭଳି କଳି କରୁଛନ୍ତି। ଛୁଆ ପାରାଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା- କିନ୍ତୁ ଏମିତି କାହିଁକି ? ଆମେ ମନ୍ଦିର କି ମସ୍‌ଜିଦ୍, ଗୀର୍ଜା କି ଗୁରୁଦ୍ୱାର, ଯେଉଁଠି ରହିଲେ ବି ଆମକୁ ସମସ୍ତେ ତ ପାରା ବୋଲି ହିଁ କୁହନ୍ତି ! ସେମିତି ଏମାନେ ସମସ୍ତେ ନିଜକୁ 'ମଣିଷ' ବୋଲି କହିବା କଥା ନୁହେଁ କି ? ମାଆ ପାରା ଟିକିଏ ଗମ୍ଭୀର ହୋଇ ଉତ୍ତର ଦେଲା- ତୁ, ମୁଁ, ଆଉ ଆମ ସହ ରହୁଥିବା ସବୁ ପାରାମାନେ ଭଗବାନଙ୍କ ପରିଚୟ ପାଇଛେ। ସେଥିପାଇଁ ଆମେ ମଣିଷଙ୍କଠାରୁ ଉଚ୍ଚରେ ରହୁଛେ ଓ ଖୁବ୍ ଶାନ୍ତିରେ ଅଛେ। ତଳେ ଥିବା ଏଇ ମଣିଷମାନେ କିନ୍ତୁ ଏଯାଏଁ ଭଗବାନଙ୍କ ପରିଚୟ ପାଇ ନାହାନ୍ତି, ସେଥିପାଇଁ ନିଜ ନିଜ ଧର୍ମକୁ ନେଇ ପରସ୍ପର ସହ କଳି ତକରାଳ କରୁଛନ୍ତି। ଛୁଆ ପାରାଟି ମାଆ ପାରାର ଏ ଉତ୍ତର ଶୁଣି ପୁଣିଥରେ ତଳେ ସଂଘର୍ଷରତ ମଣିଷମାନଙ୍କୁ ଚାହିଁ କହିଲା- 'ହାୟ, ନିର୍ବୋଧ ମଣିଷ !'

ପାଠକେ ! ମାଆ ପାରାର ଏ ଉତ୍ତର ଶୁଣି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ବୋଲାଉ ଥିବା ଯେ କୌଣସି ମଣିଷ ଲଜ୍ଜିତ ହେବା ଉଚିତ୍। ଆତ୍ମସମୀକ୍ଷା କରିବା ଉଚିତ୍ ଯେ ଧର୍ମ ମଣିଷକୁ ତିଆରି କରିଛି ନା ମଣିଷ ଧର୍ମକୁ ତିଆରି କରିଛି ? ଭଗବାନ ମଣିଷକୁ ସୃଷ୍ଟି କରିଛନ୍ତି ନା ମଣିଷ ଭଗବାନଙ୍କୁ ସୃଷ୍ଟି କରିଛି ? କେହି ଜଣେ ବିଦ୍ୱାନ ଏକଦା କହିଥିଲେ- 'ଯେତେବେଳେ ମଣିଷମାନେ ଈଶ୍ୱରଙ୍କୁ ଗଢ଼ିବା ଆରମ୍ଭ କଲେ, ସେତେବେଳେ ଈଶ୍ୱର ଅନ୍ତର୍ଦ୍ଧାନ ହୋଇଗଲେ।' ବାସ୍ତବରେ କେଉଁଠି ଅଛନ୍ତି ଭଗବାନ ? ସେଇଠି ସିଏ ଆଶ୍ରୟ ନେଇଛି। ଯଦି ସବୁ ଦେବତା ମଣିଷ କଳ୍ପନାର ଖିଆଲ୍, ତେବେ ସେ ଏକେଶ୍ୱର ହୁଅନ୍ତୁ ଅବା ତ୍ରିମୂର୍ତ୍ତି ହୁଅନ୍ତୁ, ଆଲ୍ଲା ହୁଅନ୍ତୁ କି ଯୀଶୁ ହୁଅନ୍ତୁ, ଯିଏ ବା ଯେଉଁମାନେ ମଣିଷକୁ ଶାନ୍ତି ଦେଇ ପାରିଲେ, ତାଙ୍କରି ଉଦ୍ଦେଶ୍ୟରେ ମଣିଷର ସବୁ ଉପାସନା। ତାହା ଆଶା ବାଡ଼ିଟିଏ ହେଉ ବା କ୍ରୁଶ୍ କାଠଟିଏ ହେଉ, ତା' ପାଇଁ ସବୁ ସତ୍ୟ। କିନ୍ତୁ ଯେଉଁ ଧର୍ମାନ୍ଧମାନେ ଆମ ଆଶା ବାଡ଼ିଟି ସତ, ଆଉ ସବୁ ମିଛ, କିମ୍ବା କ୍ରୁଶ୍ କାଠଟି ସତ, ଆଉ ସବୁ ମିଛ, ଅଥବା ଆମର ପୋଥି ସତ, ତମର ପୁରାଣ ମିଛ ବୋଲି କୁହନ୍ତି- ତାହା ସବୁ ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ ଭାକ୍ତିକ ମିଥ୍ୟା।



ଧର୍ମର ଅର୍ଥ କୌଣସି ଜାତି ନୁହେଁ କି ସଂପ୍ରଦାୟ ନୁହେଁ କିମ୍ବା କୌଣସି ବିଶେଷ ଈଶ୍ୱରଙ୍କ (Designated God) ପାଇଁ ନିର୍ଦ୍ଧାରିତ ପୂଜା ପଦ୍ଧତି ବି ନୁହେଁ। ଧର୍ମ କହିଲେ ପ୍ରତ୍ୟେକ ପ୍ରାଣୀର କର୍ମକୁ ହିଁ ବୁଝାଏ। ମଣିଷର ସୀମାବଦ୍ଧ ମନକୁ ଊର୍ଦ୍ଧ୍ୱକୁ ଟେକି ନେବା ନିମନ୍ତେ ଧର୍ମର ଜନ୍ମ ହୋଇଥିଲା। କିନ୍ତୁ ବିଡ଼ମ୍ବନା ଏହା ଯେ ଏବେ ସବୁ ଧର୍ମକୁ ଆନୁଷ୍ଠାନିକ ଭାବେ ମାଡ଼ି ବସିଛି ଆସୁରିକ ଅହଙ୍କାର। ଅସୀମର ସ୍ପର୍ଶ ଦେବା ତ ଦୂରର କଥା, ଆନୁଷ୍ଠାନିକ ଭାବରେ ମଣିଷକୁ ଯେତେଦୂର ସୀମାବଦ୍ଧ କରାଯାଇପାରେ, ଧର୍ମ ତାହା ହିଁ କରୁଛି। ଧର୍ମ ନାଁରେ ମଣିଷକୁ ଏବେ ଖଣ୍ଡ ଖଣ୍ଡ କରି ବଣ୍ଟା ଚାଲିଛି। ସବୁଠି ଖଣ୍ଡା ଖର୍ପରର ଖେଳ। ଧର୍ମ, ସଂପ୍ରଦାୟ, ଜାତି, ଭାଷା ଓ ଆଞ୍ଚଳିକ ଅସ୍ମିତାର ଦ୍ୱାହି ଦେଇ ବିଦ୍ୱେଷର ବିଷାକ୍ତ ବୋମା ଏବେ ଧ୍ୱଂସ କରି ଚାଲିଛି ଏ ସୁନ୍ଦର ପୃଥିବୀକୁ। ଧର୍ମ ମଣିଷ ସମାଜରେ ସଂହତି ପରିବର୍ତ୍ତେ ସଂଘର୍ଷର ବାତାବରଣ ସୃଷ୍ଟି କରିବାରେ ଲାଗିଛି। କ୍ରୁଶ୍, ବୁର୍ଖା, କୃପାଣ, ପଗଡ଼ି, ଚୁଟି ଓ ତିଳକକୁ ନେଇ ଧାର୍ମିକ ଉତ୍ତେଜନା ବଢ଼ି ବଢ଼ି ଚାଲିଛି। ଏପରି ଧାର୍ମିକ ଉତ୍ତେଜନା, ବିଭକ୍ତି ଓ ବିଭାଜନକୁ ନିରୀକ୍ଷଣ କରି 'ଧର୍ମ'କୁ ସର୍ବସାଧାରଣଙ୍କ 'ଅଫିମ' (Opium of the masses) ବୋଲି କାର୍ଲ ମାର୍କ୍ସ ଆଖ୍ୟାୟିତ କରିଛନ୍ତି। କାରଣ ଧର୍ମର ପ୍ରକୃତ ଆତ୍ମା ରାଜନୀତି ଏବଂ ରିଚୁଆଲ୍ (Ritual)ର ମୋଟା ଚାଦର ତଳେ ଅଣନିଃଶ୍ୱାସୀ ହୋଇ ଯାଇଛି। ସେଇଥିପାଇଁ ସେଦିନ ମାର୍କ୍ସ କହିଥିଲେ- 'ମଣିଷ ଧର୍ମ ତିଆରି କରୁଛି, ମାତ୍ର ଧର୍ମ ମଣିଷ ତିଆରି କରୁନାହିଁ।'


ଧର୍ମ କେବଳ ମଣିଷକୁ ନୁହେଁ, ପଶୁ, ପକ୍ଷୀ, ଫୁଲ, ଫଳ ଓ ରଙ୍ଗକୁ ବି ବାଣ୍ଟି ଚାଲିଛି। ଗୋମାତା ହୋଇ ଯାଇଛି ହିନ୍ଦୁର ତ ଛେଳି ହୋଇଯାଇଛି ମୁସଲମାନର। ନଡ଼ିଆ ହୋଇ ଯାଇଛି ହିନ୍ଦୁର ତ ଖଜୁର୍ ହୋଇ ଯାଇଛି ମୁସଲମାନର। ମନ୍ଦାର ଫୁଲ ହୋଇ ଯାଇଛି ହିନ୍ଦୁର ତ ମଲ୍ଲୀ ଫୁଲ ହୋଇ ଯାଇଛି ମୁସଲମାନର। ଗୈରିକ ରଙ୍ଗ ହୋଇ ଯାଇଛି ହିନ୍ଦୁର ତ ସବୁଜ ରଙ୍ଗ ହୋଇ ଯାଇଛି ମୁସଲମାନର। ଆକାଶର ଜହ୍ନକୁ ବି ଛାଡ଼ିନି ଧର୍ମ। ଜହ୍ନ ଉଇଁଲେ କିଏ ଉପବାସ ଆରମ୍ଭ କରୁଛି ତ କିଏ ଉପବାସ ଭଙ୍ଗ କରୁଛି। ଆପଣ କୁହନ୍ତୁ ତ ଜହ୍ନ କେଉଁ ଧର୍ମର ? ଏସବୁକୁ ଲକ୍ଷ୍ୟ କଲାବେଳେ ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ କବି ବିନୟ ମହାଜନଙ୍କ ରଚିତ କାଳଜୟୀ। କବିତାର କିଛି ଧାଡ଼ି ମନେ ପଡୁଛି- 'ମନ୍ଦିର ମସ୍‌ଜିଦ୍ ଗୀର୍ଜାଘର୍‌ନେ ବାଣ୍ଟଲିଆ ଭଗବାନ୍‌କୋ/ ଧର୍‌ତୀ ବାଣ୍ଟି, ସାଗର୍ ବାଣ୍ଟା/ ମତ୍ ବାଣ୍ଟୋ ଇନ୍‌ସାନ୍ କୋ', ଯାହାର ଓଡ଼ିଆ ଅନୁବାଦ ହେଲା- ମନ୍ଦିର, ମସ୍‌ଜିଦ୍, ଗୀର୍ଜାଘର ଗଢ଼ି ଭଗବାନଙ୍କୁ ବାଣ୍ଟି ନେଲ। ଜାତି, ଧର୍ମ, ରୂପ, ରଙ୍ଗ, ଆକାର, ପ୍ରକାର, କ୍ଷେତ୍ର, ସ୍ଥାନ ଆଧାରରେ ଇଏ ତମ ଦେଶ, ଇଏ ମୋ ଦେଶ କହି ଏ ଧାତ୍ରୀ ଧରିତ୍ରୀ କି ବି ବାଣ୍ଟି ଦେଲ। ଇଏ ତମ ସୀମା, ଇଏ ମୋ ସୀମା କହି ଅସୀମ ସାଗରକୁ ବି ବାଣ୍ଟି ଦେଲ। ହେଲେ ହେ ଧର୍ମାନ୍ଧମାନେ ! ଏବେ ଆଉ ମଣିଷକୁ ବାଣ୍ଟ ନାହିଁ। ମଣିଷ ଭିତରେ ପ୍ରାଚୀର ସୃଷ୍ଟି କରନାହିଁ। ମଣିଷକୁ ମଣିଷ ହୋଇ ରହିବାକୁ ଦିଅ। ମଣିଷର ଧର୍ମ ହେଉ କରୁଣା, ନୀତି ହେଉ ପ୍ରେମ। ମଣିଷପଣିଆର ଆଲୋକ, ଧର୍ମର କରୁଣା ଓ ପ୍ରେମର ନୀତିରେ ବାଟ ଚାଲୁ ମଣିଷ। ଦୟାକରି ମଣିଷକୁ ଆଉ ବାଣ୍ଟ ନାହିଁ। ବାଣ୍ଟିବ ତ ସ୍ନେହ, ପ୍ରେମ, ଦୟା ଓ କରୁଣା ହିଁ ବାଣ୍ଟି ଚାଲ। ସେଇଥିରେ ହିଁ ଏ ପୃଥିବୀର ମଙ୍ଗଳ ତ୍ୱରାନ୍ୱିତ ହେବ।

ଭଗବାନ ସର୍ବତ୍ର ଥାଆନ୍ତି, ମାତ୍ର ମନ୍ଦିର, ମସ୍‌ଜିଦ୍, ଗୀର୍ଜା କି ଗୁରୁଦ୍ୱାରରେ ତ ଆଦୌ ନଥାନ୍ତି। ମନ୍ଦିରରେ ଘଣ୍ଟିର ଉଚ୍ଚ ଧ୍ୱନି, ମସ୍‌ଜିଦ୍‌ରେ ନମାଜ୍‌ର ଧ୍ୱନି, ଗୀର୍ଜାଘରେ ପ୍ରାର୍ଥନାର ଧ୍ୱନି ମଣିଷଙ୍କ ଦ୍ୱାରା ଶୁଣାଯାଏ, ପରମେଶ୍ୱରଙ୍କ ଦ୍ୱାରା ନୁହେଁ। ପରମେଶ୍ୱର କେବଳ ନିରବତାର ସ୍ୱର ଶୁଣି ପାରନ୍ତି ଯାହା ହୃଦୟର ଅନ୍ତର୍ଭାଗରୁ ବାହାରେ। ଏଣୁ ଈଶ୍ୱରଙ୍କୁ ବାହାରେ ନୁହେଁ, ନିଜ ହୃଦୟ ଭିତରେ ଅନୁଭବ କରିବାର ପ୍ରକ୍ରିୟାରୁ ହିଁ ଈଶ୍ୱରଙ୍କୁ ପାଇ ହୁଏ ବୋଲି ଏ ସତ୍ୟଟି କାହିଁ କେତେ ଶତାବ୍ଦୀ ଧରି ଆମକୁ ବୁଝାଇ ଆସିଛନ୍ତି କେତେ ସନ୍ଥ ଓ ମହାପୁରୁଷ। ତେବେ ସ୍ଥୂଳ ଜୀବନରେ ମଣିଷ ସ୍ଥୂଳ ଅବଲମ୍ବନଟିଏ ଲୋଡ଼ିଥାଏ। ସେଥି ପାଇଁ ସେ ମନ୍ଦିର, ମସ୍‌ଜିଦ୍ ଗୀର୍ଜା କି ଗୁରୁଦ୍ୱାର ଯାଏ। ଯାହାକୁ ଯେଉଁଠି ଶାନ୍ତି ମିଳିଛି,

ଏହି ଚେତନା ମାନବ ଜାତିକୁ ଅମୃତାୟିତ କରୁ- ଏତିକି ପ୍ରାର୍ଥନା।■

ସାଇ ମହଲ,
ହ୍ୱାଇଟ୍ ଫିଲ୍ଡ, ବେଙ୍ଗାଲୁରୁ
ମୋ: ୬୩୭୦୬୪୫୬୮୯

# ସାର୍ଥକ ହୁଅନ୍ତୁ ସ୍ରଷ୍ଟା ଓ ସୃଷ୍ଟି



ସୁକାନ୍ତ କୁମାର ମହାନ୍ତି

ଭଗବାନଙ୍କୁ ସୃଷ୍ଟିକର୍ତ୍ତା କୁହାଯାଏ। ସୃଷ୍ଟି ଶବ୍ଦ 'ସୃଜ୍' ଧାତୁରୁ ଜାତ। 'ସୃଜ୍' ଧାତୁର ଅର୍ଥ ହେଲା ଛାଡ଼ିବା- ତିଆରି କରିବା ନୁହେଁ। ଭଗବାନ ମହାପ୍ରଳୟ କାଳରେ ଏହି ସୃଷ୍ଟିକୁ ନିଜ ଭିତରକୁ ନେଇ ଯାଆନ୍ତି; ପ୍ରଳୟ ଶେଷରେ, ସୃଷ୍ଟି ସମୟରେ ତାକୁ ବାହାରକୁ ଛାଡ଼ି ଦିଅନ୍ତି। ଏହିପରି ନେବା ଓ ଛାଡ଼ିବା କାର୍ଯ୍ୟ ଅନନ୍ତ କାଳରୁ ଚାଲିଛି। ସ୍ରଷ୍ଟା ଓ ସୃଷ୍ଟି ପ୍ରତ୍ୟେକଙ୍କ ପାଇଁ ଏକ ଅମୂଲ୍ୟ ବରଦାନ। ସ୍ରଷ୍ଟା ଥାଇ ସୃଷ୍ଟି ନଥିଲେ ଯେପରି ଅପ୍ରାସଙ୍ଗିକ, ସେହିପରି ସୃଷ୍ଟି ସ୍ରଷ୍ଟାଙ୍କୁ ଅସ୍ୱୀକାର କଲେ ମହାପ୍ରଳୟକୁ ବାଟ ଫିଟିଯାଏ। ସ୍ରଷ୍ଟା କହିଲେ, ଆମେ କେବଳ ଈଶ୍ୱରଙ୍କୁ ବୁଝିଥାଉ। ହେଲେ ପ୍ରତ୍ୟେକ ନାଗରିକ ଜଣେ ଜଣେ ସ୍ରଷ୍ଟା ଭାବେ ପ୍ରତୀୟମାନ। ପରିବାର ମୁଣ୍ଡ ଟେକି ଉଠିଛି କେବଳ ସ୍ରଷ୍ଟାଙ୍କ ଯୋଗୁଁ। କର୍ମକ୍ଷେତ୍ରରେ ମଧ୍ୟ ସ୍ରଷ୍ଟାଙ୍କୁ ଦେଖିବାକୁ ମିଳେ। ଅନୁଷ୍ଠାନ ଗଢ଼ିବାରେ, ସମାଜକୁ ବଞ୍ଚାଇବାରେ, ରାଜନୀତି କ୍ଷେତ୍ରରେ ନୂତନ ଚିନ୍ତନ, ବିଚାରଧାରାକୁ ନେଇ, ଯାହା ସାମୂହିକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ, ସେହି ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସ୍ରଷ୍ଟା ଆଖ୍ୟା ଦିଆଯାଇପାରେ। ଏଣୁ ସ୍ରଷ୍ଟା ସର୍ବଦା ସମ୍ମାନନୀୟ।

ପରିବର୍ତ୍ତନଶୀଳ ଦୃଷ୍ଟିରେ ଆଜି ସ୍ରଷ୍ଟା ଅସମ୍ମାନିତ ଓ ନିର୍ଯାତିତ, ଯାହାକୁ ଦେଖି ସୃଷ୍ଟିକର୍ତ୍ତା ଚିନ୍ତିତ ଓ ବିଷାଦଗ୍ରସ୍ତ। ସେହି ନିର୍ଯାତିତ ସୃଷ୍ଟିମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପ୍ରମୁଖ ସ୍ଥାନରେ ଅଛନ୍ତି। ଏହି ନାଗରିକଙ୍କ ରକ୍ତରୁ ଜନ୍ମ ନେଇଥିବା ପରିବାରବର୍ଗ ଆଜି ସ୍ରଷ୍ଟାଙ୍କୁ ଅବହେଳିତ କରୁଛନ୍ତି। ପୁଅ, ଭାଇ, ପତ୍ନୀ ଓ ଶେଷରେ ଆସିବେ ଝିଅ ଓ ସମ୍ପର୍କୀୟମାନେ। ଏକଦା ଏକ ପରିବାରରେ ଦୁଇ ପୁଅ ଖୁବ୍ ଶିକ୍ଷିତ, ଧନବାନ୍ ଓ ନିଜ ନିଜ କର୍ମକ୍ଷେତ୍ରରେ ଉଚ୍ଚ ପଦବୀଯୁକ୍ତ। ପରିବାରଠାରୁ ଦୂରରେ ଥାଇ ବୃତ୍ତି କରନ୍ତି। ଫଳରେ ବାପା ମାଆଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ଅସମ୍ଭବ ଥିଲା। ମନସ୍ତାପରେ ବାପାଙ୍କ କାଳ ହୋଇଗଲା। ମାଆଙ୍କ ଦାୟିତ୍ୱ ନେବାକୁ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଦେଖା ଦେଲା। ଶେଷରେ ମାସକରେ ପ୍ରତ୍ୟେକ ପନ୍ଦର ଦିନ ପାଳି କରି ବାଣ୍ଟି ନେଲେ। ଦିନେ ବୁଢ଼ୀମାଆ ବାଡ଼ିଟିଏ ଧରି ଅସହାୟ ଅବସ୍ଥାରେ ଘର ଘର ବୁଲି ଭିକ ମାଗୁଥିବା ବେଳେ କେତେ ଜଣ ପରିଚିତ ବ୍ୟକ୍ତିଙ୍କ ନଜରକୁ ଆସିଲା। ଏ ସମ୍ପର୍କରେ ବୁଢ଼ୀଙ୍କୁ ପଚାରନ୍ତେ, ବୃଦ୍ଧାଟିର ଉତ୍ତର ଥିଲା ଅତ୍ୟନ୍ତ ହୃଦୟ ବିଦାରକ। ଯେଉଁ ମାସଟି ୩୧ ଦିନ, ସେହି ଶେଷ ଦିନ କେହି ପୁଅ ମାଆକୁ ଖାଇବାକୁ ନ ଦେବାରୁ ମାସରେ ଗୋଟିଏ ଦିନ ଏହିପରି ଭିକ ମାଗି ଚଳେ ବୋଲି ଜଣା ପଡ଼ିଲା। ଏହି ହେଉଛି ସ୍ରଷ୍ଟା ମାଆଙ୍କଠାରୁ ସୃଷ୍ଟିଙ୍କ କର୍ତ୍ତବ୍ୟ ପରାୟଣତା ! ସେହି ମାଆଙ୍କୁ ମୃତ୍ୟୁ ଦିନ ମଧ୍ୟ ପୁଅମାନଙ୍କର ଅବିବେକିତାର ଆଉ ଏକ ପ୍ରମାଣ ଦେଖିବାକୁ ମିଳିଲା। ଶବ ପଡ଼ିଛି, ଜଣେ ପୁଅ ସଂସ୍କାର ପାଇଁ ଆସିବାକୁ ଅନିଚ୍ଛା ପ୍ରକାଶ କରନ୍ତେ ଅପର ସନ୍ତାନ ସମସ୍ତ ଖର୍ଚ୍ଚ କରିବାକୁ ଅମଙ୍ଗ ହେଲେ। ଶେଷରେ, କେତେକ ସହୃଦୟ ବ୍ୟକ୍ତି ଶବ ସଂସ୍କାର ପାଇଁ ପ୍ରସ୍ତୁତି କରନ୍ତେ ଜଣେ କରଜଦାତା ଶବ ଅଟକାଇଲେ। ତାଙ୍କଠାରୁ ଋଣ ନେଇଥିବା ବାପା ମାଆଙ୍କଠାରୁ ୧୦ ଲକ୍ଷ ଟଙ୍କା ଆଦାୟ ନହେଲେ ଶବ ନ ଛାଡ଼ିବାକୁ ଅଡ଼ି ବସିଲେ। ହେଲେ ପୁଅ ନିରବ। ଏହି ସମୟରେ ସେହି ପରିବାରର ଝିଅ ଋଣ ପରିଶୋଧ କରିବାକୁ ରାଜିନାମା କରିବାରୁ ଶବ ବାହାରିଲା। ଶେଷରେ ବାସ୍ତବ ସତ୍ୟ ପ୍ରକାଶ କରି ସେହି କରଜଦାତା ୧୦ଲକ୍ଷ ଟଙ୍କା ନିଜେ ଝିଅକୁ ଦେଇ କହିଥିଲେ ଯେ ସେହି ସ୍ରଷ୍ଟା ବାପା ମାଆ ଋଣ କରି ନଥିଲେ, ମାତ୍ର ନିଜେ କରଜଦାତା ନେଇଥିବା ଋଣ ପରିଶୋଧ କରିବାକୁ ଉପଯୁକ୍ତ ଦାୟାଦକୁ ଚିହ୍ନିବା ପାଇଁ ଏପରି ଅଭିନୟ କରିଥିଲେ।



କେବଳ ପୁଅ ନୁହେଁ, ତା' ସହିତ ଥାଏ ବୋହୂ ମଧ୍ୟ। ଯଦିଓ ବୋହୂ ସହିତ ବାପା ମାଆ (ଶାଶୂ ଶ୍ୱଶୁର)ଙ୍କ ରକ୍ତ ସମ୍ପର୍କ ନାହିଁ, ଏ କ୍ଷେତ୍ରରେ ବୋହୂ ଆଣିବା ଆବଶ୍ୟକତା ଜରୁରୀ ଥାଏ ପରିବାର ଓ ସମାଜକୁ ଗଢ଼ିବା ନିମନ୍ତେ। ଯେଉଁ ମହିଳା ପରିବାରର ବୋଝ ସମ୍ଭାଳିବା ପରିବର୍ତ୍ତେ ଆଜିର ବୋହୂ ପରିବାର, ବିଶେଷକରି ବରିଷ୍ଠ ଶାଶୂ ଶ୍ୱଶୁରଙ୍କ ପ୍ରତି ବୋଝ ହୋଇ ଥାଆନ୍ତି। 'ଏମିତି ଭାଇ ଜଗତେ ନାହିଁ'- ଏ ଆଦର୍ଶ ଭାବନା ଆଜି ଧୂଳିସାତ୍। ଇତିହାସ ପୁରାଣର ବହୁ ତଥ୍ୟ ଅନୁସାରେ କାଳେ କାଳେ ଏକ ମାଆ ପେଟରୁ ଶତ୍ରୁ ଜନ୍ମ ହେବା ଉଦାହରଣ ବହୁତ। ସମ୍ପୂର୍ଣ୍ଣ ମହାଭାରତର କଥାବସ୍ତୁ କେବଳ ଭାଇ ଭାଗକୁ କେନ୍ଦ୍ର କରି। ଫଳରେ କୌରବ ବଂଶ ଲୋପ ପାଇଗଲା। ରାମାୟଣ କିନ୍ତୁ ଏହାର ବିପରୀତ ଭୂମିକା ନେଇ ଭ୍ରାତୃପ୍ରେମର ଉଦାହରଣ ଦେଇ ଯାଇଛି। ଆଜି ଯେ ବରିଷ୍ଠ ବୃଦ୍ଧା, କାଲି ସେ ଥିଲା ଯୁବା ପତ୍ନୀ। ଯେ ପତନରୁ ଉଦ୍ଧାର କରେ, ସେ ପତ୍ନୀ ପଦବାଚ୍ୟ। ଦେଖାଯାଏ, ପତନକୁ ଠେଲି ଦେଇ ପରିବାରକୁ ଧ୍ୱଂସ କରିବାରେ ମଧ୍ୟ ଆଜିକାର ପତ୍ନୀମାନଙ୍କର ହାତ ଥାଏ। ମହାଭାରତ ଯୁଦ୍ଧ ପରେ ଦ୍ରୌପଦୀ ଓ ଶ୍ରୀକୃଷ୍ଣଙ୍କ କଥୋପକଥନ ଖୁବ୍ ଶିକ୍ଷଣୀୟ ଓ ଆଜିର ବରିଷ୍ଠମାନଙ୍କ ପ୍ରତି ଗ୍ରହଣୀୟ ମଧ୍ୟ। ୧୮ ଦିନ ଯୁଦ୍ଧ ପରେ ଦ୍ରୌପଦୀଙ୍କ ବୟସ ୮୦ ବର୍ଷ ପରି ଲାଗୁଥିଲା। ବଂଶ ଲୋପ ହେଲା। ହସ୍ତିନାର ଚାରିଆଡ଼େ ବିଧବାମାନଙ୍କର କ୍ରନ୍ଦନ ଓ ଶ୍ୱାନ ଶୃଗାଳମାନଙ୍କର ବିକଟାଳ ରଡ଼ି ଦ୍ରୌପଦୀଙ୍କୁ ମର୍ମାହତ କରିଥିଲା। ସବୁଆଡ଼େ ପୁରୁଷ ଶୂନ୍ୟ। ଶ୍ରୀକୃଷ୍ଣ ଆସି ପହଞ୍ଚିବାରୁ ଦ୍ରୌପଦୀ କାନ୍ଦି ଉଠିଲେ। 'ତୁମେ ପ୍ରତିଶୋଧ ନେବାକୁ ଇଚ୍ଛା କଲ; ଏଣୁ କୌରବ ବଂଶ ଧ୍ୱଂସ ହୋଇଗଲା। ତୁମେ ଖୁସି ହେବା କଥା।' ଦ୍ରୌପଦୀ କହିଲେ, 'ଏ ସମସ୍ତ କାର୍ଯ୍ୟ ପାଇଁ କ'ଣ ମୁଁ ଦାୟୀ ?' ଶ୍ରୀକୃଷ୍ଣ ତାଙ୍କୁ ତିନୋଟି କାର୍ଯ୍ୟରେ ଦୋଷ ଦେଇଥିଲେ- ୧) କୁନ୍ତୀଙ୍କ ପରାମର୍ଶ ଅନୁସାରେ ପାଞ୍ଚ ପତିଙ୍କର ପତ୍ନୀ ହେବା ପାଇଁ ଦ୍ରୌପଦୀ ପ୍ରତ୍ୟାଖ୍ୟାନ କରିବା ଉଚିତ୍ ଥିଲା, ୨) ସ୍ୱୟମ୍ବର ବେଳେ କର୍ଣ୍ଣଙ୍କୁ ଅପମାନିତ କରିବା, ୩) ଦୁର୍ଯ୍ୟୋଧନଙ୍କୁ ଅନ୍ଧର ପୁତ୍ର ଅନ୍ଧ ବୋଲି କହି ଉତ୍ତେଜିତ କରିବା ଦ୍ୱାରା ମହାଭାରତ ଯୁଦ୍ଧ ହେବା ଓ ଏକ ବଂଶ ନିପାତ ହେବା ଘଟିଲା ବୋଲି ଶ୍ରୀକୃଷ୍ଣ ବୁଝାଇ ଦେଇଥିଲେ। ଆମକୁ ପରାମର୍ଶ ମିଳିଛି ଯେ ସଂସାରରେ ମଣିଷର ବିଷ ଦାନ୍ତରେ ନଥାଏ, ଥାଏ ଜିଭରେ। ଫଳରେ ଗୋଟିଏ ଶବ୍ଦ ପ୍ରୟୋଗ ଭାବିଚିନ୍ତି କରିଥିଲେ କର୍ଣ୍ଣ ଓ ଦୁର୍ଯ୍ୟୋଧନଙ୍କୁ ଏ ପ୍ରକାର ଦୁରବସ୍ଥା ଭୋଗିବାକୁ ପଡ଼ି ନଥାନ୍ତା। କାହାରିକୁ ପ୍ରତିହିଂସା ପରାୟଣ ହେଲା ପରି ଶବ୍ଦ ପ୍ରୟୋଗ କରିବା ଅନୁଚିତ୍। ଏଣୁ ମହାଭାରତ ଆମ ଭିତରେ ଲୁଚି କରି ଅଛି କେବଳ କଟୁ ଶବ୍ଦକୁ ଅପେକ୍ଷା କରି। ବରିଷ୍ଠ ହେଲା ପରେ ଆମେ ଅଯଥା ଏପରି ଶବ୍ଦ ପ୍ରୟୋଗଠାରୁ ଦୂରେଇ ରହିବା ବିଧେୟ। କ୍ରୋଧ, ଅହଙ୍କାର ତ୍ୟାଗ କରିବା ଆବଶ୍ୟକ।

ଆମେ ଜାଣୁ, ମଣିଷ ଜୀବନରେ ୩ଟି ବୃଦ୍ଧି ସ୍ୱତଃ ଆସିଥାଏ ଏବଂ ମୃତ୍ୟୁ ସମୟୋପଯୋଗୀ ଆସିଥାଏ। ବୟସ, ମୁଣ୍ଡର କେଶ ଓ ହାତ ଗୋଡ଼ର ନଖ ବୃଦ୍ଧି ନିମନ୍ତେ କାହାକୁ ଅପେକ୍ଷା କରନ୍ତି ନାହିଁ। ଏହାକୁ କେହି ରୋକି ପାରିବେ ନାହିଁ। ବୟସ ବୃଦ୍ଧି ହେଲେ ବରିଷ୍ଠତା ଓ ବାର୍ଦ୍ଧକ୍ୟ ଆସିଥାଏ। ଜନ୍ମ ବେଳେ ମଣିଷ ସହିତ ବାର୍ଦ୍ଧକ୍ୟ ଓ ମୃତ୍ୟୁ ଆସି ଥାଆନ୍ତି। ବର୍ତ୍ତମାନର ପାରିବାରିକ କ୍ଷେତ୍ର ଓ ସାମାଜିକ କ୍ଷେତ୍ରରେ ବରିଷ୍ଠ ନାଗରିକ ହନ୍ତସନ୍ତ ହେବା ସହିତ ବିବାହିତ ଯୁବା ଯୁଗଳଙ୍କ କ୍ଷେତ୍ରରେ ମଧ୍ୟ ଦେଖା ଦେଉଥିବା ବିବାଦରେ ଛନ୍ଦି ହୁଅନ୍ତି ସରଳ ବାପା ମାଆ। ଅନେକ ସମୟରେ ଏହି ପରିକା ତିକ୍ତ ପରିବେଶରେ ଆତ୍ମହତ୍ୟା ଓ ମୃତ୍ୟୁକୁ ଆଦରି ନିଅନ୍ତି ବରିଷ୍ଠ, ଅସହାୟ ନାଗରିକଗଣ। ଏପରି ଭାବନା ବରିଷ୍ଠମାନଙ୍କୁ ଅତିଷ୍ଠ କରିଥାଏ ସିନା ବଳିଷ୍ଠ କରି ନଥାଏ। ମୃତ୍ୟୁ ଆମ ହାତରେ ନାହିଁ, ତେଣୁ ମରଣକୁ ବାରଣ କରିବା ଅନୁଚିତ୍। ଆମ ଆଗରେ ଶିଶୁ, ଯୁବକ, ପ୍ରୌଢ଼ ଓ ସମବୟସ୍କଙ୍କ ମୃତ୍ୟୁ ହେଉଥିଲେ ହେଁ ଆମେ ବଞ୍ଚିଛୁ କାହିଁକି ? ଏହାର ଉତ୍ତରରେ କୁହାଯାଇପାରେ, ଆମେ ସଂସାର ପାଇଁ ଆବଶ୍ୟକ, ଆମ ଦ୍ୱାରା କାହାରି କିଛି ଉପକାର ହୋଇପାରେ। ଏଣୁ ଆମେ ମୃତ୍ୟୁକୁ ଅପେକ୍ଷା ନ କରି ସ୍ରଷ୍ଟାଙ୍କ ଲକ୍ଷ୍ୟ ପୂରଣ ନିମନ୍ତେ ନିଜକୁ କର୍ମଠ ରଖିବା ସର୍ବାଦୌ କର୍ତ୍ତବ୍ୟ।

ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ- 'Expansion is life, Contraction is death.' ଏକ ବିସ୍ତାରିତ ଜୀବନ ବିତାଇବାରେ ସଂଘର୍ଷ ଓ ସମସ୍ୟା ଆବଶ୍ୟକ। ସମସ୍ୟାର ପରୋକ୍ଷ ଅର୍ଥ ସମାଧାନ। ସମାଧାନର ପନ୍ଥା ପାଇବା ପର୍ଯ୍ୟନ୍ତ ଆମକୁ ସଂଘର୍ଷ କରିବାକୁ ହେବ। ପରିବାରବର୍ଗଙ୍କ ଦୟାର ପାତ୍ର ଭାବେ ନିଜକୁ ବିକ୍ରି କରନ୍ତୁ ନାହିଁ, ସମାଜର ଅବକ୍ଷୟରେ ଭାଙ୍ଗି ନ ପଡ଼ି ଏହାକୁ ବଦଳାଇବାରେ ଦୃଢ଼ ହୁଅନ୍ତୁ। ଦେଖାଯାଏ, କରିବାର ଶକ୍ତି ଥାଇ ମଧ୍ୟ ଆମେ ସମୟ ଅପଚୟ କରିଥାଉ। ବୁଦ୍ଧଦେବଙ୍କ ଉକ୍ତି- 'Life is one time offer.' ଯେ କର୍ମକାର, ତାକୁ ସର୍ବଦା କାର୍ଯ୍ୟ ମିଳିଥାଏ। ଶରୀର ଦୁର୍ବଳ ହେବା ପର୍ଯ୍ୟନ୍ତ, ମନ ଅବକ୍ଷୟ ହେବା ପର୍ଯ୍ୟନ୍ତ କାମ କରାଯାଇପାରେ। ଦେଖାଯାଏ, କଥାରେ, ପରାମର୍ଶ ଦେବା ଓ ନେବାରେ ମଧ୍ୟ ବ୍ୟକ୍ତିକୁ ସହଯୋଗ କରାଯାଇପାରେ। ପ୍ରାୟତଃ ଆମ ନିଜ ପେଟର ଭାଇ ଶତ୍ରୁ ହୋଇଯାଏ। ଏହା ହୋଇଥାଏ ଆତ୍ମବଡ଼ିମା, ଧନ ପଦବୀ ଯୋଗୁଁ। ବନ୍ଧୁତାକୁ ଆମେ ଭଲ ନ ପାଇ କୌଣସି ସଂଗଠନ ଓ ଅନୁଷ୍ଠାନରେ ସାମିଲ ହୋଇ ନଥାଉ। ଦେଖାଯାଇଛି, ଯେଉଁଠି ପରିବାର, ଆତ୍ମୀୟସ୍ୱଜନ ତତ୍‌କ୍ଷଣାତ୍ ସହଯୋଗ ଦେଉ ନଥାନ୍ତି, ସେଠାରେ ବନ୍ଧୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଆଗେଇ ଆସିଥାଏ- ଯେଉଁ ଉଦ୍ଦେଶ୍ୟରେ ସରକାରୀ ପ୍ରୋତ୍ସାହନରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ଗଢ଼ାଯାଇ ସମସ୍ୟା ଟାଳିବାରେ ବିଜୟୀ ହୋଇଛି।

ସମ୍ମାନ ଦେଲେ ସମ୍ମାନ ମିଳେ। ପ୍ରଶଂସା କରନ୍ତୁ, କିନ୍ତୁ ପ୍ରଶଂସିତ ହେବାକୁ ଉଦ୍ୟମ ନ କରିବା ବୁଦ୍ଧିମାନର ପରିଚାୟକ। ସ୍ରଷ୍ଟା ଈଶ୍ୱର ହୁଅନ୍ତୁ ଅବା ଏକ ସଂଗଠନ- କାଳେ କାଳେ ସମ୍ମାନିତ।■

ଚଉଦ୍ୱାର, କଟକ

ନିତିଦିନ
NITIDIN
ମଙ୍ଗଳବାର, ୩ ଫେବୃଆରୀ ୨୦୨୬

# ବଜେଟ୍: ସୁଯୋଗ ଓ ସମ୍ଭାବନା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ରବିବାର ଦିନ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି, ଯାହା ଅନେକ ଦୃଷ୍ଟିରୁ ନିରୁତ୍ସାହିତ କରିବା ଭଳି ହୋଇଛି, ଯଦ୍ୟପି ଓଡ଼ିଶା ପାଇଁ ଏଥିରେ କେନ୍ଦ୍ର ସରକାରଙ୍କର ଢେର୍ ଅଧିକ ଗୁରୁତ୍ୱ ରହିଥିବା କଥା କୁହାଯାଉଛି। ଓଡ଼ିଶାରେ ଅବଶ୍ୟ ତାଳଚେର-ଅନୁଗୁଳ ଏବଂ କଳିଙ୍ଗନଗରରେ ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା କରାଯିବା, ଜାତୀୟ ଜଳମାର୍ଗ-୫ ନିର୍ମାଣ କରାଯିବା, ପ୍ରମୁଖ ବନ୍ଦରଗୁଡ଼ିକୁ ଯୋଡ଼ିବା ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଭଳି କେତେକ ନୂତନ ପ୍ରସ୍ତାବ ରହିଛି। ତେବେ ୨୦୨୫ର ବଜେଟ୍ ଅଧିକତଃ ଆୟକର ଏବଂ ଏହାର ସ୍ଲାବ୍‌ରେ କିଛି କୋହଳ ନୀତି ଅବଲମ୍ବନର ପ୍ରାଧାନ୍ୟ ଦ୍ୱାରା ଆଚ୍ଛାଦିତ ହୋଇଥିବା ବେଳେ ୨୦୨୬ ବଜେଟ୍ ସେଭଳି କିଛି ବଡ଼ ଧରଣର ପଦକ୍ଷେପକୁ ସମ୍ମୁଖକୁ ଆଣିନାହିଁ। ତେଣୁ ଏହାକୁ ଅତି ବେଶୀରେ ପ୍ରଗତି ପଥରେ ରହିଥିବା କାମର ନୀତି ଭାବରେ ଗ୍ରହଣ କରାଯାଇପାରେ, ଯାହାକି ଅଭୂତପୂର୍ବ ବୈଶ୍ୱିକ ଅର୍ଥନୀତିକ ଅନିଶ୍ଚିତତାର ମଧ୍ୟରେ ଏକ ଦେଶର ଦୃଢ଼ ନିଷ୍ପତ୍ତିକୁ ପ୍ରଦର୍ଶିତ କରି ପାରି ନଥିବା ଦଲିଲଟିଏ ଭାବରେ ବିବେଚନା କରିବା ବରଂ ଅଧିକ ଶ୍ରେୟସ୍କର। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ନିଷ୍ପତ୍ତି ଅପେକ୍ଷା ସାବଧାନତା ଦ୍ୱାରା ମାର୍ଗଦର୍ଶିତ ହେଉଥିବା ମନେହୁଏ, ଆଉ ତା'ର ଫଳ ସ୍ୱରୂପ ଏହା କଷ୍ଟକର ସଂସ୍କାରଗୁଡ଼ିକ, ବିଶେଷକରି ଗ୍ରାମାଞ୍ଚଳରେ ସଂସ୍କାରଗୁଡ଼ିକ ଆଣିବା ପାଇଁ ଦେଶକୁ ଆଗେଇ ନେବାର ଏକ ସୁଯୋଗକୁ ହରାଇଛନ୍ତି। ଶ୍ରୀମତୀ ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷରେ ୪.୪ ପ୍ରତିଶତ ରହିଥିବା ଆର୍ଥିକ ନିଅଣ୍ଟକୁ ୨୦୨୬-୨୭ରେ ୪.୩ ପ୍ରତିଶତକୁ କମାଇ ଆର୍ଥିକ ନିଅଣ୍ଟର ପରିଚାଳନାକୁ ବଜାୟ ରଖିଛନ୍ତି। ସେହିଭଳି ସେ ଲୋକପ୍ରିୟ ନୀତିଗୁଡ଼ିକ ଉପରେ ହେଉ କି ଅଭିବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ପୁଞ୍ଜି ବ୍ୟୟଗୁଡ଼ିକୁ ଅଧିକ ବୃଦ୍ଧି କରିବାକୁ ଆଗେଇ ଆସି ନାହାନ୍ତି। ଅପରେସନ୍ ସିନ୍ଦୂର ସତ୍ତ୍ୱେ ପୁଞ୍ଜି ବ୍ୟୟ ସାମାନ୍ୟ ୧୧.୧୧ ଲକ୍ଷ କୋଟି ଟଙ୍କାରୁ ୨୦୨୬ ଆର୍ଥିକ ବର୍ଷରେ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ଧରଣର ଆର୍ଥିକ ଶୃଙ୍ଖଳାକୁ ବୈଶ୍ୱିକ ନିବେଶକ ଏବଂ କ୍ରେଡିଟ୍ ରେଟିଂ ଏଜେନ୍ସିମାନେ ସରକାରଗୁଡ଼ିକ ଅନୁସରଣ କରିବା ପସନ୍ଦ କରିଥାନ୍ତି। ତେବେ ଏଥରର ବଜେଟ୍‌ରେ ଏକ ବଡ଼ ଧରଣର ତ୍ରୁଟି ରହିଛି- ଚିରାଚରିତ ରୀତିରେ ପ୍ରସ୍ତୁତ ଏବଂ ଉପସ୍ଥାପନ କରାଯିବା ଭଳି ଏହାର ଆଭିମୁଖ୍ୟ। ସୁରକ୍ଷାବାଦ ଯେତେବେଳେ ବଢ଼ି ଚାଲିଛି ଏବଂ ବଡ଼ ବଡ଼ ଶକ୍ତିମାନେ ମଧ୍ୟମ ଧରଣର କ୍ଷମତାଗୁଡ଼ିକୁ କୌଣସି ପକ୍ଷକୁ ଗ୍ରହଣ କରିବାକୁ ବାଧ୍ୟ କରୁଛନ୍ତି, ଭାରତ ସେତେବେଳେ ସମୟ କିଣି ପାରିବ ନାହିଁ; ଏହା ନିଜର ଘରକୁ ସଜାଡ଼ିବା ଏବଂ ନିବେଶକମାନଙ୍କ ପାଇଁ ଏହା ନିଜକୁ ଆକର୍ଷଣୀୟ କରିବା ଉଚିତ।

ବିଦେଶୀ ନିବେଶକମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଡାଟା ସେଣ୍ଟର ବା ତଥ୍ୟ କେନ୍ଦ୍ରଗୁଡ଼ିକୁ ଏକ ଟିକସ ଛୁଟି ଦେବା ବ୍ୟତୀତ ପ୍ରୋତ୍ସାହନ ପ୍ରଦାନ ହେଉ କି ସଂସ୍କାର ଦୃଷ୍ଟିରୁ ବଜେଟ୍‌ରେ ସେପରି କିଛି ଉଲ୍ଲେଖଯୋଗ୍ୟ ବ୍ୟବସ୍ଥା ନାହିଁ। ଅର୍ଥମନ୍ତ୍ରୀ ସରକାରୀ ରାଜକୋଷରୁ କିଛି ବ୍ୟୟ ନ କରି କମ୍ପାନୀମାନଙ୍କର ପରିଚାଳନାଗତ ଦକ୍ଷତାକୁ ଉନ୍ନତ କରିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନେଇ ପାରିଥାନ୍ତେ। ଉଦାହରଣ ସ୍ୱରୂପ, ଚୁକ୍ତିଗୁଡ଼ିକର ଦ୍ରୁତ ଆଇନଗତ ପ୍ରବର୍ତ୍ତନ ଭାରତର ବ୍ୟବସାୟକୁ ସୁଗମ କରିବା ମାପଦଣ୍ଡଗୁଡ଼ିକୁ ପ୍ରଭୂତ ପରିମାଣରେ ଉନ୍ନତ କରି ପାରିଥାନ୍ତା। ଗେଟ୍ କିପର ବା ଜଗୁଆଳୀ ଏବଂ ଭଡ଼ା ଚାହୁଁଥିବା ବ୍ୟକ୍ତି ବା ରେଣ୍ଟ ସିକରମାନଙ୍କ, ଯେଉଁମାନେ କି ଭାରତରେ ଉତ୍ପାଦନର ମୂଲ୍ୟ ବୃଦ୍ଧି କରୁଛନ୍ତି, ସେଗୁଡ଼ିକୁ ହ୍ରାସ କରିବା ନିମନ୍ତେ କୌଣସି ପ୍ରକାରର ପଦକ୍ଷେପ ନିଆଯାଇ ନାହିଁ। ସେହିଭଳି ପ୍ରାଚୀନ କୃଷିଜାତ ଦ୍ରବ୍ୟର ବଣ୍ଟନ ବ୍ୟବସ୍ଥାରେ ସଂସ୍କାର ଅଣାଯିବା କୃଷକମାନଙ୍କ ପାଇଁ ହଜାର ହଜାର କୋଟି ଟଙ୍କା ଆୟ କରିବାର ସମ୍ଭାବନା ସୃଷ୍ଟି କରି ପାରିଥାନ୍ତା। ୨,୨୭,୪୨୯ କୋଟି ଟଙ୍କା ସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବଜେଟ୍‌ରେ ସର୍ବାଧିକ ଆବଣ୍ଟନ ଲାଭ କରିଛି, ଯାହାକି ଋଣ ସେବା ପରେ ହିଁ ଦ୍ୱିତୀୟ। ଏହି ଯୋଜନା ଆର୍ଥିକ ଦୃଷ୍ଟିରୁ ଗରିବ ପୃଷ୍ଠଭୂମି ରହିଥିବା ଲୋକମାନଙ୍କୁ ମାଗଣାରେ ୫ କିଲୋଗ୍ରାମ୍ ଖାଦ୍ୟଶସ୍ୟ ପ୍ରଦାନ କରିବାର ଉଦ୍ଦେଶ୍ୟ ବହନ କରୁଛି। ତଥାପି, ୮୦ କୋଟି ଲୋକ- ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବା ଲୋକମାନେ- ଏହାକୁ ଲାଭ କରୁଛନ୍ତି। ଏଭଳି ମାଗଣା ଉପହାର ଗୁଡ଼ିକର କଠୋର କାର୍ଯ୍ୟାନ୍ୱୟନ- ଲୋକମାନଙ୍କୁ ହେଉ କି କମ୍ପାନୀମାନଙ୍କୁ ଦିଆଯିବା- ସରକାରଙ୍କୁ ଏ ବାବଦରେ ହେଉଥିବା ଖର୍ଚ୍ଚର ଟଙ୍କାକୁ ବିଜ୍ଞ ଭାବରେ ଅନ୍ୟ କେଉଁ କାର୍ଯ୍ୟରେ ବ୍ୟୟ କରିବାର ସୁଯୋଗ ପ୍ରଦାନ କରି ପାରିଥାନ୍ତା।

ଶିକ୍ଷା ଏବଂ ଲୋକଙ୍କୁ କୁଶଳୀ କରିବାର ଦିଗ କ୍ଷେତ୍ରରେ ମନ୍ତ୍ରୀ ମହାଶୟା ଅନୁମାନର ଅଭାବକୁ ଦର୍ଶାଇଛନ୍ତି। ଯୁବ ବର୍ଗଙ୍କୁ କର୍ମନିଯୁକ୍ତିଯୋଗ୍ୟ କରିବା ପାଇଁ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପରିବର୍ତ୍ତେ ସେ ୧୫ ହଜାର କଣ୍ଟେଣ୍ଟ (ବିଷୟବସ୍ତୁ) ସୃଷ୍ଟି କରିବା ଅନୁଷ୍ଠାନ ପ୍ରତିଷ୍ଠା କରିବା ଦିଗରେ ଆଗେଇ ଆସିଛନ୍ତି, ଯାହା ଅର୍ଥନୀତିକ ସର୍ଭେ ଆକଳନର ବିପରୀତ, ଯାହା ଉଲ୍ଲେଖ କରିଛି ଯେ ମୋବାଇଲର ଅଧିକ ସମୟ ବ୍ୟବହାର ଯୁବ ପିଢ଼ିଙ୍କର କ୍ୟାରିଅର ସମ୍ଭାବନାକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି। ସରକାର ମଧ୍ୟ ଅଣ-ଜୀବାଶ୍ମ ଜାଳେଣିଭିତ୍ତିକ ଯାନଗୁଡ଼ିକର ଅଧିକ ବ୍ୟବହାର ପାଇଁ ପ୍ରୋତ୍ସାହନ ପ୍ରଦାନ କରିବା କ୍ଷେତ୍ରରେ ଧିମା ହୋଇ ଯାଇଥିବା ମନେହୁଏ, କାରଣ ପିଏମ୍ ଇ-ଯାନ ଅଧୀନରେ ରହିଥିବା ଆର୍ଥିକ ସହାୟତା ରାଶିକୁ ହ୍ରାସ କରିଛନ୍ତି, ଯେତେବେଳେ କି ସାଧାରଣ ବର୍ଗର ଅଟୋମୋବାଇଲଗୁଡ଼ିକ ପାଇଁ ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ)କୁ ବୃଦ୍ଧି କରିଛନ୍ତି। ଯେ ପର୍ଯ୍ୟନ୍ତ ଭାରତ ବିଦେଶୀ ତୈଳ ଉପରେ ଏହାର ନିର୍ଭରଶୀଳତାକୁ କମାଇ ନାହିଁ, ସେ ପର୍ଯ୍ୟନ୍ତ ଏହା ବିଶ୍ୱ ଶକ୍ତିର ମର୍ଯ୍ୟାଦା ହାସଲ କରିବା କଷ୍ଟକର ହେବ। ଭାରତ ବିଶ୍ୱଗୁରୁ ହେବାର ଆକାଂକ୍ଷା ପୋଷଣ କରିବା କେବଳ ଯଥେଷ୍ଟ ନୁହେଁ; ସେହି ମର୍ଯ୍ୟାଦାକୁ ହାସଲ କରିବା ପାଇଁ ଏକ ବଳିଷ୍ଠ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ତାକୁ ଅନୁସରଣ କରିବା ଅପରିହାର୍ଯ୍ୟ। ସମୟ କାହା ପାଇଁ ଅପେକ୍ଷା କରେନାହିଁ; ସମୟ ଉପଗତ ହୋଇଛି, ବିଜେପି- ନେତୃତ୍ୱାଧୀନ ସରକାର ଏହା ଶିକ୍ଷା କରିବା ଉଚିତ।■

# ଶ୍ରେଷ୍ଠବିଦ୍ୟା ପାଇଁ ତ୍ୟାଗ

ଅଭିମାନ ଥିବା ପର୍ଯ୍ୟନ୍ତ ମଣିଷ ବିଦ୍ୟା ଗ୍ରହଣ କରି ପାରେନା। କେବେ ଧନ, ପଦ, ପ୍ରତିଷ୍ଠା, କ୍ଷମତାକୁ ନେଇ ମଣିଷ ଭିତରେ ଅଭିମାନ ବସା ବାନ୍ଧିଥାଏ। ଏଇ ଅଭିମାନ ଶିକ୍ଷା ଗ୍ରହଣ କରିବାର ଦ୍ୱାରକୁ ରୁଦ୍ଧ କରିଦିଏ। ମଣିଷ ନିଜକୁ ଯେତିକି ଅଜ୍ଞାନ ବିଚାର କରେ, ସେ ସେତିକି ବିଦ୍ୟା ଗ୍ରହଣ କରିପାରେ। ନିଜ ଆଖି ଆଗରେ ହାତ ବା କିଛି ଆବରଣ ଦେଇଦେଲେ ଅନ୍ୟ ଦୃଶ୍ୟ ସବୁ ଦେଖି ହୁଏନା। ଠିକ୍ ସେମିତି ମଣିଷ ମନରେ ଅଭିମାନ ରୂପକ ଆବରଣଟିଏ ପଡ଼ିଗଲେ ଅନ୍ୟର ଜ୍ଞାନ, ବୁଦ୍ଧି, ପ୍ରଶଂସା ସହଜରେ ଗ୍ରହଣ କରି ହୁଏନା। ଅଭିମାନ ସବୁବେଳେ ନିଜକୁ ବଡ଼ କରି ରଖିବାକୁ ଚେଷ୍ଟାକରେ। ପ୍ରଶଂସା ଯୋଗାଡ଼ କରେ। ମନେ ରଖିବାକୁ ହେବ, ଅଭିମାନ ଥିବା ଯାଏଁ ଜ୍ଞାନଲାଭ ସହଜରେ ହୁଏନା। ଯେଉଁ ଜ୍ଞାନଲାଭ ହୁଏ, ତାହା କ୍ରିୟାଶୀଳ ହୁଏନା। ଜ୍ଞାନ ଗ୍ରହୀତା ଯେତେ ସରଳ ଓ ନିରଭିମାନ ହେବେ, ବିଦ୍ୟା ଗ୍ରହଣ ସେତେ ପ୍ରାଞ୍ଜଳ ହୋଇ ପାରିବ। ଏ ନେଇ ସନ୍ଥ ଛାନ୍ଦୋଗ୍ୟ ଉପନିଷଦରୁ କଥାଟିଏ କହିଲେ-

ଜାନଶ୍ରୁତି ନାମରେ ଜଣେ ରାଜା ଥିଲେ। ସେ ଖୁବ୍ ଉଦାର, ଦାନୀ, ଧାର୍ମିକ ଓ ସୁଶାସକ ଥିଲେ। ରାଜା ଜାନଶ୍ରୁତି ବ୍ରହ୍ମଜ୍ଞାନ ପ୍ରଭାବରେ ତେଜସ୍ୱୀ ଦେଖା ଯାଉଥାନ୍ତି। ଦିନେ ପୂର୍ଣ୍ଣିମା ରାତିରେ ରାଜା ଦୁଇ ଜଣ ପରିବ୍ରାଜକ ସନ୍ନ୍ୟାସୀଙ୍କଠାରୁ ଶୁଣିବାକୁ ପାଇଲେ ଜଣେ ଶଗଡ଼ିଆ ଅଛନ୍ତି। ସେ ରାଜାଙ୍କଠାରୁ ବଡ଼ ସାଧକ। ତାଙ୍କ ନାଁ ରୈକ୍ୱ। ପରଦିନ ସକାଳେ ରାଜା ଜାନଶ୍ରୁତି ସେବକକୁ ଡକାଇ ଶଗଡ଼ିଆ ମହାତ୍ମା ରୈକ୍ୱଙ୍କ ସମ୍ବନ୍ଧରେ ଅନୁସନ୍ଧାନ କରିବାକୁ ଆଦେଶ ଦେଲେ।

ସେବକ ରାଜାଙ୍କ ଆଜ୍ଞା ପାଳନ କରି ମହାତ୍ମା ରୈକ୍ୱଙ୍କୁ ଅନେକ ସ୍ଥାନରେ ଖୋଜିଲେ। ବହୁତ ସ୍ଥାନ ଖୋଜିବା ପରେ ଦେଖିଲେ ଗୋଟିଏ ବଳଦ ଗାଡ଼ି ତଳେ ଉଦାସୀନ ହୋଇ ଜଣେ ମଣିଷ ବସିଥିଲେ। ବୋଧହୁଏ ତାଙ୍କୁ କୌଣସି ଚର୍ମରୋଗ ହୋଇଥିଲା। ତେଣୁ ଦେହ କୁଣ୍ଡାଇ ହେଉଥିଲେ। ସେବକଟି ପ୍ରଣାମ କରି ତାଙ୍କୁ ପଚାରିଲା- 'ଆପଣ ଗାଡ଼ିବାଲା ରୈକ୍ୱ କି ?' ସେ ହଁ ଭରିଲେ। ରୈକ୍ୱଙ୍କର ମୁଖମଣ୍ଡଳରେ ଅସାଧାରଣ ସନ୍ତୋଷର ଚିହ୍ନ ଫୁଟିଉଠୁଥିଲା। ବ୍ରହ୍ମ ବିଦ୍ୟାର ତେଜରେ ସେ ଜାଜ୍ୱଲ୍ୟମାନ ଦିଶୁଥିଲେ। ସେବକ ଫେରିଆସି ରାଜାଙ୍କୁ ସମସ୍ତ ସୂଚନା ଦେଲା।

ରାଜା ଜାନଶ୍ରୁତି ଛଅ ଶହ ଗାଈ, ଗୋଟିଏ ସୁନା ହାର ଏବଂ ଅଶ୍ୱଚାଳିତ ରଥ ନେଇ ମହାତ୍ମା ରୈକ୍ୱଙ୍କୁ ସାକ୍ଷାତ କରିବାକୁ ଗଲେ। ରାଜା କହିଲେ- 'ମହାତ୍ମା ! ଆପଣ ଯେଉଁ ଦେବତାଙ୍କ ଆରାଧନା କରନ୍ତି, ମୋତେ ସେହି ଉପଦେଶ ଦିଅନ୍ତୁ।' ରୈକ୍ୱ ରାଜାଙ୍କୁ ବିଦ୍ୟା ଦେଲେନାହିଁ। ଏସବୁ ଉପହାର ସ୍ୱୀକାର କଲେନାହିଁ। ପୁଣି କିଛି ଦିନ ପରେ ରାଜା ଜାନଶ୍ରୁତି ଏକ ହଜାର ଗାଈ, ଅଶ୍ୱଖଚିତ ରଥ, ବହୁମୂଲ୍ୟ ଅଳଙ୍କାର ଏବଂ ନିଜର ଯୁବତୀ କନ୍ୟାକୁ ନେଇ ପହଞ୍ଚିଲେ ଧର୍ମାତ୍ମା ରୈକ୍ୱଙ୍କ ନିକଟରେ। ସମସ୍ତ ପଦାର୍ଥ ରୈକ୍ୱଙ୍କୁ ପ୍ରଦାନ କଲେ। ନିଜର ସୁଶୀଳା କନ୍ୟାକୁ ବିବାହ କରିବା ପାଇଁ ରୈକ୍ୱଙ୍କୁ ନିବେଦନ କଲେ। ରୈକ୍ୱ ଏସବୁ ଉପହାର ଗ୍ରହଣ କଲା ପରେ ରାଜା ତାଙ୍କୁ ସେହି ଅଧ୍ୟାତ୍ମ ବିଦ୍ୟା ବିଷୟରେ ପଚାରିଲେ। ରୈକ୍ୱ ଜାଣିଲେ ରାଜା ନିଜର କନ୍ୟାକୁ ଜଣେ ଗାଡ଼ିବାଲା ପାଖରେ ସମର୍ପଣ କରିଛନ୍ତି। ଏହା ଭିତରେ ରାଜା ଓ ଗାଡ଼ିବାଲା ମଧ୍ୟରେ ଥିବା ମାନସିକ ଭେଦ ରାଜାଙ୍କ ଭିତରୁ ଚାଲି ଯାଇଛି। ରାଜାର ଅଭିମାନ ତାଙ୍କ ପାଖରେ ନାହିଁ। ଅଧ୍ୟାତ୍ମ ଜ୍ଞାନ ପ୍ରାପ୍ତ ହେବା ପାଇଁ ରାଜାଙ୍କ ଏକାନ୍ତ ନିଷ୍ଠା ଓ ଉତ୍କଣ୍ଠା ଦେଖି ରୈକ୍ୱ ରାଜାଙ୍କୁ ଶ୍ରେଷ୍ଠବିଦ୍ୟା ପ୍ରଦାନ କଲେ। ସେତେବେଳେ ରାଜାଙ୍କ ଭିତରୁ ସମସ୍ତ ଅଭିମାନ ଚାଲି ଯାଇଥିଲା। ଜାତି, କର୍ମ, ଗୁଣ ଭେଦଭାବ କିଛି ହିଁ ନଥିଲା। ରାଜା ମଧ୍ୟ ବୁଝିଥିଲେ ଅଭିମାନ ଥିବା ପର୍ଯ୍ୟନ୍ତ ବିଦ୍ୟା ସହଜରେ ମିଳେନାହିଁ।■

# ବିଭିନ୍ନ ସ୍ଥାନରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର




**ନାଉଗାଁ,୨।୨/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୪୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୩୬ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ /ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୫ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କିତ ୧ଟି, ଆବାସ ଯୋଜନା ସମ୍ପର୍କିତ ୭ଟି, ଜମିଜମା ସମସ୍ୟା ସମ୍ପର୍କିତ ୧୧ଟି, ଭତ୍ତା ପାଇବା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ନାଉଗାଁ, ନିରଞ୍ଜନ ପରିଡ଼ା, ତହସିଲଦାର, ନାଉଗାଁ, ଅକ୍ଷୟ କୁମାର ବଡୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଜୀଙ୍କ୍ୟ ମାଣେ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



**ଆଳି:** ଆଳି ବ୍ଲକଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଶିବିରରେ ମୋଟ ୧୩୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥି ମଧ୍ୟରୁ ୧୧୦ଟି ବ୍ୟକ୍ତିଗତ ଏବଂ ୨୨ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୫ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ପଞ୍ଜିକୃତ ଅଭିଯୋଗ ଗୁଡିକରେ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଜିଲ୍ଲାପାଳ, ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗଗୁଡ଼ିକ ସମୀକ୍ଷା କରିଥିଲେ। ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର୍ (ସାଧାରଣ ଓ ବିବିଧ ବିଭାଗ), ଆଳି ବିଡିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚୋର ଗ୍ୟାଙ୍ଗ୍‌କୁ ଧରିଲେ ଗ୍ରାମବାସୀ



**ପାରାଦୀପ,୨।୨/ଏନ୍ଏନ୍ଏସ୍:** ଗାଁରୁ କଳାକନା ବୁଲାଉଥିବା ଚୋର ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛନ୍ତି ଗ୍ରାମବାସୀ। ଚାରିଜଣ ଚୋରକୁ ଧରିବା ପରେ ଧୀରେ ଧୀରେ ଚୋରି ପଛରେ ରହିଥିବା ଏକ ବଡ଼ ଚୋରଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛନ୍ତି ଗ୍ରାମବାସୀ। କୁଜଙ୍ଗ ପୁଲିସକୁ ଦୁର୍ବୃତ୍ତଙ୍କୁ ହସ୍ତାନ୍ତର ପରେ ଚୋରି ସାମଗ୍ରୀ ଜବତ ସହିତ ଏହି ଚୋରି ପଛର ମୁଖ୍ୟ କାର୍ପଟଦାର୍‌ମାନଙ୍କ ନାଁ ଓ ତଥ୍ୟ ପୁଲିସ ହାତରେ ଲାଗିଛି। ଏହାକୁ ନେଇ ପୁଲିସ ଆରମ୍ଭ କରିଛି ଖୋଳତାଡ଼। ଏହିଭଳି ଘଟଣା ଘଟିଛି କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମରେ।

ରାତି ହେଲେ ଗାଁ ଲୋକଙ୍କ ମନରେ ମାଡ଼ିଆସୁଥିଲା ଅଜଣା ଭୟ। କାହା ଘରୁ ହାଣ୍ଡିଶାଳ ଖାଲି ହୋଇଯାଉଥିଲା ତ କାହାର ସିନ୍ଦୁକ, ଅଲମାରି ଖାଲି ହୋଇଯାଉଥିଲା। ରାସ୍ତାରେ ରହିଥିବା ଗାଡ଼ିଗୁଡ଼ିକରୁ କେତେବେଳେ ଡିଜେଲ ଚୋରି ତ କେତେବେଳେ ବ୍ୟାଟେରି ଇଞ୍ଜିନ ଚୋରି ହୋଇଯାଉଥିଲା। କ୍ରମାଗତ ଭାବେ କିଛି ମାସ ହେବ କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମରେ ଚୋରଙ୍କ ଭୟରେ ସନ୍ଧ୍ୟା ହେଲେ ତାଟି କବାଟ ପଡ଼ିଯାଉଥିଲା। ଏହାକୁ ନେଇ ଗ୍ରାମବାସୀ ମିଳିତ ଭାବରେ ଏହି ଚୋର ଗ୍ୟାଙ୍ଗକୁ ଧରିବା ପାଇଁ ବିଛାଇଥିଲେ ଜାଲ। ସେଥିରେ ଚୋରଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛନ୍ତି। କିଛି ଲୋକଙ୍କ ଘର ଓ ଗାଡ଼ିରୁ ଚୋରି ହୋଇଥିବା ଜିନିଷ ପୁଲିସ ସହାୟତାରେ ଜବତ କରାଯାଇଛି। ଦିନକୁ ଦିନ ଗାଁରେ ଚୋରି ବଢ଼ିବା ସହିତ ଗାଁ ଲୋକ ଘରୁ ବାହାରକୁ ଯିବା ପୂର୍ବରୁ ମନରେ ଅଜଣା ଭୟ ସୃଷ୍ଟି ହେଉଥିଲା। ଧୀରେ ଧୀରେ ଏହି ଚୋରଦଳକୁ ଧରିବା ପାଇଁ ଗାଁ ଲୋକେ ମନସ୍ଥ କରି ଗାଁରେ ମାଇକ୍ ଦ୍ୱାରା ପ୍ରଚାର କରି ଏହି ଚୋର ଦଳକୁ ନିପାତ ପାଇଁ ଶପଥ ନେଇଥିଲେ। ଏହି ଖବର ଚୋର ଦଳଙ୍କ କାନରେ ପଡ଼ିବା ପରେ ଗୋଟିଏ ପରେ ଗୋଟିଏ ଭୁଲ କରିବା ସହିତ ଚୋରିର ସୁରାକ୍ ଛାଡ଼ିଥିଲେ ଚୋର। ଯାହା ଫଳରେ କିଛି ଯୁବକଙ୍କ ଉପରେ ସନ୍ଦେହ ହୋଇଥିଲା। ସେମାନଙ୍କୁ ଧରି କୁଜଙ୍ଗ ପୁଲିସକୁ ଖବର ଦିଆଯାଇଥିଲା। କୁଜଙ୍ଗ ପୁଲିସ ହସିଣା ଗ୍ରାମରେ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ଜେରା କରିବା ପରେ ଗୋଟିଏ ପରେ ଗୋଟିଏ ଚୋରିର ପର୍ଦ୍ଦାଫାଶ ହୋଇଥିଲା। ଏହି ଚୋର ଗ୍ୟାଙ୍ଗରେ ଅନେକ ନାବାଳକ ଓ ଯୁବକ ସାମିଲ ଅଛନ୍ତି। ଚୋରି ରୋକିବାରେ ଗ୍ରାମବାସୀ ଯେଉଁପରି ସଫଳ ହୋଇଛନ୍ତି, ତାହା ପ୍ରଶଂସନୀୟ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଅବଶିଷ୍ଟ ଚୋରଙ୍କ ପାଖରେ କୁଜଙ୍ଗ ପୁଲିସ କେବେ ପହଁଚୁଛି ତାହା ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି



**ଅନୁଗୁଳ,୨।୨/ଏନ୍ଏନ୍ଏସ୍:** ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୫୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୬ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୫ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ପାଲଲହଡ଼ା ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପଟେଲ, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ପାଲଲହଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଶାନ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

**ମହିମା ପୀଠ ବିକାଶ ପ୍ରକଳ୍ପର ଶିଳାନ୍ୟାସ**

## ୨୬୩ ଫୁଟ୍ ଉଚ୍ଚତାର ମନ୍ଦିର ନିର୍ମାଣ ହେବ: ମନ୍ତ୍ରୀ



**ଢେଙ୍କାନାଳ,୨।୨/ଏନ୍ଏନ୍ଏସ୍:** ମହିମା ଗାଦିର ମାଟି ମହନୀୟ ମାଟି। ଜଗତ କଲ୍ୟାଣର ବାର୍ତ୍ତା ବିଶ୍ୱକୁ ଉଦ୍‌ବୁଦ୍ଧ କରେ। ଏ ପବିତ୍ର ଜାଗାର ଆହୁରି ବିକାଶ ହେବ। ଭବ୍ୟ ମନ୍ଦିର ନିର୍ମାଣ ହେବ। ୨୪୦ କୋଟି ଟଙ୍କାରେ ୨୬୩ ଫୁଟ୍ ଉଚ୍ଚତାର ମନ୍ଦିର ନିର୍ମାଣ ହେବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋରନ୍ଦା ମହିମା ପୀଠ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରି ଏହା କହିଛନ୍ତି। ଶ୍ରୀ ପାତ୍ର ଆହୁରି କହିଥିଲେ, ଯୋରନ୍ଦାର ମହିମା ପୀଠର ବିକାଶ ସହ ଯୋରନ୍ଦା ମହାବିଦ୍ୟାଳୟର ଉନ୍ନତି ପାଇଁ ୨ କୋଟି ପ୍ରଦାନ କରାଯାଇଛି। ଏଥିସହ ଢେଙ୍କାନାଳର ବିକାଶ ଆଗେଇ ଚାଲିବ। ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ପରିଗଣିତ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା ଉପସ୍ଥିତ ଥିଲେ। ମହିମା ସମାଜ ସମନ୍ୱୟ କର୍ତ୍ତା ତଥା ସର୍ବ ଭାରତୀୟ ଗୋସେବା ପ୍ରମୁଖ ଅଜିତ ମହାପାତ୍ର ମହିମା ଧର୍ମର ମହାନିୟତା ସମ୍ପର୍କରେ ଆଲୋଚନା କରିଥିଲେ। ମହିମା ଧର୍ମର ମହାନୀୟ ବାର୍ତ୍ତା ପୃଥିବୀକୁ ଶାନ୍ତିର ବାର୍ତ୍ତା ଦେଉଛି ବୋଲି କହିଥିଲେ। ମହିମା ସାଧୁ ନିତ୍ୟାନନ୍ଦ ବାବା, ଅବିନାଶ ବାବା, ରଘୁବାବା, ରମେଶ ବାବା ଯୋଗଦେଇ ଏପରି ଭବ୍ୟ ମନ୍ଦିର ନିର୍ମାଣ ମହିମା ଧର୍ମର ବିକାଶ ସହ ପର୍ଯ୍ୟଟନର ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି କହିଥିଲେ। ଏହି ଅବସରରେ ମହିମା ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ 'ମହିମା ଦିପ୍ତୀ' ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଜିଲ୍ଲାପାଳ ଢେଙ୍କାନାଳ ଆଶିଷ ଈଶ୍ୱର ପାଟିଲ ଧନ୍ୟବାଦ୍ ଦେଇଥିଲେ।

**ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା**

# ମହିଳାଙ୍କ ଜାତୀୟ ରାଜପଥ ଅବରୋଧ



**ପରଜଙ୍ଗ,୨।୨/ଏନ୍ଏନ୍ଏସ୍:** ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ଅନ୍ତର୍ଗତ ହାତୀଲୁଟଣି ଗ୍ରାମରେ ଗତ ୧୦ ଦିନ ହେବ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏହି ବିଷୟରେ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତି କରାଯାଇଥିଲେ ସୁଦ୍ଧା ଯନ୍ତ୍ରୀ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ତେଣୁ ମହିଳାମାନେ ସୋମବାର ମଧ୍ୟାହ୍ନରେ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଗରା ବାଲ୍ଟି ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଛିଡ଼ା ହୋଇ ରହିଥିଲା। ରାସ୍ତା ଅବରୋଧ ସ୍ଥଳରେ ପରଜଙ୍ଗ ଥାନା ଏସ୍‌ଆଇ ସୁଶ୍ରୀ ଅନାମିକା, ଏଏସଆଇ ଯୁଗଳ କୁମାର ପ୍ରଧାନ ଓ ସାଆନ୍ଦା ଫାଣ୍ଡି ଅଧିକାରୀ ଯୋସେଫ ପଟ୍ଟନାୟକ ପହଞ୍ଚି ବୁଝାସୁଝା ଜାରି ରଖିଥିଲେ। ପରେ ପାନୀୟ ଜଳ ଯୋଗାଣ ବିଭାଗର କ୍ଷୁଦ୍ର ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମହିଳାମାନେ ପାଣି ଅବ୍ୟବସ୍ଥା ଏବଂ ନ ପାଇବାର ଅଭିଯୋଗ କରିଥିଲେ। ପାଣି ମେସିନ୍ ଦିନକୁ ମାତ୍ର ୧୦ ମିନିଟ୍ ଚଳାଉଥିବାରୁ ପାଣି କିଛି ମହିଳା ଅଳ୍ପ ପାଉଥିବା ବେଳେ ଆଉ କିଛି ମହିଳା ବିଲକୁଲ ପାଣି ନ ପାଇ ଖାଲି ଗରା ବାଲ୍ଟି ଧରି ଫେରିବାକୁ ପଡୁଛି। ପାଣି ପମ୍ପ ଚଳାଉଥିବା କର୍ମଚାରୀଙ୍କୁ ସେଠାରୁ ବାହାର କର ବୋଲି ମହିଳାମାନେ ଜିଦ୍ କରିଥିଲେ। ବହୁ ବୁଝାସୁଝା ପରେ ରାସ୍ତା ଅବରୋଧରୁ ମହିଳାମାନେ ଉଠିଥିଲେ।

## ଚାଷୀଙ୍କୁ ମିଳୁନି ପାଣି ଓ ବିଦ୍ୟୁତ୍ ସଂଯୋଗ



**କେନ୍ଦ୍ରାପଡ଼ା,୨।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଧୁମାତ ପଞ୍ଚାୟତର ମହିଳା ଚାଷୀ କୁମାରୀ ଦେବସ୍ମିତା ପାଠଶାଠ ପଢ଼ିଲା ପରେ ଚାଷକୁ ଆପଣାଇ ପ୍ରାୟ ୧୦ଏକର ଜମିରେ ପନିପରିବା ଚାଷ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟଏହି ମହିଳା ଚାଷୀଙ୍କୁ ବିଭାଗୀୟ ଅଧିକାରୀମାନେ ଚାଷ ପାଇଁ ପାଣି ଯୋଗାଇବାକୁ ଅବହେଳା ପ୍ରଦର୍ଶନ କରୁଥିବାରୁ ସେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ପ୍ରାୟ ୧୦ଏକର ଜମିରେ ଦେବସ୍ମିତା କଖାରୁ, ମଟରଛୁଇଁ, ବିମ୍, ଝୁଡଙ୍ଗ, ବନ୍ଧାକୋବି, ଫୁଲକୋବି, ପୋଟଳ, ବାଇଗଣ, ଟମାଟର, ଭେଣ୍ଡି, ଜହ୍ନି ଆଦି ଚାଷ କରୁଥିବାବେଳେ ଧୁମାତ ଗ୍ରାମର ଖାତା ନଂ-୬୧୬, ପ୍ଲଟ ନଂ-୪୮୪ ପ୍ଲଟରେ ଥିବା ଚାଷଜମିରେ ଗଭୀର ନଳକୂପ ସ୍ଥାପନ କରିଛନ୍ତି। ଉକ୍ତ ନଳକୂପରୁ ଜଳସେଚନ ପାଇଁ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ଯାହା ଦ୍ୱାରା ଚାଷ ଜମିରେ ଜଳସେଚନ କରି ଫସଲ ଉତ୍ପାଦନ କରିହେବ। କିନ୍ତୁ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ବିଭାଗୀୟ ଅବହେଳା ଓ ଚାଷ ଜମିରେ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ଅବହେଳା କରୁଥିବାରୁ ସେ ଅଭିଯୋଗ କରିଛନ୍ତି। ତୁରନ୍ତ ତାଙ୍କୁ ପାଣି ଓ ବିଦ୍ୟୁତ୍ ସଂଯୋଗ ଯୋଗାଇବା ପାଇଁ ସେ ଦାବି କରିଛନ୍ତି।

**ଡେରାବିଶ ଯୁବ ମହୋତ୍ସବ ଉଦ୍‌ଘାଟିତ**

## ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ଓ ଘୁମୁରା ନାଚରେ ଝୁମିଲେ ଦର୍ଶକ



**ଟାନ୍ଦୋଳ,୨।୨/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମିନିଷ୍ଟାଡ଼ିୟମ ପରିସରରେ ରବିବାରଠାରୁ ଆରମ୍ଭ ହୋଇଛି ଡେରାବିଶ ଯୁବ ମହୋତ୍ସବ। ଏହି ଅବସରରେ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଗତକାଲି ଅପରାହ୍ଣରେ ନିକଟସ୍ଥ ମା' ରାମଚଣ୍ଡୀ ଠାକୁରାଣୀଙ୍କ ନିକଟରୁ ପୂଜାର୍ଚ୍ଚନା ପୂର୍ବକ ଏକ ମଶାଲ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ଶୋଭାଯାତ୍ରାରେ ଆଣି ମହୋତ୍ସବ ସ୍ଥଳରେ ପ୍ରଜ୍ୱଳିତ କରିଥିଲେ। ପରେ ମହୋତ୍ସବର ଅଧ୍ୟକ୍ଷ ତଥା ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ମଞ୍ଚରେ ଥିବା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ନିକଟରେ ପୂଜାର୍ଚ୍ଚନା କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।

ଶ୍ରୀ ପରିଡ଼ା ତାଙ୍କ ଉଦ୍‌ଘାଟନୀ ଅଭିଭାଷଣରେ କହିଥିଲେ ଯେ ଏହି ମହୋତ୍ସବ ଦ୍ୱାରା ଡେରାବିଶର ଯୁବକମାନଙ୍କର ବ୍ୟକ୍ତିତ୍ୱର ବିକାଶ କରିବା ସହିତ ଏଠାରେ ଅନୁଷ୍ଠିତ ନିଯୁକ୍ତି ଓ ଆତ୍ମନିଯୁକ୍ତି ପ୍ରୋତ୍ସାହନର କର୍ମଶାଳା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବକ ଯୁବତୀମାନଙ୍କୁ ଭାରତର ଐତିହ୍ୟ ଓ ସଂସ୍କୃତିର ପରିଚୟ ବହନ କରୁଥିବା କୀର୍ତ୍ତିରାଜିକୁ ପରିଦର୍ଶନ କରାଇନେବା ସହିତ ଅଞ୍ଚଳର ବହୁ ଯୁବ ଚାଷୀଙ୍କୁ ପ୍ରଶିକ୍ଷଣ, ଯୁବ ପ୍ରତିଭା ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ। ପରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ତାଙ୍କ ଗ୍ରୁପ୍, ଘୁମୁରା ନୃତ୍ୟ ଓ କଟକର ସଙ୍ଗମ ଡ୍ୟାନ୍ସ ଗ୍ରୁପ ଦ୍ୱାରା ପରିବେଶିତ ନୃତ୍ୟ, ଗୀତ ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ମହୋତ୍ସବରେ ଡେରାବିଶ ବ୍ଲକ ବିପିଏମ୍ ଅମୀୟ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓର୍ମାସ୍ ଓ ମିଶନ ଶକ୍ତି ପକ୍ଷରୁ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ୍‌ରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ମହିଳା ଉଦ୍ୟୋଗୀମାନେ ସେମାନଙ୍କର ହାତ ତିଆରି ସାମଗ୍ରୀ ପ୍ରଦର୍ଶିତ କରିଥିବା ଦେଖିବାକୁ ମିଳିଛି। ଏହି ଷ୍ଟଲ ମାନଙ୍କରୁ ବିଭିନ୍ନ ଘରକରଣା ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଭିଡ଼ ଲାଗିଥିବା ବେଳେ ବିଭିନ୍ନ ଫାଷ୍ଟ ଫୁଡ୍ ଦୋକାନୀମାନେ ବେଶ୍ ଭଲ ବ୍ୟବସାୟ କରୁଛନ୍ତି। କାର୍ଯ୍ୟକ୍ରମକୁ ବିଜୟ କୁମାର ଜେନା, ବିଘ୍ନେଶ୍ୱର ନାୟକ, ସଞ୍ଜୟ ଦାସ, ସରପଞ୍ଚ ମାନସୀ ସାମଲ, ଅଭିମନ୍ୟୁ ରାଉତ, ତୁଷାରକାନ୍ତ ବୋଷ, ପ୍ରସନ୍ନ ମିଶ୍ର, ପଦ୍ମଲାଭ ଦାସ, ଅମର କୁମାର ମହାନ୍ତି, ଅଭିମନ୍ୟୁ ଦାଶ, ତ୍ରିଲୋଚନ ମଲ୍ଲ, ବିଶ୍ୱମୋହନ ଦାସ. ଚନ୍ଦ୍ରକାନ୍ତ ପ୍ରଧାନ, ଜଳଧର ସ୍ୱାଇଁ, ଅମରେନ୍ଦ୍ର ରଥ, ପ୍ରିୟତୋଷ ପରିଡ଼ା, ଶ୍ରୀନିବାସ ଲେଙ୍କା, ସତ୍ୟବ୍ରତ ପରିଡ଼ା, କମଳାକାନ୍ତ ଦାସ, ଭଞ୍ଜନ କୁମାର ମହାନ୍ତି, ସ୍ମାରକ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ମହୋତ୍ସବ ଆସନ୍ତା ୫ ତାରିଖ ଯାଏ ଚାଲିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

**ବିଶ୍ୱ ଆର୍ଦ୍ରଭୂମି ଦିବସ**

# 'ସନ୍ତୁଳିତ ଜଳବାୟୁ ପାଇଁ ଆର୍ଦ୍ରଭୂମି ସୁରକ୍ଷା ଅପରିହାର୍ଯ୍ୟ'



**ଅନୁଗୁଳ,୨।୨/ଏନ୍ଏନ୍ଏସ୍:** ପରିବେଶ ସନ୍ତୁଳନ, ସୁସ୍ଥ ପରିସଂସ୍ଥା ଓ ଜଳବାୟୁ ସ୍ଥିରତା ପାଇଁ ଆର୍ଦ୍ରଭୂମିର ସୁରକ୍ଷା ଓ ସଂରକ୍ଷଣ ଅପରିହାର୍ଯ୍ୟ।ପ୍ରାକୃତିକ ଆବର୍ତ୍ତନ ପ୍ରକ୍ରିୟାକୁ ବଜାୟ ରଖିବା ସହ ଭୂତଳ ଜଳଧାରଣା କ୍ଷମତାକୁ ବୃଦ୍ଧି କରିବାରେ ଆର୍ଦ୍ରଭିମର ଭୂମିକା ଅତୁଳନୀୟ। ଏକ ସୁସ୍ଥ ଶରୀର ପାଇଁ ଫୁସଫୁସ ଓ ବୃକକ୍ ଯେମିତି ଅପରିହାର୍ଯ୍ୟ, ଠିକ୍ ସେମିତି ଏକ ସନ୍ତୁଳିତ ପୃଥିବୀ ପାଇଁ ଜଙ୍ଗଲ ଓ ଆର୍ଦ୍ରଭୂମିର ସୁରକ୍ଷା ଅପରିହାର୍ଯ୍ୟ। ମାତ୍ର ସମ୍ପ୍ରତି ମାନବ ସମାଜର ଜନସଂଖ୍ୟା ବିସ୍ଫୋରଣ ଏବଂ ସେହି ହାରରେ ଆଧୁନିକତା ଓ ଆବଶ୍ୟକତା ଦୃଷ୍ଟିରୁ ଆର୍ଦ୍ରଭୂମିର ବିଲୋପ ଏକ ବିରାଟ ଚିନ୍ତାର କାରଣ। ଯୁବ ଓ ଛାତ୍ର ସମାଜ ଆର୍ଦ୍ରଭୂମି ବିଷୟରେ ସଚେତନ ହେଲେ ଭବିଷ୍ୟତରେ ଆର୍ଦ୍ରଭୂମିର ସୁରକ୍ଷା ହୋଇପାରିବ ବୋଲି ଏକ ସଚେତନତା କର୍ମଶାଳାରେ ମତପ୍ରକାଶ ପାଇଛି।

ସାମାଜିକ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଉଦ୍ୟମରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରନ୍ତଲାଇଠାରେ 'ବିଶ୍ୱ ଆର୍ଦ୍ରଭୂମି ଦିବସ' ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ ସଭାପତିତ୍ୱ କରିଥିବା ସହକାରୀ ଶିକ୍ଷକ ଜିତେନ୍ କୁମାର ସାହୁ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ବରିଷ୍ଠ ପରିବେଶବିତ୍ ତଥା ନିୟୁଜ୍ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଯୋଗ ଦେଇ ଆର୍ଦ୍ରଭୂମିର ପ୍ରକାରଭେଦ, ବିଶ୍ୱ, ଭାରତ ଏବଂ ଓଡ଼ିଶାରେ ରାମସର୍ ସାଇଟର ସ୍ଥିତି ଏବଂ ଅବସ୍ଥିତି, ଜୀବନଜୀବିକା ପରିଚାଳନାରେ ଆର୍ଦ୍ରଭୂମିର ଭୂମିକା ସମ୍ବନ୍ଧରେ ବିସ୍ତୃତ ଭାବେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ସରୋଜ କୁମାର ପ୍ରଧାନ, ସୁଧାଂଶୁ ଶେଖର ନାଥ, ପ୍ରଦୀପ୍ କୁମାର ସାହୁ ଏବଂ ନିୟୁଜ୍ ଅନୁଷ୍ଠାନର ସଂଯୋଜକ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ସ୍ଥାନୀୟ ଆର୍ଦ୍ରଭୂମି ପ୍ରତି ଥିବା ବିପଦ, ଆର୍ଦ୍ରଭୂମି ସଂକୋଚନର ବିଭିନ୍ନ କାରଣ ଏବଂ ନିରାକରଣ ଓ ସଂରକ୍ଷଣ ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ। ନିଜ ଗ୍ରାମର ଚାଷ ଜମି, ସନ୍ତସନ୍ତିଆ ଜାଗା,ପୋଖରୀ, ନାଳ ଓ ଝରଣାର ସୁରକ୍ଷା ସମେତ ନିକଟସ୍ଥ ଡେରଜାଙ୍ଗ ଡ୍ୟାମ ଆର୍ଦ୍ରଭୂମିର ସୁରକ୍ଷା ପାଇଁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ହ୍ରାସ କରିବା ସମେତ ଅନ୍ୟମାନଙ୍କୁ ସଚେତନ କରିବା ନେଇ ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରିଥିଲେ। ଅନୁଷ୍ଠାନର ବିନୟ କୁମାର ସାହୁ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

## ଭଙ୍ଗା ପରିବାରକୁ ଯୋଡ଼ିଲେ ପରିବାର ଅଦାଲତ୍ ବିଚାରପତି



**କେନ୍ଦ୍ରାପଡ଼ା,୨।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ପରିବାର ଅଦାଲତର ବିଚାରପତି ଦେବାଶିଷ ପଣ୍ଡା ଏକ ଭଙ୍ଗା ପରିବାରକୁ ଯୋଡ଼ି ପୁନର୍ବାର ଘର ସଂସାର କରିବା ପାଇଁ ପରାମର୍ଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ସଦରଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ଭାଗ୍ୟଧର ସେଠୀ ଯଦୁପୁର ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁରୁ ଗ୍ରାମର ଲକ୍ଷ୍ମୀପ୍ରିୟା ଦାସଙ୍କୁ ୨୦୧୦ ମସିହାରେ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ପରିବାର ଅଦାଲତରେ ଭାଗ୍ୟଧର ସେଠୀ ଛାଡ଼ପତ୍ର ମାମଲା ରୁଜୁ କରିଥିବାବେଳେ ଲକ୍ଷ୍ମୀପ୍ରିୟା ଭରଣପୋଷଣ ମାମଲା ରୁଜୁ କରିଥିଲେ। ପରିବାର ଅଦାଲତର ବିଚାରପତି ମାନ୍ୟବର ଶ୍ରୀ ପଣ୍ଡା ଓ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ନାୟକ ଉଭୟଙ୍କୁ ବୁଝାସୁଝା କରାଇ ପୁନର୍ବାର ନିଜ ଘର ସଂସାର କରିବାକୁ ପରାମର୍ଶ ଦେଇଛନ୍ତି। ଉଭୟ ଏହି ପରାମର୍ଶରେ ରାଜି ହୋଇ ତାଙ୍କର ଏକମାତ୍ର ପୁତ୍ରକୁ ସାଙ୍ଗରେ ଧରି ହସଖୁସିରେ ଘରକୁ ଫେରିଥିବା ଜଣାପଡ଼ିଛି। ମହିଳାଙ୍କ ତରଫରୁ ସରୋଜ କୁମାର ଜେନା ମାମଲା ପରିଚାଳନା କରିଥିଲେ।

# ଦୁହୁରିଆ ଅଣ୍ଡରପାସ୍‌କୁ ନେଇ ଜନଅସନ୍ତୋଷ

## ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ

**କେନ୍ଦ୍ରାପଡ଼ା, ୨।୨/ଏନ୍‌ଏନ୍‌ଏସ୍:** ଦୁହୁରିଆ ନିକଟରେ ୨ଟି ଅଣ୍ଡରପାସ୍ ନିର୍ମାଣ କରିବାକୁ ଯୋଜନା ହୋଇଥିବାବେଳେ ଠିକାସଂସ୍ଥା ଗୋଟିଏ ଅଣ୍ଡରପାସ୍ ନିର୍ମାଣ କରି ଚୁପ୍ ହୋଇ ବସିଛି। ଏହାଦ୍ୱାରା ଭବିଷ୍ୟତରେ ବହୁ ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ହୃଦୟଙ୍ଗମ କରି ଠିକାସଂସ୍ଥା ସହ ବାରମ୍ବାର ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ ସୁଧା ଠିକାସଂସ୍ଥା ଏହାକୁ କର୍ଣ୍ଣପାତ କରୁନାହିଁ। ଏନେଇ କେନ୍ଦ୍ରାପଡ଼ାର ବୁଦ୍ଧିଜିବୀମାନେ ଜାତୀୟ ରାଜପଥର ଆଞ୍ଚଳିକ କର୍ତ୍ତୃପକ୍ଷଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ ରହିଛି ଯେ ୨ଟି ଠିକାସଂସ୍ଥା ଅଣ୍ଡରପାସ୍ ନିର୍ମାଣ କରିବେ ବୋଲି କହିବାରୁ ସ୍ଥାନୀୟ ଦୋକାନୀମାନେ କ୍ୟାବିନ୍ ଉଠାଇ ଦେଇଥିଲେ। ସ୍ଥାନୀୟ ଯୁବକମାନେ ନିଜର ପେଟପାଟଣା କଥାକୁ ଅଗ୍ରାଧିକାର ନଦେଇ ସାମାଜିକ ମଙ୍ଗଳ କଥା ଚିନ୍ତାକଲେ। କିନ୍ତୁ ଠିକାସଂସ୍ଥା ନିଜର କର୍ତ୍ତବ୍ୟ ଭୁଲିଗଲା। ଗୋଟିଏ ଅଣ୍ଡରପାସ୍ ନିର୍ମାଣ ହୋଇଥିବାରୁ ଗାଡ଼ିମଟର ଗୁଡ଼ିକ ଚାନ୍ଦବାଲିରୁ କେନ୍ଦ୍ରାପଡ଼ା ଦେଇ କଟକ ଯିବା ସୁବିଧା ହେବ। କିନ୍ତୁ କଟକରୁ ଯେଉଁ ଗାଡ଼ିମଟର ଗୁଡ଼ିକ କେନ୍ଦ୍ରାପଡ଼ା ଦେଇ ଚାନ୍ଦବାଲି ଅଭିମୁଖେ ଯିବ ସେଥିପାଇଁ ଆଉ ଏକ ଅଣ୍ଡରପାସ୍ ନିର୍ମାଣର ଆବଶ୍ୟକତା ରହିଛି। ଆଉ ଏକ ଅଣ୍ଡରପାସ୍ ନିର୍ମାଣ ନହେଲେ କଟକରୁ ଆସୁଥିବା ଗାଡ଼ିମଟର ଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହେବ।



ସୂଚନାଯୋଗ୍ୟ କଟକ-ଚାନ୍ଦବାଲି ରାସ୍ତା ୬ ଲେନ୍ ବିଶିଷ୍ଟ ହେବା ପାଇଁ ସରକାରୀ ମଞ୍ଜୁରୀ ମିଳିଥିବାରୁ ଏଠାରେ ଅନ୍ୟ ଏକ ଅଣ୍ଡରପାସ୍ ନିର୍ମାଣ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି। ଗୋଟିଏ ଅଣ୍ଡରପାସ୍ ନିର୍ମାଣ ହୋଇଥିବାରୁ କଟକ, ଜଗତସିଂହପୁର, ଯାଜପୁର ଓ ଭଦ୍ରକ ଜିଲ୍ଲାରୁ ଆସୁଥିବା ଗାଡ଼ି ଗୋଟିଏ ସ୍ଥାନରେ ପରସ୍ପରକୁ ଅତିକ୍ରମ କରିବେ। ଫଳରେ ଗୋଟିଏ ଛକରେ ୪ ଜିଲ୍ଲାର ଗାଡ଼ି ପରସ୍ପର ମଧ୍ୟରେ ସମସ୍ୟା ସୃଷ୍ଟି କରିବେ। ଏହି ସମସ୍ୟାର ସମାଧାନ କରିବାକୁ ହେଲେ ଆଉ ଏକ ଅଣ୍ଡରପାସ୍ ନିର୍ମାଣର ଆବଶ୍ୟକତା ରହିଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏଠାରେ ଅଣ୍ଡରପାସ୍ ନିର୍ମାଣ କରାଯିବାକୁ ପ୍ରଶାସନ ଓ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଦାବି କରାଯାଇଥିଲା। ଏହାକୁ ପ୍ରଶାସନ ହୃଦୟଙ୍ଗମ କରି ଏଠାରେ ୨ଟି ଅଣ୍ଡରପାସ୍ ନିର୍ମାଣ କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲା। ଠିକାସଂସ୍ଥା ମଧ୍ୟ ଏଥିରେ ସହମତି ପ୍ରକାଶ କରିଥିଲା। ହେଲେ ଏବେ ଠିକାସଂସ୍ଥା ନିଜ ପ୍ରତିଶ୍ରୁତିରୁ ଓହରି ଯାଉଛି। ଏହାଦ୍ୱାରା ଜନସାଧାରଣଙ୍କ ଜୀବନ ବିପଦରେ ପଡ଼ିବ। ଯଦି ଠିକାସଂସ୍ଥା ଖୁବ୍‌ଶୀଘ୍ର ଆଉ ଏକ ଅଣ୍ଡରପାସ୍ ନିର୍ମାଣ ନକରେ ତା'ହେଲେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବୁଦ୍ଧିଜୀବୀ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଆଲୋଚନାରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡ଼ା, ଦେବାଶିଷ ଦାସ, ସନାତନ ମୁଦୁଲି, ସ୍ୱୟଂପ୍ରକାଶ ଦାସ, ଗିରିଧାରୀ ପଟ୍ଟନାୟକ, ପ୍ରଶାନ୍ତ ସେଠୀ ଓ ବିଶ୍ୱପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ନାଟକ ମହୋତ୍ସବ ଉଦ୍‌ଘାଟିତ




**ପାରାଦୀପ, ୨।୨/ଏନ୍‌ଏନ୍‌ଏସ୍:** ପାରାଦୀପ ଜାତୀୟ ନାଟ୍ୟ ବିଦ୍ୟାଳୟ, ନୂଆଦିଲ୍ଲୀ, ପାରାଦୀପ ବନ୍ଦର ଓ କାନମାସ୍ ପାରାଦୀପର ମିଳିତ ଆନୁକୂଲ୍ୟରେ ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ 'ରଙ୍ଗ ମହୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି । କାନମାସର ଉପଦେଷ୍ଟା କ୍ୟାପଟେନ୍ ଅତୁଲ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଓସିର ଇଡି କୋଷିକ ବସୁ, କଳାକାର କେ ଶ୍ରୀନିବାସ ରାଓ, ସ୍ତମ୍ଭକାର ଗୌରହରି ଦାସ, ସିନେ କଳାକାର ସମରେଶ ରାଉତରାୟ, ବନ୍ଦର ସଚିବ କେ ବାପି ରାଜୁ ଓ ସିଏମ୍‌ଇ ସୁଶିଳ ନାହାକ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ କଲେକ୍ଟିଭ୍ ମାଡନେସ୍ ଷ୍ଟୁଡିଓ, ମୁମ୍ବାଇର କଳାକାରମାନେ ମନୀଷ ବର୍ମାଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ଭାଷାର ନାଟକ 'ଜନ୍ମ' ମଞ୍ଚସ୍ଥ କରିଥିଲେ। ଆତ୍ମହତ୍ୟା ଏକ ମହାପାପ ଏବଂ ଏହା ମଣିଷ ଜୀବନ ତଥା ସମାଜକୁ କିପରି ପ୍ରଭାବିତ କରେ ତାହାକୁ କଳାକାରମାନେ ଦର୍ଶାଇଥିଲେ।

# ଏଫ୍‌ଏମ୍‌ୟୁରେ ରାଷ୍ଟ୍ରପତିଙ୍କ ଗସ୍ତ ଉପଲକ୍ଷେ ପ୍ରସ୍ତୁତି



**ବାଲେଶ୍ୱର, ୨।୨/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୩ ତାରିଖରେ ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟ ଗସ୍ତ କରିବେ। ଏହି ଅବସରରେ ପ୍ରସ୍ତୁତି କାର୍ଯ୍ୟ ଜୋରଦାର୍ ଚାଲିଛି । କାର୍ଯ୍ୟକ୍ରମ ଅନୁଯାୟୀ, ରାଷ୍ଟ୍ରପତି ହେଲିପ୍ୟାଡ୍‌ରେ ଅବତରଣ କରି ନବନିର୍ମିତ ୧୦୦୦ ଆସନ କ୍ଷମତା ବିଶିଷ୍ଟ ଅଡିଟୋରିୟମ୍ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିବେ। ପରେ ସେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ଏହି ସମୟରେ ଚାନସେଲର୍ ବା ରାଜ୍ୟପାଳ ହରିବାବୁ କମ୍ଭମ୍ପତି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ବିଧାୟକ ଓ ସାଂସଦ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ଫକୀରମୋହନ ବିଶ୍ୱବିଦ୍ୟାଳୟ, ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା, ପ୍ରୋଟୋକଲ୍, ଯାତାୟାତ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ ସହ ସମସ୍ତ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ଓ ବିଶ୍ୱବିଦ୍ୟାଳୟର ଉଚ୍ଚ ଅଧିକାରୀମାନେ ପ୍ରସ୍ତୁତି କାର୍ଯ୍ୟ ନିକଟରୁ ନିରୀକ୍ଷଣ କରୁଛନ୍ତି।

## ଭାଗବତ ସପ୍ତାହ ଓ ହରିହାଟ

**କେନ୍ଦ୍ରାପଡ଼ା, ୨।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ୍ ଓସ୍ତପୁର ପଞ୍ଚାୟତ ମଣିଛକରେ ଭାଗବତ ସପ୍ତାହ ଓ ହରିହାଟ ଅନୁଷ୍ଠିତ ହୋଇଯାଇଛି। ଅଗିରା ପୂର୍ଣ୍ଣମୀ ଉପଲକ୍ଷେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରତିଦିନ ଭାଗବତ ପାରାୟଣ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞ, ହୋମଯଜ୍ଞ ଓ ଅନ୍ନଯଜ୍ଞ ଆଦି କାର୍ଯ୍ୟକ୍ରମ କରାଯାଇ ଶେଷଦିନ ହରିହାଟ କାର୍ଯ୍ୟକ୍ରମ ହୋଇଥିଲା। ଟିକିରି ମଠ ମଠାଧିସ ହୃଷିକେଶ ଦାସ ମହାରାଜ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରବଚନ ରଖିଥିଲେ। ସପ୍ତମ ଦିବସରେ ପ୍ରବଚନ ଓ ଅନ୍ନଯଜ୍ଞ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହରିହାଟ କମିଟିର କର୍ମକର୍ତ୍ତାଙ୍କ ସହିତ ଦେପୁର, ନାଗପୁର, ସାରଙ୍ଗ ଓ ଓସ୍ତପୁର ସହ ଆଖପାଖ ଗ୍ରାମର ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁଗୁଳ ଗସ୍ତ

# ରୋଗୀଙ୍କୁ ସମୟୋପଯୋଗୀ ଓ ଗୁଣାତ୍ମକ ଚିକିତ୍ସା ଯୋଗାଇବାକୁ ପରାମର୍ଶ

- ମାସକ ମଧ୍ୟରେ ଆଇସିୟୁ ସୁବିଧା ଉପଲବ୍ଧ
- ପିଜି ହଷ୍ଟେଲ୍ ନିର୍ମାଣ ଓ ରୋଗୀଙ୍କ ଡାଏଲସିସି ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର



**ଅନୁଗୁଳ, ୨।୨/ଏନ୍‌ଏନ୍‌ଏସ୍:** ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଅନୁଗୁଳ ଗସ୍ତରେ ଯାଇ ପବିତ୍ରମୋହନ ପ୍ରଧାନ ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ପବିତ୍ରମୋହନ ମେଡିକାଲ୍ କଲେଜର ବିଭିନ୍ନ ସମସ୍ୟାର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସହିତ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ୍ ଶିକ୍ଷା, ରୋଗୀସେବା, ଚିକିତ୍ସା ସୁବିଧା, ପ୍ରଶାସନିକ ବ୍ୟବସ୍ଥା, ନୂତନ ଅଡିଟୋରିୟମ୍, ପିଜି ହଷ୍ଟେଲ୍ ନିର୍ମାଣ ଓ ରୋଗୀଙ୍କ ଡାଏଲସିସି ଆଦି ବିଷୟ ଉପରେ ଆଲୋଚନା କରିବା ସହିତ ରୋଗୀଙ୍କୁ ସମୟୋପଯୋଗୀ ଏବଂ ଗୁଣାତ୍ମକ ଚିକିତ୍ସା ଦେବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହାସହ ଯଥାଶୀଘ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁକୁ କାର୍ଯ୍ୟକ୍ଷମ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଯଯାତି ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡ଼ନାୟକ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ରତ୍ନାକର ସାହୁ, ତାଳଚେର ପୌରପାଳିକା ଅଧ୍ୟକ୍ଷ ପବିତ୍ରମୋହନ ଭୁତିଆ ଓ ଜିଲ୍ଲା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

**AFFIDAVIT**

By virtue of an affidavit sworn before Notary Public, Balliguda dated 27.01.2026, I Akash Pradhan, Son of Juana Pradhan of Village/P.O-Demingia, P.S- Balliguda, Dist-Kandhamal, Odisha, PIN-762103 have changed the name of my minor son from "**Gladdon Pradhan**" to "**Gladsen Pradhan**", and henceforth he shall be known as "**Gladsen Pradhan**" for all purpose.

# ମହାବିରୋଡ଼ ମହାବିଦ୍ୟାଳୟରେ ନିମ୍ନମାନର ଭିତ୍ତିଭୂମି କାମ

- ବିନା ତଦାରଖରେ ବିଲ୍ କରିବାକୁ ମସୁଧା
- ସ୍ଥାୟୀତ୍ୱ ନେଇ ଉଠିଲା ପ୍ରଶ୍ନବାଚୀ




**କଙ୍କଡ଼ାହାଡ଼, ୨।୨/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ମହାବିରୋଡ଼ ମହାବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ କୌଣସି ଉନ୍ନତି ହେଉ କି ନହେଉ ଦୁର୍ନୀତିକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଛି। ପିଲାଙ୍କଠାରୁ ଆଡମିଶନ୍, ଫର୍ମପୂରଣ ଆଦି କ୍ଷେତ୍ରରେ ଅତ୍ୟଧିକ ଟଙ୍କା ସଂଗ୍ରହ ଓ ଅଧ୍ୟାପକମାନେ କଲେଜ୍‌କୁ ନିୟମିତ ନ ଆସି ବାହାରେ କୋଚିଂ ଦେବା ଆଦି ନେଇ ଛାତ୍ରଛାତ୍ରୀମାନେ ଉପଜିଲ୍ଲାପାଳଙ୍କଠାରେ ବହୁବାର ଅଭିଯୋଗ କରିଛନ୍ତି। ଆଉ ଏବେ କଲେଜ୍ ପରିସର ଭିତରେ ନିମ୍ନମାନର କାର୍ଯ୍ୟ ହେଉଥିଲେ ବି କେହି ଦେଖିବାର ନାହିଁ।

ଛାତ୍ରଛାତ୍ରୀଙ୍କ ପାଇଁ ଖେଳପଡ଼ିଆ ନିର୍ମାଣ ଲାଗି ସରକାର ଟଙ୍କା ଦେଇଥିଲେ ମଧ୍ୟ କେବଳ ୬୦ରୁ ୭୦ ଟ୍ରିପ୍ ମାଟି ପକାଇବା ବ୍ୟତୀତ ଆଉ କିଛି କାମ ନକରି ବିଲ୍ କରିଦେଇଥିବାରୁ ସରକାରୀ କର୍ମଚାରୀଙ୍କ ଅସଲମୁଖା ସାମ୍ନାକୁ ଆସିଛି। ଅନୁରୂପଭାବେ ଜଙ୍ଗଲ ନିକଟବର୍ତ୍ତୀ କଲେଜ୍ ଥିବାରୁ ସରକାର ମଧ୍ୟ ଏକ ପାଚେରୀ ପାଇଁ ୮ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ହେଲେ ସରକାରୀ କର୍ମଚାରୀ ଠିକାଦାର ସାଜି ନିମ୍ନମାନର କାମ କରାଇଛନ୍ତି। ଏଷ୍ଟିମେଟ୍ ଅନୁସାରେ ଆଦୌ କାମ କରାଯାଇ ନାହିଁ। ଫାଉଣ୍ଡେସନ୍ ପାଇଁ ପୂର୍ବରୁ ଭାଙ୍ଗିଥିବା ଘରୁ ଭଙ୍ଗାରୁଜା ପଥର ବ୍ୟବହାର କରାଯାଇଛି। କେବଳ ଏତିକି ନୁହେଁ ଇଟା ଦେଇ ରଙ୍ଗ କରିଲେ ବାଉଣ୍ଡରି ମଧ୍ୟ ଚକାଚକ୍ ଦିଶୁଛି। ହେଲେ ଏହାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏନେଇ ଦାୟିତ୍ୱରେ ଥିବା ଜୁନିଅର୍ ଇଞ୍ଜିନିୟର୍ ମାମିନା ନାଏକଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ। ତେଣୁ ଏହି ନିମ୍ନମାନର କାମକୁ ନେଇ ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

**ଆରିୟନ୍ ପବ୍ଲିକ୍ ସ୍କୁଲ**

କାଳଷଣ୍ଡପୁର, ଆସିକା, ପିନ୍-୭୬୧୧୧୧

ଯୋଗାଯୋଗ : ୯୬୯୨୩୪୮୮୯୮

**RTE ନାମଲେଖା ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ଆମ ଅନୁଷ୍ଠାନରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂତନ ନାମ ଲେଖା ତା.୦୧.୦୩.୨୦୨୬ରିଖ ଠାରୁ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଅନ୍‌ଲାଇନ୍ ମାଧ୍ୟମରେ (www.rteparadarshi.odisha.gov.in) ରେ ଆବେଦନ କରିପାରିବେ। ସରକାରଙ୍କ ଶିକ୍ଷା ଅଧିକାର ୧୨-(୦୧)-(C) ୨୦୦୯ ଆଇନ୍ ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସଂରକ୍ଷିତ ରହିଛି। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, HIV ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମନ୍ତେ ସଂରକ୍ଷିତ ରହିଛି। ଏ ସଂପର୍କରେ ଅଧିକ ସୂଚନା ପାଇଁ ସରକାରୀ ପୋର୍ଟାଲ www.rteparadarshi.odisha.gov.in ମାଧ୍ୟମରେ କିମ୍ବା ଆମ୍ଭ ବିଦ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସା/- ଅଧ୍ୟକ୍ଷ

# ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମରେ ୩ ବର୍ଷ ଜେଲ୍

**ଜଗତସିଂହପୁର, ୨।୨/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନାର ଏକ ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମ ମାମଲାରେ ଜଗତସିଂହପୁର ଜିଲ୍ଲାର ପ୍ରଥମ ଶ୍ରେଣୀ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫ୍‌ସି) କୋର୍ଟ ରାୟ ଶୁଣାଇଛନ୍ତି। ଉକ୍ତ ମାମଲାର ଅଭିଯୁକ୍ତ ଦିପୁ ଓରଫ୍ ଅସିତ୍ ରନ ବିଶ୍ୱାଳଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ନେଇ ପବ୍ଲିକ୍ ପ୍ରୋସିକ୍ୟୁଟର୍ ତପନ କୁମାର ପାଲ ସୂଚନା ପ୍ରଦାନ କରିଛନ୍ତି। ଏହାସହ ଏହି ମାମଲାଟି ତିର୍ତ୍ତୋଲ ଥାନା ଏଏସ୍‌ଆଇ ସୌମ୍ୟ ରନ ବେହେରାଙ୍କ ଦ୍ୱାରା ତଦନ୍ତ କରାଯାଇଥିବାବେଳେ ପବ୍ଲିକ୍ ପ୍ରୋସିକ୍ୟୁଟର୍ (କ୍ୟାଡର) ସୁଶ୍ରୀ ସସ୍ମିତା ନାୟକଙ୍କ ଦ୍ୱାରା ସୁପରିଚାଳିତ ହୋଇଥିଲା।

ତିର୍ତ୍ତୋଲ ଥାନା ଅନ୍ତର୍ଗତ ବିରିତୋଲ ଗ୍ରାମର ଉମେଶ ଚନ୍ଦ୍ର ବେହେରାଙ୍କ ପୁଅ ରାକେଶ ବେହେରା (୩୨) ରସଲପୁର ଉଚ୍ଚବିଦ୍ୟାଳୟ ନିକଟରେ ଅଭିରାମ ଇଲୋକଟ୍ରୋନିକ୍ସ ନାମକ ଏକ ଇଲେକ୍ଟ୍ରି ଦୋକାନ କରିଛନ୍ତି। ଦୈନିକ ସେ ସାଇକେଲ୍‌ରେ ଦୋକାନକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଥାନ୍ତି। ହେଲେ ହଠାତ୍ ୧୧.୦୮.୨୦୨୫ ରାତିରେ ରାକେଶ ଦୋକାନ ବନ୍ଦ କରି ସାଇକେଲ୍‌ରେ ଘରକୁ ଆସିବା ସମୟରେ ଅଭିଯୁକ୍ତ ଦିପୁ ଅଧରାସ୍ତାରେ ତାଙ୍କୁ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ କାହିଁକି କୋର୍ଟରେ ମୋ ବିରୋଧରେ ସାକ୍ଷୀ ଦେଇଛୁ ବୋଲି କହିଥିଲା। ପରେ ଦୀପୁ ଏକ ଛୁରୀ ବାହାର କରି ରାକେଶଙ୍କୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ରାକେଶ ତାର ଦକ୍ଷିଣ ହାତ ଦେଖାଇ ଦେବାରୁ ହାତର ମଝି ଆଙ୍ଗୁଳି କଟି ଯାଇଥିଲା। ରାକେଶ ଭୟଭୀତ ହୋଇ ପାଟିକରି ଗାଁ ଆଡ଼କୁ ଦୌଡ଼ିଥିଲେ ମଧ୍ୟ ଦୀପୁ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଛୁରୀ ଧରି ଗୋଡ଼ାଇଥିଲା। କିଛି ବାଟ ଗୋଡ଼ାଇବା ପରେ ଗ୍ରାମବାସୀ ଏକଜୁଟ୍ ହୋଇ ଦୀପୁକୁ କାବୁ କରି ତିର୍ତ୍ତୋଲ୍ ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। ଏହି ଘଟଣାରେ ରାକେଶ ତିର୍ତ୍ତୋଲ୍ ଥାନାରେ ଦୀପୁ ବିରୋଧରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ୧୧ ତାରିଖରେ ଏକ ମାମଲା ରୁଜୁ କରି କୋର୍ଟ ଚାଲଣ କରିଥିଲେ।

# ଭୂଇଁପୁର ପ୍ରିମିୟର୍ ଲିଗ୍ ଉଦ୍‌ଘାଟିତ



**ଆଳି, ୨।୨/ଏନ୍‌ଏନ୍‌ଏସ୍:** ଆଳି ବ୍ଲକ୍ ଭୁଇଁପୁର ଖେଳପଡ଼ିଆରେ ଭୁଇଁପୁର ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିଥିଲେ। ଏହି ଖେଳରେ ପ୍ରତିବର୍ଷ ୬ଟି ଟିମ୍ ଭାଗ ନେଉଥିବାବେଳେ ଚଳିତ ବର୍ଷ ନୂତନ ଭାବେ ଦେବସ୍ମିତା ଲାୟନ୍ ଟିମ୍ ଯୋଗ ଦେଇଥିବାରୁ ୭ଟି ଟିମ୍ ସାମିଲ୍ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ୬ ଟିମ୍ ଖେଳିଥିବା ବେଳେ ୩ ଟିମ୍ ଆଞ୍ଜେଲ୍ ଇଲେଭେନ୍, ଆରାଧନା କୋଚୋର ଓ ସୁକନ୍ୟା ଚ୍ୟାଲେଞ୍ଜର୍ ବିଜୟୀ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ପଞ୍ଚାୟତର ସରପଞ୍ଚ ରେଷ୍ମା ରାଣୀ ମଲିକ, ସମିତିସଭ୍ୟା ମିନତୀ ସାମଲ, ଯୁଆଣିଆ ସରପଞ୍ଚ ସୁବ୍ରତ ନାୟକ ଓ ସଂସିଧା ସରପଞ୍ଚ ଦୀପକ ଭୂୟାଁ ଯୋଗ ଦେଇଥିଲେ। ଏହି ଖେଳ ୭ ଦିନ ଧରି ଚାଲିବ ବୋଲି ଲିଗ୍‌ର ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଖେଳର ଧାରା ବିବରଣୀ ବିଚିତ୍ର କୁମାର ମଲିକ ଶୁଣାଇଥିଲେ।

# ଯାଜପୁର କେମିଷ୍ଟ୍ରି ଡ୍ରଗିଷ୍ଟ ସଂଘର ସେମିନାର୍ ଉଦ୍‌ଯାପିତ

**କୁଆଖିଆ, ୨।୨/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ କୁଆଖିଆ ଶୁଭମ ମଣ୍ଡପରେ ଆଜି ଯାଜପୁର ଜିଲ୍ଲା କେମିଷ୍ଟ୍ରି ଡ୍ରଗିଷ୍ଟ ସଂଘ ପକ୍ଷରୁ ସେମିନାର ସୁଦର୍ଶନ ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଡିଆଇ ମନୋଜ କୁମାର ସାହୁ, ଆଶୁତୋଷ ବେହେରା ଯୋଗ ଦେଇ ମେଡ଼ିସିନ ଖୁଚୁରା ଓ ହୋଲସେଲ ବିକ୍ରେତାଙ୍କ ପାଇଁ ନୂଆ ଗାଇଡ୍‌ଲାଇନ୍ ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ରାଜେଶ କୁମାର ଦାସ, ସଂଗଠନ ସମ୍ପାଦକ କମଳା କାନ୍ତ ନାୟକ, କୋଷାଧ୍ୟକ୍ଷ ଯୁଗଳ କିଶୋର ଅଗ୍ରୱାଲ ଯୋଗଦେଇ ମେଡ଼ିସିନ ଖୁଚୁରା, ହୋଲ୍‌ସେଲ୍, ଡ୍ରଗ୍ସ ବ୍ୟବସାୟିକ ସମସ୍ୟା ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ରାୟ, ନରେନ୍ଦ୍ର ସାହୁ, ବିଜୟ କୁମାର ମହାନ୍ତି, ବିଜୟ କୁମାର ଜେନା, ମାନସ ମହାନ୍ତି, କୁସମଣି ସାହୁ, ଜିଲ୍ଲା ତଥା କୁଆଖିଆ ଜୋନ୍‌ର ସମସ୍ତ ସଦସ୍ୟ ଯୋଗଦେଇ ସେମିନାର୍‌ରେ ଅଂଶ ଗ୍ରହଣ କରିଥିଲେ।

**Government of Odisha**
**Office of the Superintending Engineer, Rural Works Division-II, Dhenkanal, Kamakhyanagar**
E-mail : rw.kamakhyanagar@yahoo.co.in

**e-procurement Notice No. 26/Road Work/2025-26**

| | | |
|---|---|---|
| 1. | Name of the work | : Road Work |
| 2. | Total No. of works | : 2 (Two) Nos |
| 3. | Tender Cost | : Rs.5.08 & 10.17 lakhs |
| 4. | Class Contractor | : D, C & B equivalent |
| 5. | Period of completion | : 1 calendar months |
| 6. | Availability of tender online for bidding | : 03.02.2026 at 11.00 A.M to 10.02.2026 up to 5.00 P.M |
| 7. | Last date & time of seeking tender clarification | : 09.02.2026 up to 5.00 PM |
| 8. | Date & time of opening of bid | : 10.02.2026 at 5.30 PM |

Other details can be seen from the website http://tendersorissa.gov.in

Sd/- Superintending Engineer
Rural Works Division-II, Dkl
Kamakhyanagar

OIPR-25001/25094/1/25-26/0016

**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION, BHUBANESWAR**
**Plot No.-1214 (Part), Tapovan Road, Khandagiri, Bhubaneswar-30.**
**Short Quotation Call Notice No - 39 of 2025-26**

Sealed quotationers are invited from reputed Suppliers/ Authorized Firms/ Resellers of the State for the work "Supply & installation of Chair and Sofa for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

| | |
|---|---|
| Last date of issue of Bid Document : | 05.02.2026 till 03:00 P.M. |
| Last date of submission of Bids : | 05.02.2026 by 04:00 P.M. |
| Opening of Bids : | 06.02.2026 at 11:30 A.M. |

The Quatation details with matrerials description can be collected from Office of the Superintending Enginner, RWS&S Division, Bhubaneswar. The superintending engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Sd/- Superintending Engineer
RWS & S Division, Bhubaneswar

OIPR-25001/25011/1/25-26/0016

## ପ୍ରଥମ ପୃଷ୍ଠାରୁ

## ଓଡ଼ିଶା ପାଇଁ ...

ଟ୍ରେନ୍ ଟ୍ରାକ୍ ବିଦ୍ୟୁତିକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ରେଳମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ବେଶ୍ ଭଲ କାମ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ରାଜ୍ୟରେ ବିକାଶ କାମ ଜାରି ରହିଛି। ଆଗାମୀ ୫ବର୍ଷରେ ୧ ଲକ୍ଷ କୋଟି ଟଙ୍କାର ରେଳ ପ୍ରକଳ୍ପ କରାଯିବ। ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ସେହି ଆଧାରରେ କାମ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶ ଉପରେ ନଜର ରଖିଛନ୍ତି। ସେ କହିଥିଲେ ଯେ ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି, ବର୍ତ୍ତମାନ ୯୦,୬୫୯ କୋଟିରୁ ଅଧିକ ମୂଲ୍ୟର କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେସନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ। ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ୨,୪୩୯ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାରେ ୫୯ଟି ଷ୍ଟେସନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଲଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ୬ଟି ଷ୍ଟେସନରେ କାର୍ଯ୍ୟ ସମାପ୍ତ ହୋଇସାରିଛି ଯାହା ଯାତ୍ରୀ ସୁବିଧା ଏବଂ ଷ୍ଟେସନ ସୌନ୍ଦର୍ଯ୍ୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ରେଳମନ୍ତ୍ରୀ ଆହୁରି ଉଲ୍ଲେଖ କରିଥିଲେ ଯେ ଆଧୁନିକ ଟ୍ରେନ୍ ସେବା ପ୍ରଚଳନ ସହିତ ରାଜ୍ୟରେ ରେଳ ସଂଯୋଗ ଏକ ଗୁଣାତ୍ମକ ପରିବର୍ତ୍ତନ ଦେଖିଛି।

ରେଳମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ଆମକୁ ସହଯୋଗ କରୁଛନ୍ତି। ହାତୀ ମୃତ୍ୟୁ ନେଇ ରେଳ ବିଭାଗ ଅବଗତ ଅଛନ୍ତି।ଏହାକୁ ରୋକିବା ପାଇଁ ରାଜ୍ୟରେ ଅପ୍ଟିକାଲ ଫାଇଭର ଟେକ୍ନୋଲୋଜି ଉପରେ କାମ କରାଯାଉଛି। ଏହା ଦ୍ୱାରା ଟ୍ରେନ୍‌ଲାଇନଜନିତ ହାତୀ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ। ବିଭିନ୍ନ ସ୍ଥାନରେ ଏଆଇ ଥର୍ମାଲ କ୍ୟାମେରା ଖଞ୍ଜାଯିବ। ଆସନ୍ତା ୬ ମାସ ମଧ୍ୟରେ ଦେଶବ୍ୟାପି ଏହି କାମ ଆରମ୍ଭ ହୋଇଯିବ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଶ୍ରୀ ବୈଷ୍ଣବ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ନେଟୱର୍କ ସମ୍ପ୍ରସାରଣ ଏକ ପ୍ରମୁଖ ଫୋକସ୍ କ୍ଷେତ୍ର ହୋଇ ରହିଛି। ୨୦୧୪ ମସିହାରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିଲୋମିଟର ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱାର୍କ ଠାରୁ ଅଧିକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତୀକରଣ ହାସଲ କରିଛି, ଏହି ସମୟ ମଧ୍ୟରେ ୧,୫୫୯ କିଲୋମିଟର ରେଳ ଲାଇନ ବିଦ୍ୟୁତୀକରଣ ହୋଇଛି, ଯାହା ଶକ୍ତି ସଞ୍ଚୟ ଏବଂ ଉତ୍ତମ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଛି। ଏହାବ୍ୟତୀତ, ସୁରକ୍ଷା ବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ୬୩୨ ଟି ସଡ଼କ ଓଭରବ୍ରିଜ୍ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। କବଚ ଭଳି ଉନ୍ନତ ସୁରକ୍ଷା ବ୍ୟବସ୍ଥା ମଧ୍ୟ କ୍ରମାଗତ ଭାବରେ କାର୍ଯ୍ୟକାରୀ କରାଯାଉଛି, ଗୁରୁତ୍ୱପୂର୍ଣ୍ଣ ରୁଟ୍ କିଲୋମିଟର ଉପରେ କାର୍ଯ୍ୟ ଏବଂ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି, ଯାହା ଟ୍ରେନ୍ ପରିଚାଳନା ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ରେଳମନ୍ତ୍ରୀ କହିଛନ୍ତି ଯେ ଏହି ଐତିହାସିକ ପଦକ୍ଷେପଗୁଡ଼ିକ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି, ଉନ୍ନତ ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ସ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଳବାଇର ଦୃଷ୍ଟିକୋଣକୁ ରେଖାଙ୍କିତ କରୁଛି, ଯାହା ରାଜ୍ୟର ଦୀର୍ଘକାଳୀନ ସାମାଜିକ ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶାର ପ୍ରଗତି ପଥକୁ ...

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ରେକର୍ଡସଂଖ୍ୟକ ଅନୁଦାନ ପାଇଁ ଶ୍ରୀ ପ୍ରଧାନ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ରେକର୍ଡସଂଖ୍ୟକ ଅନୁଦାନ 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବା ସହ 'ବିକଶିତ ଓଡ଼ିଶା' ଗଠନରେ ଏକ ଦୃଢ଼ ସ୍ତମ୍ଭ ସାଜିବ । ମୋଦୀ ସରକାରଙ୍କ ସମୟରେ ଓଡ଼ିଶାକୁ ମିଳିଥିବା ଏହି ଅନୁଦାନ ୨୦୦୯-୧୪ ମସିହା କଂଗ୍ରେସ ସରକାର ତୁଳନାରେ ହାରାହାରି ୧୩ ଗୁଣ ଅଧିକ। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୬୫୯ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗତ ୧୧ ବର୍ଷରେ ରାଜ୍ୟରେ ୨,୨୦୦ କିମିର ନୂଆ ରେଳ ଟ୍ରାକ୍ ନିର୍ମାଣ ହୋଇସାରିଛି, ଯାହା ମାଲେସିଆ ଭଳି ଦେଶର ସମ୍ପୂର୍ଣ୍ଣ ରେଳ ନେଟୱର୍କଠାରୁ ମଧ୍ୟ ଅଧିକ। ଏଥିସହିତ ଓଡ଼ିଶା ଏବେ ଶତପ୍ରତିଶତ ରେଳ ବିଦ୍ୟୁତୀକରଣର ଗୌରବ ହାସଲ କରିଛି, ଯାହା ମୋଦୀ ସରକାରଙ୍କ 'ସେବା ଓ ସୁଶାସନ'ର ଏକ ଜ୍ୱଳନ୍ତ ଉଦାହରଣ।

## ସମୃଦ୍ଧ ଓଡ଼ିଶା ଗଠନ ସଂକଳ୍ପ ...

କ୍ଷେତ୍ରରେ ମଧ୍ୟ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ରେଳ ପଥରେ ହାତୀ ମୃତ୍ୟୁ ରୋକିବା ପାଇଁ ଇଓ-ଭିତ୍ତିକ ଥର୍ମାଲ କ୍ୟାମେରା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ଏକ ଆଦର୍ଶ ସୃଷ୍ଟି କରିବ। ଏଥିଯୋଗୁଁ 'ସମୃଦ୍ଧ ଓଡ଼ିଶା' ଗଠନ ସଂକଳ୍ପକୁ ଆହୁରି ସୁଦୃଢ଼ ହୋଇପାରିବ। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ। ଆମର ଏହି ମିଳିତ ପ୍ରୟାସରେ ଓଡ଼ିଶା ନିଶ୍ଚିତ ଭାବେ ଏକ ପ୍ରଗତିଶୀଳ ଏବଂ ' ସମୃଦ୍ଧ ରାଜ୍ୟ'ରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

## ଓଡ଼ିଶାରେ ରାଷ୍ଟ୍ରପତି ...

୫ ତାରିଖ ଦିନ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ଦର୍ଶନ ପରେ ଅପରାହ୍ଣରେ ସେ ଯଶୀପୁର ଦେଇ ପ୍ରକୃତିର ଶୋଭାରାଜି ଶିମିଳିପାଳ ଅଭୟାରଣ୍ୟକୁ ଯିବେ। ସେଠାରେ ରାତ୍ରୀଯାପନ କାର୍ଯ୍ୟକ୍ରମ ରହିଛି। ୬ ତାରିଖରେ ଶିମିଳିପାଳ ଅଞ୍ଚଳର ଆଦିବାସୀ ମହିଳା ଓ ଯୁବକଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

## ନୂଆ ରୂପ ପାଇବ ...

ସୁଧ ଭାର କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି। ଆଜିର କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ୨,୮୦,୫୮୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭. ୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷ ରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି। କେନ୍ଦ୍ର ସରକାର ବଜେଟରେ ଲକ୍ଷପତି ଦିଦି ଯୋଜନାର ସଂପ୍ରସାରଣ ଓ ସେଲ୍ଫ ହେଲ୍ପ ଏଣ୍ଟରପ୍ରାଇଜେସ୍ ଉପରେ ଗୁରୁତ୍ୱ ଦେଇ କ୍ଲଷ୍ଟର ଲେବଲରେ ମହିଳା ସଶକ୍ତିକରଣକୁ ଏକ ସୃଦୃଢ ଓ ଶକ୍ତିଶାଳୀ କର୍ମଦକ୍ଷ ଭାବେ ରୂପାନ୍ତରିତ ହେବ ବୋଲି କରିଥିବା ଘୋଷଣାର ସେ ପୁନରାବୃତ୍ତି କରିଛନ୍ତି। ଆଜି ଏକ ଐତିହାସିକ ଘୋଷଣା କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ୪୬ ହଜାରରୁ ଊର୍ଦ୍ଧ୍ୱ ସିଆରପି ଭଉଣୀମାନଙ୍କୁ ସ୍ମାର୍ଟ ଫୋନ, ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନୂଆ ୟୁନିଫର୍ମ ଏବଂ ପରିଚୟ ମିଳିବ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଓ ସ୍ୱଂୟ ସହାୟକ ଗୋଷ୍ଠୀର ମା ମାନେ ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ।

## ନୂଆ ଏନ୍‌ଏସିରେ ନିର୍ବାଚନ ...

ହେଲେ ସହରାଞ୍ଚଳ ନିର୍ବାଚନ ପ୍ରକ୍ରିୟା ଠିକ୍ ଭାବେ ହୋଇପାରିବ। ତେବେ ଜିଲ୍ଲାପାଳଙ୍କୁ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ କରିବାକୁ କୁହାଯାଇଛି, ଯାହା ଦ୍ୱାରା ରାଜ୍ୟ ନିର୍ବାଚନ କମିଶନ ସାମ୍ବିଧାନିକ ୬ ମାସ ସମୟସୀମା ମଧ୍ୟରେ ନିର୍ବାଚନ କରିପାରିବେ। ଓଡ଼ିଶା ପୌର ଆଇନ, ୧୯୫୦ର ଧାରା ୧୧ ଏବଂ ୧୨ ଅନୁଯାୟୀ ବାଧ୍ୟତାମୂଳକ ଏହି ଅଭ୍ୟାସରେ ସମାନ ୱାର୍ଡ ବିଭାଜନ ଏବଂ ଅନୁସୂଚିତ ଜାତି, ଜନଜାତି, ମହିଳା ଏବଂ ଅନ୍ୟାନ୍ୟ ଯୋଗ୍ୟ ବର୍ଗ ପାଇଁ ସଂରକ୍ଷଣ ଅନ୍ତର୍ଭୁକ୍ତ ହେବ। ଡ୍ରାଫ୍ଟ ବିଜ୍ଞପ୍ତି ଫେବୃଆରୀ ୧୨ ତାରିଖରେ ଜାରି କରାଯିବ, ଫେବୃଆରୀ ୨୧ ପର୍ଯ୍ୟନ୍ତ ଆପତ୍ତି ଆମନ୍ତ୍ରିତ କରାଯିବ ଏବଂ ଆବେଦନ ଶୁଣାଣି ପରେ ମାର୍ଚ୍ଚ ୩୧ ସୁଦ୍ଧା ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ। ୧୮ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଅନୁମୋଦିତ କାର୍ଯ୍ୟସୂଚୀକୁ କଡ଼ାକଡ଼ି ପାଳନ କରିବାକୁ ଏବଂ ନିୟମିତ ଭାବରେ ଅଗ୍ରଗତି ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଉପକୂଳ ସୁରକ୍ଷା ବାର୍ତ୍ତା ନେଇ କୋଲକାତାରୁ କୋଣାର୍କ-କନ୍ୟାକୁମାରୀ ଯାତ୍ରା

# 'ବନ୍ଦେ ମାତରମ୍' ସାଇକ୍ଲୋଥନ୍ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

**କୋଣାର୍କ,୨।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିଳ୍ପ ସୁରକ୍ଷା ବାହିନୀ(ସିଆଇଏସଏଫ) ପକ୍ଷରୁ ଭାରତର ଉପକୂଳ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ଉପକୂଳ ଅଞ୍ଚଳର ଲୋକମାନଙ୍କୁ ଚୋରା ନିଶା କାରବାର, ଅଣପ୍ରବେଶକାରୀ, ଚୋରା ଅସ୍ତ୍ରଶସ୍ତ୍ର କାରବାର ପରି ଅନେକ ଦେଶଦ୍ରୋହୀ କାର୍ଯ୍ୟ ପାଇଁ ସଚେତନା କରାଇବା ଓ ଦେଶର ସୁରକ୍ଷା ପାଇଁ ଲୋକମାନଙ୍କ ଠାରୁ ସହଯୋଗ ପାଇଁ ଭାରତର ଗୁଜୁରାଟ କଛ ଓ କୋଲକତା ର ବଖାଲି ରୁ ଦୁଇଟି ୧୩୦ ଜଣ ସିଆଇଏସ୍‌ଏଫ୍‌ର 'ବନ୍ଦେ ମାତରମ' ଉପକୂଳ ସାଇକ୍ଲୋଥନ୍ ଦଳକୁ ଭାରତ ଗୃହମନ୍ତ୍ରାଳୟର ଗୃହରାଜ୍ୟମନ୍ତ୍ରୀ ନିତ୍ୟାନନ୍ଦ ରାୟ ନୂଆଦିଲ୍ଲୀ ଧ୍ୟାନଚାନ୍ଦ ଷ୍ଟାଡିୟମରୁ ଭର୍ଚୁଆଲରେ ଉଦଘାଟନ କରିଥିଲେ। ଦୀର୍ଘ ୨୫ ଦିନ ପରେ ଏହା କନ୍ୟାକୁମାରୀରେ ଶେଷ ହେବାକୁ ସ୍ଥିର ହୋଇଛି।



ଏ ନେଇ କୋଲକତା ବଖାଲିରୁ ସିଆଇଏସ୍‌ଏଫ୍‌ର ଇଷ୍ଟକୋଷ୍ଟ ଦଳର ୬୫ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସାଇକ୍ଲୋଥନ୍ ଉପକୂଳ ଅଞ୍ଚଳ ଦେଇ ବାହାରି ଓଡ଼ିଶାର ପାରାଦୀପ ଦେଇ କାକଟପୁର ରୁ କୋଣାର୍କ, କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ମଙ୍ଗଳବାର ଭୋର ୫ଟା ୩୦ମିନିଟ୍‌ରୁ ବାହାରି କୋଣାର୍କ-ପୁରୀ ବେଳାମାର୍ଗ ଦେଇ ପୁରୀ ପହଞ୍ଚିବା ପରେ ସେଠୁ ବାହାରି ସାତପଡ଼ା ଦେଇ ଗଞ୍ଜାମ ହୁମା, ଗୋପାଳପୁର ଦେଇ ସମୁଦାୟ ୯ଗୋଟି ଉପକୂଳ ରାଜ୍ୟ ଦେଇ ୬୫୫୩ କିମି ବୁଲି ଶେଷରେ ଫେବୃୟାରୀ ୨୨ ତାରିଖ ରେ କନ୍ୟାକୁମାରୀ ରେ ଏହି ସାଇକେଲଥୋନ କାର୍ଯ୍ୟକ୍ରମ ଶେଷ ହେବ ଉପକୂଳ ଅଞ୍ଚଳରେ ଥିବା ବଛା ବଛା ୫୦ ଗୋଟି ମତ୍ସ୍ୟଜୀବୀ ଗ୍ରାମ ଗୁଡିକରେ ଏହି ସାଇକ୍ଲୋଥନ୍ ଦଳ ରାତ୍ରିଯାପନ ସହ ବିଭିନ୍ନ ସଚେତନା କାର୍ଯ୍ୟକ୍ରମ କରିବେ। ବିଶେଷ ଭାବେ ସ୍ୱଚ୍ଛଭାରତ ପାଇଁ ସଫେଇ କରିବା ସହ ବିଭିନ୍ନ ସଂସ୍କୃତି କାର୍ଯ୍ୟକ୍ରମ ମାଧ୍ୟମରେ ଉପକୂଳ ଅଞ୍ଚଳର ଲୋକମାନଙ୍କୁ ସଚେତନା କରିବେ। ଏ ନେଇ ସୋମବାର ସନ୍ଧ୍ୟାରେ ୫.୩୦ ମିନିଟରେ କୋଣାର୍କ ସ୍ଥିତ ପର୍ଯ୍ୟଟନ ବିଭାଗ ର ମୁକ୍ତାକାଶ ରଙ୍ଗମଚ ନାଟ୍ୟମଣ୍ଡପରେ ଏହି ୬୫ ଜଣିକିଆ ସାଇକ୍ଲୋଥନ୍ ଦଳ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ଥିବା କୋଣାର୍କ ହାଇସ୍କୁଲ, କୋଣାର୍କ ଭଗବତୀ ମହାବିଦ୍ୟାଳୟ, ନୂଆ ଗାଁ ଆର୍ତ୍ତତ୍ରାଣ ବିଦ୍ୟାପୀଠ ର ଶତାଧିକ ଏନସିସିର ଛାତ୍ରଛାତ୍ରୀ ଜାତୀୟ ପତାକା ଧରି ପୁଷ୍ପ ବର୍ଷା କରି ଭବ୍ୟ ସ୍ୱାଗତ ଜଣାଇ ସେମାନଙ୍କୁ ପାଛୋଟି ନେଇଥିଲେ। ମୁକ୍ତାକାଶ ନାଟ୍ୟମଣ୍ଡପରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସିଆଇଏସଏଫ ଆଇଜି ଶିଖର ସାହାଏ, ଓଡିଶା କୋଷ୍ଟଗାର୍ଡ ର ଡିଆଇଜି ସତ୍ୟନାରାୟଣ ଦାସ, ସିଆଇଏସଏଫ ଡ଼ିଆଇଜି ସୁମନ୍ତ ସିଂ, ସିଆଇଏସ୍‌ଏଫ୍ ଭୁବନେଶ୍ୱରର କମାଣ୍ଡଟାଣ୍ଟ୍ ରାକେଶ ଚୌଧୁରି, ଓଡିଶା ଏନ୍ଡିଆର ଏଫକମାଣ୍ଡଟାଣ୍ଟ ବର୍ଷମାନ ମିଶ୍ର , ଆନ୍ତର୍ଜାତୀୟ ହକି ଖେଳାଳି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ନାଲୋକ ର ମୁଖ୍ୟ ବ୍ରିଜେନ୍ଦ୍ର ପ୍ରତାପ ସିଂ, ଇଣ୍ଡିଆନ ଅଏଲ ର ନିର୍ଦ୍ଦେଶକ ସଞ୍ଜୀବ ଗୋଗେଇ, କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଉପସ୍ଥିତ ସିଆଇଏସ୍‌ଏଫ୍ ସାଇକ୍ଲୋଥନ୍‌ରେ ବାହାରିଥିବା ଯବାନମାନଙ୍କୁ ସ୍ୱାଗତ ଜଣାଇବା ସହିତ ସେମାନଙ୍କୁ ଏହି ସାଇକେଲ ଯାତ୍ରା ପାଇଁ ଶୁଭକାମନା ଦେବା ସହ ସେମାନଙ୍କର ଦେଶ ପାଇଁ ଅବଦାନକୁ ସ୍ମରଣ କରାଇଥିଲେ। ଆଜି କୋଣାର୍କରେ ରାତ୍ରିଯୋପନ ପରେ ମଙ୍ଗଳବାର ସକାଳ ୫ଟା ୩୦ମିନିଟ୍‌ରେ ବେଳାମାର୍ଗ ଦେଇ ପୁରୀ ଅଭିମୁଖେ ବାହାରିବେ।

### ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଡ୍ରୋନ୍ ଉଡ଼ିବା ଉପରେ କଟକଣା

**ପୁରୀ,୨।୨/ଏନ୍‌ଏନ୍‌ଏସ୍:** ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ ଓ ୪ ତାରିଖ ପୁରୀ ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ୩ ତାରିଖରେ ପହଞ୍ଚି ପୁରୀ ଲୋକ ଭବନରେ ରାତ୍ରି ଯାପନ କରିବେ ଓ ପରଦିନ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରି, ମହାପ୍ରଭୁଙ୍କ ଦର୍ଶନ କରି ଫେରି ଯିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି। ଏହାସହ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ 'ବ୍ଲୁ ବୁକ୍' ଅନୁଯାୟୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପୁରୀ ସହରର ୧୦ କିମି ପରିସୀମା ଅଞ୍ଚଳକୁ 'ନୋ ଫ୍ଲାଇଙ୍ଗ ଜୋନ' ବା 'ଡ୍ରୋନ ମୁକ୍ତ ଅଞ୍ଚଳ' ଘୋଷଣା କରିଛନ୍ତି। ଏସପି ଙ୍କ ସୁରକ୍ଷା ସମ୍ପର୍କିତ ପତ୍ର ଆଧାର ରେ ଜିଲ୍ଲାପାଳ ଏହି ପଦକ୍ଷେପ ନେଇଛନ୍ତି। ଭିଭିଆଇପିଙ୍କ ପାଇଁ ସୁରକ୍ଷା ନେଇ ୩ ଫେବୃଆରୀ ଦିବା ୧୨ ଘଟିକା ଠାରୁ ୪ ଫେବୃଆରୀ ଦିବା ୧୨ ଘଟିକା ଯାଏଁ ଡ୍ରୋନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଆଇଜିପିଙ୍କ ଅନ୍ତିମ ସୁରକ୍ଷା ସମୀକ୍ଷା

**ପୁରୀ,୨।୨/ଏନ୍‌ଏନ୍‌ଏସ୍:** ଆଇଜିପି, ସିଆର, ଓଡିଶା ଡକ୍ଟର ସତ୍ୟଜିତ୍ ନାୟକ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପୁରୀରେ ଅନ୍ତିମ ସୁରକ୍ଷା ସମୀକ୍ଷା କରିଛନ୍ତି। ଇନ୍ସପେକ୍ଟର ଜେନେରାଲ୍ ପୋଲିସ୍ (ଆଇଜିପି), ସେଣ୍ଟ୍ରାଲ୍ ରେଞ୍ଜ, ଓଡିଶା ଡକ୍ଟର ସତ୍ୟଜିତ୍ ନାୟକ ଆଜି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫେବୃଆରୀ ୩ ଏବଂ ୪, ୨୦୨୬ ପାଇଁ ସ୍ଥିର ହୋଇଥିବା ଗସ୍ତ ପୂର୍ବରୁ ପୁରୀରେ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥାର ଚୂଡ଼ାନ୍ତ, ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଦୃଢ଼ ନେତୃତ୍ୱ ଏବଂ ଘନିଷ୍ଠ କାର୍ଯ୍ୟକ୍ଷମ ତଦାରଖ ପ୍ରଦର୍ଶନ କରି, ଡକ୍ଟର ନାଏକ ସୁରକ୍ଷା ଏବଂ ଜନସାଧାରଣଙ୍କ ସୁବିଧାର ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ନିର୍ଦ୍ଦିଷ୍ଟ ଭିଭିଆଇପି ମୋଟରକାର୍ଡ ରୁଟ୍ ସମେତ ପ୍ରମୁଖ ସ୍ଥାନଗୁଡ଼ିକ ବ୍ୟକ୍ତିଗତ ଭାବରେ ଯାଞ୍ଚ କରିଥିଲେ। ତାଙ୍କ ସହିତ ପୁରୀ ଏସପି ପ୍ରତୀକ ସିଂହ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏକ ନିର୍ଦ୍ଦୋଷ ଏବଂ ବହୁସ୍ତରୀୟ ସୁରକ୍ଷା କବଚ ପ୍ରଦାନ କରିବା ପାଇଁ, ସାରା ସହରରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୁରକ୍ଷା ବ୍ୟବସ୍ଥାରେ ଏସପି ରାଙ୍କ୍‌ର ୬ଜଣ ଅଧିକାରୀଙ୍କ ଦ୍ୱାରା ତଦାରଖ କରାଯାଉଛି। ଅତିରିକ୍ତ ଏସପି, ଡ଼ିଏସପି, ଆଇଆଇସି, ଏସଆଇ ଏବଂ ଏଏସଆଇ ମାନଙ୍କର ଏକ ଦୃଢ଼ ପଦାନୁକ୍ରମ ଦ୍ୱାରା ସମର୍ଥିତ, ଏବଂ ହାଇ ଆଲର୍ଟରେ ରଖାଯାଇଥିବା ସ୍ୱତନ୍ତ୍ର ୟୁନିଟ୍‌ର ବ୍ୟବସ୍ଥା କରାଯାଇଛି। ଭୂମିସ୍ତରୀୟ ବ୍ୟବସ୍ଥା ସମୀକ୍ଷା କରିବା ସମୟରେ, ଆଇଜିପି, ପବିତ୍ର ସହରକୁ ଆସୁଥିବା ହଜାର ହଜାର ଭକ୍ତଙ୍କ ଅସୁବିଧାକୁ କମ କରିବା ସହିତ ଭିଭିଆଇପି ଗତିବିଧି ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରେ ବ୍ୟାପକ ଟ୍ରାଫିକ ଡାଇଭର୍ସନ ଯୋଜନା ଏବଂ ଅସ୍ଥାୟୀ ସାଧାରଣ ପ୍ରବେଶ କଟକଣା ଚୂଡ଼ାନ୍ତ ହୋଇଛି ଏବଂ ସମସ୍ତ ୟୁନିଟକୁ ମହାମହିମ ରାଷ୍ଟ୍ରପତିଙ୍କ ଦୁଇଦିନିଆ ଗସ୍ତ ସମୟରେ ସତର୍କ, ସମନ୍ୱିତ ଏବଂ ପ୍ରତିକ୍ରିୟାଶୀଳ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ଟ୍ରାଫିକ ନିୟମ ଏବଂ ଡାଇଭର୍ସନ ଲାଗୁ କରାଯିବ। ସୁରକ୍ଷା ଏବଂ ଭିଭିଆଇପି ଗସ୍ତର ସୁପରିଚାଳନା ପାଇଁ ସୁରକ୍ଷା ଏବଂ ଟ୍ରାଫିକ ବ୍ୟବସ୍ଥାରେ ସହଯୋଗ କରିବା ଏବଂ ସମୟ ସମୟରେ ଜାରି ପରାମର୍ଶ ପାଳନ କରିବାକୁ ପୁରୀ ଜିଲ୍ଲା ପୁଲିସ ସାଧାରଣ ଲୋକଙ୍କୁ ନିବେଦନ କରିଛନ୍ତି।

## ଗୁଳିମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ

**ଖୋର୍ଦ୍ଧା,ପୁରୀ,୨।୨/ଏନ୍‌ଏନ୍‌ଏସ୍:** ବେଗୁନିଆ ଥାନା ଅନ୍ତର୍ଗତ ଦଲକ ରାସ୍ତାରେ ଗତ ୧୯ତାରିଖ ସନ୍ଧ୍ୟାରେ ଗୁଳିମାଡରେ ଖଣି ବ୍ୟବସାୟୀ ଜାମୁସାହିର ବାସୁଦେବ ପରିଡା ଓରଫ୍ ଟୁଟୁ ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୪ଜଣଙ୍କୁ ଗିରଫ କରିଛି। ଗୁଳିମାଡର କାରଣ ଖଣି ବ୍ୟବସାୟକ ଶତ୍ରୁତା ବୋଲି ପୁଲିସ କହିଛି। ପ୍ରକାଶ ଥାଉକି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୧୯ ତାରିଖ ସକାଳେ କିଛି ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଧମକ ଦେଇଥିଲେ। ସେହି ଦିନ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଅଭିଯୁକ୍ତମାନଙ୍କ ଦ୍ୱାରା ଦଲକ ରୋଡରେ ଟୁଟୁଙ୍କୁ ଗୁଳିକରି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୃତକଙ୍କ ଦେହରେ ୩ ରାଉଣ୍ଡ ଗୁଳି ମାଡ଼ ହୋଇଥିଲା।




ଘଟଣାସ୍ଥଳରୁ ଗୋଟିଏ ବୁଲେଟ୍ ମୋଟରସାଇକେଲ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ମୃତକଙ୍କ ସ୍ତ୍ରୀ ସଲିଳା ପରିଡାଙ୍କ ଅଭିଯୋଗ ଉପରେ ବେଗୁନିଆ ପୁଲିସ ୩୪/ ୨୬ ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ଏସ୍ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ୍ ଗଠନ କରି ବିଭିନ୍ନ ଅଂଚଳରେ ଚଢଉ କରିଥିଲେ। ଗୟାବନ୍ଧ ଜଙ୍ଗଲରେ ଲୁଚିଥିବା ସେହି ଗ୍ରାମର ଅଜୟ ଭୁଜବଳ (୩୪), ଜ୍ଞାନରଞ୍ଜନ ପ୍ରଧାନ (୩୪), ମାନସ ସୁବୁଦ୍ଧି (୩୩) ଏବଂ କାର୍ତ୍ତିକ ଭୁଜବଳ (୩୬) କୁ ପୁଲିସ ଗିରଫ କରିଛି। ସେମାନଙ୍କ ଠାରୁ ପୁଲିସ୍ ଦୁଇଟି ବାଇକ୍, ୨ଟି ଖୋକା ଏବଂ ମୃତଦେହରୁ ଦୁଇଟି ଗୁଳିକୁ ଜବତ କରିଛି। ଅଭିଯୁକ୍ତମାନେ ଏକ ଖଣି କାରବାରରେ ବ୍ୟବସାୟକୁ କେନ୍ଦ୍ର କରି ମୃତ ବାସୁଦେବ ପରିଡ଼ା ସହ ଶତ୍ରୁତା କରୁଥିଲେ। ପୂର୍ବରୁ ସେମାନଙ୍କର ମଧ୍ୟ ଶତୃତା ଲାଗି ରହିଥିଲା ବୋଲି ଖୋର୍ଦ୍ଧା ଏସ୍‌ପି ଶ୍ରୀ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଭାରତ ଉପରୁ ଟାରିଫ୍ ହ୍ରାସ ...

ସୁତରାଂ ଭାରତ ଏବେବି ସଂଶୋଧିତ ୧୮% ରେସିପ୍ରୋକାଲ ଶୁଳ୍କ ସହ ରୁଷ୍ ଠାରୁ ତୈଳ କିଣିବା ବାବଦ ୨୫% ଅତିରିକ୍ତ ଶୁଳ୍କ (୨୭ ଅଗଷ୍ଟରେ ଲାଗୁ) କୁ ମିଶାଇ ମୋଟ୍ ୪୩% ଆମେରିକୀୟ ଶୁଳ୍କର ବଶବର୍ତ୍ତୀ ରହିଛି। ମୋଟାମୋଟି ୨ଟି ପ୍ରକ୍ରିୟା ଅନ୍ତର୍ଗତ ଆମେରିକା ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଥିଲା ଯାହାକୁ ଏବେ ୪୩%କୁ ହ୍ରାସ କରିଛି।

ସୂଚନାଯୋଗ୍ୟ, ଯେବେ ଠାରୁ ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି ସେବେଠାରୁ ଭାରତ ସହ ସମ୍ପର୍କକୁ ସୁଧାରିବା ଦିଗରେ ଟ୍ରମ୍ପ ମାତ୍ରାଧିକ ବ୍ୟତିବ୍ୟସ୍ତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଟ୍ରମ୍ପ ଆଜି ପ୍ରଥମେ ଇଣ୍ଡିଆ ଗେଟ୍‌କୁ ପ୍ରଶଂସା କରିବା ପୂର୍ବକ ନିଜ ସୋସିଆଲ ହ୍ୟାଣ୍ଡେଲ୍‌ରେ ଏକ ପୋଷ୍ଟ କରିଥିଲେ। ଏହାପରେ ବିଳମ୍ବିତ ସନ୍ଧ୍ୟାରେ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୋଇଥିଲେ। ଉଭୟ ନେତାଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ସେନେଇ ସେତେବେଳେ କୌଣସି ସୂଚନା ମିଳିନଥିଲେ ମଧ୍ୟ ଏବେ ଟ୍ରମ୍ପ ନିଜେ ରେସିପ୍ରୋକାଲ୍ ଶୁଳ୍କରେ ୭% ହ୍ରାସ ସହ ଏହାକୁ ୧୮% କରିବା ନେଇ ନିଜେ ଘୋଷଣା କରିବା ପରେ ସବୁକିଛି ସ୍ପଷ୍ଟ ହୋଇଯାଇଛି।

## ଲଘୁ ଖଣିଜ ଉପରେ ...

ରାଜସ୍ୱ କ୍ଷୟକୁ ରୋକିବା ପାଇଁ ସରକାର ଟାର୍ଗେଟ୍ ରଖିଛନ୍ତି। ତେବେ ନୂଆ ଶୁଳ୍କ ଲାଗୁ ହେବା ପରେ ରାଜ୍ୟ କୋଷାଗାରକୁ ଅଧିକ ଅର୍ଥ ଆସିବ ବୋଲି ଜଣାଯାଇଛି।

## ଦଲାଇ ଲାମାଙ୍କୁ ...

ଗ୍ରାମୀ ଆୱାର୍ଡକୁ ସଂଗୀତ କ୍ଷେତ୍ରରେ ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ଭାବେ ବିବେଚନା କରାଯାଇଥାଏ। ଆଜି ଦିନରେ ଲସ୍ ଆଞ୍ଜେଲ୍ସ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଗୀତର ବିଭିନ୍ନ କ୍ଷେତ୍ରରେ ଅନେକ କଳାକାରଙ୍କୁ ଗ୍ରାମୀ ସମ୍ମାନରେ ସମ୍ମାନିତ କରାଯାଇଛି। ତେବେ ଅନେକ କଳାକାର ସମ୍ମାନ ଗ୍ରହଣ ପାଇଁ ବ୍ୟକ୍ତିଗତ ଭାବେ ଉପସ୍ଥିତ ଥିବା ବେଳେ ଅନେକ ଅନୁପସ୍ଥିତ ରହିଥିଲେ। ଅନୁପସ୍ଥିତଙ୍କ ମଧ୍ୟରେ ଦଲାଇ ଲାମା ମଧ୍ୟ ସାମିଲ ଅଛନ୍ତି। ତେବେ ଆୟୋଜକ ମଣ୍ଡଳୀ ଏମାନଙ୍କ ନାମ ଘୋଷଣା କରିବା ସହ ଏମାନଙ୍କ ନିକଟକୁ ସମ୍ମାନ ବାବଦ ଟ୍ରଫି, ଆର୍ଥିକ ପୁରସ୍କାର ଏବଂ ମାନପତ୍ର ପଠାଇବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଚୀନ୍ କିନ୍ତୁ ଦଲାଇ ଲାମାଙ୍କୁ ଗ୍ରାମୀ ପୁରସ୍କାର ମିଳିବା ନେଇ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛି। ଚୀନ୍ କହିଛି, ବୌଦ୍ଧ ଧର୍ମ ଆଳରେ ଚୀନ୍ ବିରୋଧୀ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପରେ ସେ ଲିପ୍ତ ଅଛନ୍ତି। ଚୀନ୍ ତାଙ୍କୁ ଦଲାଇ ଲାମା ଉପାଧି ଦିଆଯିବାକୁ ନେଇ ମଧ୍ୟ ବିରୋଧ କରିଆସୁଛି। ପ୍ରକାଶ, ୧୯୫୯ରେ ଚୀନ୍ ଛାଡି ଭାରତ ଚାଲିଆସିଥିବା ଦଲାଇ ଲାମା ସମ୍ପ୍ରତି ଭାରତର ଧର୍ମଶାଳାରେ ବସବାସ କରିଆସୁଛନ୍ତି। ଏଠାକୁ ତିବ୍ବତ୍ ତଥା ଚୀନ୍‌ର ଅନ୍ୟ ପ୍ରାନ୍ତରୁ ଅନେକ ବୌଦ୍ଧ ଧର୍ମାବଲମ୍ବୀ ତାଙ୍କ ପାଖକୁ ଆସିଥାନ୍ତି। ୧୯୮୯ ମସିହାରେ, ତିବ୍ବତୀୟ ଉଦ୍ଦେଶ୍ୟର ଶାନ୍ତିପୂର୍ଣ୍ଣ ସମର୍ଥନ ଏବଂ ଅହିଂସାର ବାର୍ତ୍ତା ପ୍ରସାର ପାଇଁ ଦଲାଇ ଲାମାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।

## ପ୍ରାଚୀ ପରିକ୍ରମା ପାଇଁ ପ୍ରାଚୀତଟ ଚଳଚଞ୍ଚଳ

**ଚରିଛକ,୨।୨/ଏନ୍‌ଏନ୍‌ଏସ୍:** ଚଳିତମାସ ୭ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ପୁରାଣ ବର୍ଣ୍ଣିତ ପ୍ରାଚୀନଦୀ ପରିକ୍ରମାରେ ସାମିଲ ହେବେ ଦେଶ ବିଦେଶର ବହୁ ସାଧୁ ସନ୍ଥ ସନ୍ୟାସୀ ଶ୍ରଦ୍ଧାଳୁ ଓ ସଂକୀର୍ତନ ପ୍ରେମୀ। ଏହି ସପ୍ତଦିବସୀୟ ପରିକ୍ରମାର ଗନ୍ତବ୍ୟ ପଥରେ ପ୍ରତ୍ୟେହ ସକାଳ ଓ ସଂଧ୍ୟାରେ ପ୍ରାଚୀ ଆରତୀ ସଂପନ୍ନ ହେବ। ପ୍ରତ୍ୟେକ ଦିବସ ରାତ୍ର ରହଣୀ ସ୍ଥଳରେ ମହାନ ସନ୍ଥମାନଙ୍କ ଠାରୁ ଶ୍ରୀ ଜଗନ୍ନାଥ ମହାତ୍ମ୍ୟ,ପ୍ରାଚୀନଦୀ ମହାତ୍ମ୍ୟ, ପ୍ରାଚୀତୀର୍ଥ ମହାତ୍ମ୍ୟ, ଗୋ ମହାତ୍ମ୍ୟ, ଗୀତା ମହାତ୍ମ୍ୟ ଶ୍ରବଣର ସୁଯୋଗ ଭକ୍ତମାନଙ୍କୁ ମିଳିବ। ବିଶ୍ୱ କ୍ରୀୟା ଯୋଗର ସର୍ବମାନ୍ୟ ସନ୍ଥ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ନିଜେ ସନ୍ଥମାନଙ୍କ ସହ ନାମ ସଂକୀର୍ତନ କରି ପ୍ରାଚୀ ପରିକ୍ରମାକୁ ପରିଚାଳନା କରିବେ। ଏଥି ପାଇଁ ପ୍ରାଚୀତଟ ଚଳଚଞ୍ଚଳ ହୋଇଉଠିଛି। ପ୍ରତ୍ୟେକ ପୀଠ, ନଦୀଘାଟ,ଦେବସ୍ଥଳୀ ସଜାଇବାରେ ସମସ୍ତେ ଲାଗିପଡିଛନ୍ତି। ଭକ୍ତ ଜୟଦେବଙ୍କ ବଂଶଦ ତଥା ପରିକ୍ରମାର ପ୍ରମୁଖ ମାର୍ଗଦର୍ଶକ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର କୁହନ୍ତି ଲୁପ୍ତ ପ୍ରାୟ ପବିତ୍ର ପ୍ରାଚୀନଦୀ, ପ୍ରାଚୀତଟ, ଦେବସ୍ଥଳୀ, ବ୍ରହ୍ମଦାରୁ, ପ୍ରାପ୍ତସ୍ଥଳୀ ପ୍ରାଚୀବନାନୀକୁ ବିଲୟ ସ୍ଥିତିରୁ ଫେରାଇ ଆଣିବା ପ୍ରାଚୀ ପରିକ୍ରମାର ମୂଳଲକ୍ଷ୍ୟ।

## ୬୦୦ କୋଟିର ୧୦୯ ପ୍ରକଳ୍ପ ...

ମେଡିକାଲ କଲେଜ୍ ସ୍ଥାପନ ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି ବୋଲି କହିଥିଲେ। ଉପସ୍ଥିତ ନାରୀ ଶକ୍ତିଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାୟଗଡ଼ା ଜିଲ୍ଲା ଆଜି ସାରା ରାଜ୍ୟ ପାଇଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ଏହି ଜିଲ୍ଲାରେ ୧୨,୭୮୩ଟି ଏସ୍‌ଏଚ୍‌ଜି ଜରିଆରେ ୧.୫୨ ଲକ୍ଷରୁ ଅଧିକ ମାଡ଼ ଓ ଭଉଣୀମାନେ ସଂଗଠିତ ହୋଇ ନିଜପାଇଁ ସୁନ୍ଦର ଭବିଷ୍ୟତ ଗଢୁଛନ୍ତି। ପୂର୍ବରୁ ଯେଉଁଠି ସୁଯୋଗର ଅଭାବ ଥିଲା, ମହିଳା ମାନଙ୍କ ସକ୍ରିୟ ଯୋଗଦାନ ଫଳରେ ଆଜି ସେଠି ସମ୍ଭାବନାର ନୂଆ ଦ୍ୱାର ଖୋଲିଛି। ରାୟଗଡ଼ା ଜିଲ୍ଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୨୧୭ଟି ଏସ୍‌ଏଚ୍‌ଜିକୁ ପାଖାପାଖି ୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲ୍ଲାରେ ୯,୩୩୫ ଏସ୍‌ଏଚଜି ପାଇଁ ୧୪ କୋଟି ଟଙ୍କାର ରିଭଲ୍ ଭିଙ୍ଗ ଫଣ୍ଡ ଯୋଗାଇଦିଆଯାଇଛି, ୧୬୪ଟି ଜିପିଏଲ୍‌ଏଫ୍‌କୁ ୫୩.୧୪ କୋଟି ଟଙ୍କାର କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ (ସିଆଇଏଫ) ପ୍ରଦାନ ଏବଂ ୪୧୯୫ଟି ଏସ୍‌ଏଚଜିକୁ ଜୀବନ ଜୀବିକା କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ୍। ମହିଳା ଓ ଶିଶୁଙ୍କ ପାଇଁ ଏଥିରେ ୫ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ତୃଣମୂଳସ୍ତରରେ ମହିଳା ମାନଙ୍କ ଆର୍ଥିକ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ ମାର୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି। ୨୦ ମାସର ଆମ ସରକାର ରାଜ୍ୟର ସବୁ ବର୍ଗଙ୍କ ପାଇଁ ଉନ୍ନତି ମୂଳକ କାର୍ଯ୍ୟ କରୁଛନ୍ତି। ଆମ ରାଜ୍ୟର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି। ଜନଜାତି ଭାଇ, ଭଉଣୀଙ୍କୁ ବିକାଶର ମୁଖ୍ୟଧାରାରେ ସାମିଲ କରିବା ପାଇଁ ଚଳିତ ବର୍ଷ ବଜେଟ୍‌ରେ ୬୮,୮୮୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସୁରକ୍ଷା ଓ ଜଙ୍ଗଲ ଅଧିକାର ପାଇଁ ଏହି ଟଙ୍କା ଖର୍ଚ୍ଚ କରାଯାଉଛି। ଖଣି ଖାଦାନ ଭରା ରାୟଗଡ଼ା ମାଟିରେ ଉତ୍କଳ ଆଲୁମିନା, ଆଦିତ୍ୟ ଆଲୁମିନା, ଇମ୍ଫା, ଜେକେ ପେପର ମିଲ୍ ଭଳି ଶିଳ୍ପାନୁଷ୍ଠାନ ରହିଛି। ସୁଦୃଢ ରେଳ ଭିତ୍ତିଭୂମି ଯୋଗୁ ରାୟଗଡା ଅଞ୍ଚଳ ଖୁବଶୀଘ୍ର ଏକ ଆଧୁନିକ ଶିଳ୍ପାଞ୍ଚଳରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜିଲ୍ଲାବାସୀଙ୍କୁ ସେ ପୁଣି କହିଥିଲେ, ଆଗାମୀ ଦିନରେ ହିଣ୍ଡାଲ୍‌କୋ ୧୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏହାର ସମ୍ପ୍ରସାରଣ କରିବାକୁ ଯାଉଛି। ୨୫ ହଜାର କୋଟି ଟଙ୍କା ନିବେଶରେ ବେଦାନ୍ତ ଆଲୁମିନା ରିଫାଇନାରୀ, ୭୬୫୩ କୋଟି ଟଙ୍କା ବିନିଯୋଗରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସ୍‌ନାଲ ଭଳି ଅନେକ ପ୍ରକଳ୍ପ ରାୟଗଡା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଏଥି ସହିତ ଅନ୍ୟାନ୍ୟ ସେକ୍ଟରରେ ମଧ୍ୟ ଆହୁରି ଶିଳ୍ପାନୁଷ୍ଠାନ ରାୟଗଡ଼ା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଏସବୁ ଶିଳ୍ପାନୁଷ୍ଠାନ ମାଧ୍ୟମରେ ରାୟଗଡା ଜିଲ୍ଲାରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହି ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଶିଳ୍ପ ଗୁଡିକ ହେଉଛି ସମୃଦ୍ଧିର ସ୍ତମ୍ଭ। ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି ମିଳିଲେ ହିଁ, ସମୃଦ୍ଧିର ମାର୍ଗ ପ୍ରସ୍ତୁତ ହେବ। ଯେଉଁଠାରେ ଖଣି, ପାଣି, ମାନବସମ୍ବଳ ଓ ଶିଳ୍ପ ଭିତ୍ତିଭୂମି ରହିଛି, ସେଠାରେ ଯଦି ସ୍ଥାନୀୟ ଯୁବକ ନିଯୁକ୍ତି ନପାଇବେ, ତାହେଲେ ଆଉ ପାଇବ କିଏ ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ, ବିଷମ-କଟକ ବିଧାୟକ ନୀଳମାଧବ ହିକ୍କା, ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଭାବକୁ ପ୍ରଶଂସା କରି କରିବା ସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାୟଗଡା ଜିଲ୍ଲାର ଆହୁରି ବିକାଶ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଧନ୍ୟବାଦ୍ ଦେଇଥିଲେ।

## ଆଜିର ଇତିହାସ

- ୧୫୭୫-ବାଦଶାହ ଆକବର ବଙ୍ଗାଳୀ ସେନାକୁ ତୁକରାଇ ଯୁଦ୍ଧରେ ପରାସ୍ତ କରିଥିଲେ।
- ୧୭୧୬-ରାଜା ରାଓ ନନ୍ଦଲାଲ୍ ମଣ୍ଡଲୋଇ ଇନ୍ଦୋର ସହରର ସ୍ଥାପନା କରିଥିଲେ।
- ୧୯୩୯- ଗାନ୍ଧିଜୀ ସବିନୟ ଅବଜ୍ଞା ଆନ୍ଦୋଳନ ଆରମ୍ଭ କରିଥିଲେ। ୧୯୮୩-ନୂଆଦିଲ୍ଲୀରେ ସପ୍ତମ
- ଗୁଟନିରପେକ୍ଷ ସମ୍ମିଳନୀ ସମ୍ପନ୍ନ ହୋଇଥିଲା।
- ୧୮୩୯-ଟାଟା ସମୂହର ସଂସ୍ଥାପକ ଜାମ୍‌ସେଦଜୀ ଟାଟା ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଅଧ୍ୟୟନ ଓ ଅଧ୍ୟାପନରେ ସମୟ ଅତିବାହିତ ହେବ। ଜ୍ଞାନ-ବିଜ୍ଞାନ ବୃଦ୍ଧି ହେବ। ସଜ୍ଜନଙ୍କ ସାଥ୍ ମିଳିବ। କିଛି କାର୍ଯ୍ୟସିଦ୍ଧି ହେବ। ପ୍ରିୟଜନଙ୍କ ସହିତ ସମାଗମର ଅବସର ମିଳିବ।

**ବୃଷ** - ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ପାଇଁ କାମ କରିବେ। କୋଷରେ ଅଭାବ ଓ ବ୍ୟୟ ଅଧିକତା ରହିବ। ବାଦବିବାଦ ସମ୍ଭବ। କାର୍ଯ୍ୟଭାର ବୃଦ୍ଧି ହେବ। ସ୍ୱାଭାବିକ କାର୍ଯ୍ୟ କରିବେ। କାର୍ଯ୍ୟକ୍ଷେତ୍ରରେ ଚାପ ରହିବ।

**ମିଥୁନ** - ପରିଶ୍ରମ ପ୍ରୟାସ ଦ୍ୱାରା କାମ ଲାଭ ମିଳିବ। ପ୍ରପଞ୍ଚରେ ନପଡ଼ିଲେ ଭଲ। ନେଣ-ଦେଣ ଅସ୍ପଷ୍ଟତା ଠିକ୍ ନୁହେଁ। ସ୍ୱାସ୍ଥ୍ୟ ଲାଭରେ ସମୟ ଓ ଧନ ବ୍ୟୟ ହେବ। କର୍ମପ୍ରଧାନ ବିଚାରଧାରା ବଜାୟ ରହିବ।

**କର୍କଟ** - ସାମାଜିକ ମାନ-ସମ୍ମାନ ବଢ଼ିବ। ଭଲ କାର୍ଯ୍ୟ ପାଇଁ ରାସ୍ତା ଖୋଲିବ। ଅର୍ଥର ସୁବିଧା ରହିବ ନାହିଁ। ଯାତ୍ରା ପ୍ରବାସ ସାର୍ଥକ ପରିଣାମ ଦେବ। ମନୋବଳ ଉଚ୍ଚ ରହିବ। କାମରେ ବ୍ୟସ୍ତ ରୁହନ୍ତୁ।

**ସିଂହ** - କାମରେ ସୁବିଧା ପାଇଲେ ପ୍ରଗତି ହେବ। ନୂଆ ଦାୟିତ୍ୱ ବଢ଼ିବ। ଯାତ୍ରା ଶୁଭ ରହିବ। ନିଜ କାମକୁ ପ୍ରାଥମିକତା ସହିତ କରିବେ। ଆଗକୁ ବଢ଼ିବାର ଅବସର ଲାଭକାରୀ ହେବ।

**କନ୍ୟା** - ପୂର୍ବ ସଂକଟ ଏବେ ମୁଣ୍ଡ ଉଠେଇବେ। ଅଭୀଷ୍ଟ କାର୍ଯ୍ୟ ସିଦ୍ଧ ହେବ। ନିକଟଜନଙ୍କ ଅର୍ଥବ୍ୟବସ୍ଥା ସହିତ ଯୋଡ଼ିହେବେ। ଖରାପ ସଂଗତିରୁ ଦୂରରେ ରୁହନ୍ତୁ। ସୁବିଧାରେ ବାଧା ଉତ୍ପନ୍ନ ହେବ।

**ତୁଳା** - ପୂର୍ବ କାମଗୁଡ଼ିକରୁ ଲାଭ ପାଇବେ। ମାନସିକ ଓ ଶାରୀରିକ ଶିଥିଳତା ସୃଷ୍ଟି ହେବ। ହିତୈଷୀ ପିଠି ପଛରେ କ୍ଷତି କରିବେ। ଅନ୍ୟର କାମ ସହଯୋଗରେ କରିବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ।

**ବିଛା** - ଦାମ୍ପତ୍ୟ ଜୀବନରେ ମଧୁରତା ବଜାୟ ରହିବ। କାମକାର୍ଯ୍ୟରେ ଆସୁଥିବା ବାଧା ଦୂର ହେବ। ବାହାରୁ ଓ ଭିତରୁ ସହଯୋଗ ପାଇବେ। ନେଣ-ଦେଣର ବାଧା ଦୂର ହେବ। ସ୍ୱାସ୍ଥ୍ୟ ମଧ୍ୟମ ରହିବ।

**ଧନୁ** - ସନ୍ତୋଷ ରଖିବାରେ ସଫଳତା ମିଳିବ। ଚାକିରି ସ୍ଥିତି ସାମାନ୍ୟ ରହିବ। ଶୈକ୍ଷଣିକ ସ୍ଥିତିରେ ଉଦାସୀନତା ରହିବ। ଜୀବନସାଥିଙ୍କ ପରାମର୍ଶ ଲାଭଦାୟକ ରହିବ। ବାଧାବିଘ୍ନ ଦୂର ହେବ।

**ମକର** - ମନୋରଥ ସିଦ୍ଧ ହେବ। ମନୋଯୋଗ ସହିତ କାମ ପୂରା ହେବ। ପ୍ରପଞ୍ଚରେ ନ ପଡ଼ିଲେ ଭଲ। ନେଣ-ଦେଣ ବାଧା ଦୂର ହେବ। ଧାର୍ମିକ କାର୍ଯ୍ୟରେ ସମୟ ଓ ଧନ ବ୍ୟୟ ହେବ।

**କୁମ୍ଭ** - ସ୍ୱାସ୍ଥ୍ୟରେ ସତେଜତା ରହିବ। ନୂଆ ଉର୍ଜାର ସଂଚାର ହେବ। ସନ୍ତୋଷ ରଖିଲେ ସଫଳତା ପାଇବେ। ଚାକିରି ସ୍ଥିତି ସାମାନ୍ୟ ରହିବ। ଜୀବନସାଥିଙ୍କ ପରାମର୍ଶ ଲାଭଦାୟକ ରହିବ।

**ମୀନ** - ସୁନିୟୋଜିତ ଉପାୟରେ କାମ ଆରମ୍ଭ କରିବେ। ସଫଳ ମଧ ହେବେ। ଲାଭ ମିଳିବ ଓ ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ସମ୍ଭବ। ଧର୍ମ-କର୍ମ ପ୍ରତି ରୁଚି ଜାଗ୍ରତ ହେବ। ସହାନୁଭୂତି ରହିବ।

## ଶ୍ରୀମଦ୍ ଭଗବଦ୍ଗୀତା



କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ।
କିମାଚାରଃ କଥଂ ଚୈତାଂସ୍ତ୍ରୀନ୍ ଗୁଣାନତିବର୍ତ୍ତତେ। (୧୪/୨୧)

ଅର୍ଜୁନ କହିଲେ -ହେ ପ୍ରଭୁ ! କେଉଁ କେଉଁ ଲକ୍ଷଣରୁ ଜଣାଯାଏ ଯେ ଜୀବାତ୍ମା ଏହି ତିନିଗୁଣ ଅତିକ୍ରମ କରିଛନ୍ତି ? ସେ କିପରି ଆଚରଣ କରନ୍ତି ? କି ପ୍ରକାରେ ଏହି ତିନିଗୁଣକୁ ଅତିକ୍ରମ କରାଯାଏ ?

# ଭାରତର ବିଶ୍ୱରୂପମ୍



ବର୍ତ୍ତମାନ ସମୟରେ ଆମ ଦେଶ ବିଜ୍ଞାନ ଓ କଳା କ୍ଷେତ୍ରରେ ନୂଆ ଶିଖରକୁ ଛୁଇଁସାରିଛି। ଏହାର ଏକ ଉଦାହରଣ ହେଉଛନ୍ତି ଶୁଭାଂଶୁ ଶୁକ୍ଳା ଯିଏ ଗତ ବର୍ଷ ଅନ୍ତରୀକ୍ଷ ସ୍ପେସ୍ ଷ୍ଟେସନର ଯାତ୍ରା ପୂରା କରିସାରିଛନ୍ତି। କିନ୍ତୁ ସେ ସମୟର ରୋଚକପୂର୍ଣ୍ଣ କାହାଣୀ ଏବେ ଦେଖିବାକୁ ମିଳୁଛି। ଏକ ନୂଆ ଭିଡିଓ ସିରିଜରେ ବହୁତ ଖାସ୍ ଜିନିଷ ଦେଖାଇଛନ୍ତି ଶୁଭାଂଶୁ ଯେତେବେଳେ ସେ ଅନ୍ତରୀକ୍ଷରେ ଘଣ୍ଟା ପ୍ରତି ୨୮,୦୦୦ କି.ମି ବେଗରେ ଦ୍ରୁତଗତିରେ ଚକ୍କର ଲଗଉଥିଲେ। ସେ ସମୟରେ ତାଙ୍କ ପାଖରେ ଥିଲା ପୁରୁଣା ବିରାସତ ଓ ମାଟି ସହିତ ଜଡ଼ିତ ଜିନିଷ। ସେ ନିଜ ସହିତ ନେଇଯାଇଥିଲେ ଏକ ବିଶେଷ ପ୍ରକାରର କଳାକୃତି ଯାହାର ନାମ ଥିଲା 'ବିଶ୍ୱରୂପମ୍'। ଏହା କେବଳ ଏକ ବସ୍ତୁ ନଥିଲା, ଥିଲା ଦୁନିଆ ସମ୍ମୁଖରେ ଦେଶର ବୃଦ୍ଧି ପାଉଥିବା ତାକତ ଓ କଳାର ଏକ ଶାନ୍‌ଦାର ନମୁନା। ତେବେ ଏହି ଐତିହାସିକ ମିଶନରେ ତାଙ୍କର ବାହାଦୁରୀ ପାଇଁ ଶୁଭାଂଶୁଙ୍କୁ ସମ୍ମାନିତ କରାଯାଇଥିଲା ସବୁଠାରୁ ବଡ଼ ଶାନ୍ତିକାଳୀନ ସୈନ୍ୟ ସମ୍ମାନ ଅଶୋକ ଚକ୍ରରେ।

ବିଶ୍ୱରୂପମ୍-କୋହ୍ଲାପୁରର କାରୀଗରମାନେ ରୁପାକୁ ଆକାର ଦେଇ ପୁରୁଣା ଓ ପାରମ୍ପରିକ ଟେକ୍‌ନିକ୍ ସିଟ୍ ଏମ୍ବସିଙ୍ଗ୍ ବ୍ୟବହାର କରିଥିଲେ। ଧାତୁ ଉପରେ ସେମାନେ ସୂକ୍ଷ୍ମ କାମ କରିଛନ୍ତି। ଏହି କଳାକୃତି ଆମମାନଙ୍କୁ ମନେ ପକାଇଦିଏ ଯେ ଦେଶକୁ ଆଗକୁ ବଢ଼େଇବା ପାଇଁ ଅନୁଶାସନ ଓ ପରିଶ୍ରମର ଆବଶ୍ୟକତା ରହିଛି। 'ବିଶ୍ୱରୂପମ୍'କୁ ଆଜିର ସବୁଠାରୁ ନୂଆ ୩ଡି ପ୍ରିଣ୍ଟିଂ ଟେକ୍‌ନିକ୍ ଦ୍ୱାରା ତିଆରି କରାଯାଇଛି ଯେଉଁଥିରେ ଭାରତୀୟ ରଙ୍ଗକୁ ସୁନେଲି ରଙ୍ଗ ଦେଇ ଚମକେଇ ଦିଆଯାଇଛି। ଏଥିରେ ଗୋଟିଏ ପାଖରେ ରୁପାର ଚମକ ଥିବାବେଳେ ଅନ୍ୟ ପାଖରେ କାଠର ଫିନିସିଂ ରହିଛି। ତେବେ ଏହା କେବଳ ୨୦ ଗ୍ରାମର ଏକ ଛୋଟ ଡ଼ବା ନୁହେଁ ଏହା ଭିତରେ ରହିଛି ଭାରତର ଆତ୍ମା। ଡ଼ବାରେ ପ୍ରସିଦ୍ଧ ଜାମଦାନୀ, ଇକତ ଓ କଲମକାରୀ କପଡ଼ାର ଛୋଟ ଛୋଟ କଟ୍ସ ଥିଲା। ପୃଥିବୀପୃଷ୍ଠରୁ ୪୦୦ କି.ମି ଉପରେ ଯେଉଁଠାରେ ସବୁଆଡ଼େ ଶୂନ୍ୟତା ରହିଥିଲା ସେଠାରେ ଏହି କପଡ଼ାକୁ ଛୁଇଁ ଶୁଭାଂଶୁ ନିଜ ଦେଶକୁ ମନେପକଉଥିଲେ।


# ମହିଳାଙ୍କ ଗୁପ୍ତ ସଂସାର



ଜାଣିଛନ୍ତି କି ମହିଳାମାନଙ୍କର ରହିଛି ଏକ ଗୁପ୍ତ ସଂସାର ଯେଉଁଠାରେ ନା ପୁରୁଷମାନଙ୍କର କାନୁନ ଚାଲେ ନା ସେମାନଙ୍କର ଉପସ୍ଥିତି ପାଇଁ ଅନୁମତି ରହିଛି। ଆମେରିକାର ଓରେଗନ ରାଜ୍ୟର ଘନ ଜଙ୍ଗଲରେ ଓ ଦୁର୍ଗମ ପାହାଡ଼ ମଧ୍ୟରେ ରହିଛି ଏହି ଗୁପ୍ତ ସଂସାର ଯାହାକୁ 'ୱିମେନ୍ସ ଲ୍ୟାଣ୍ଡ୍' ବୋଲି କୁହାଯାଏ। ତେବେ ଏହା କୌଣସି ଫିଲ୍ମର କାହାଣୀ ନୁହେଁ, ୧୯୭୦ ଦଶକରୁ ଚାଲି ଆସୁଥିବା ଏହା ଏପରି ଏକ କ୍ରାନ୍ତିକାରୀ ପ୍ରୟୋଗ ଯେଉଁଠାରେ ମହିଳାମାନେ ସମାଜର ପ୍ରତିବନ୍ଧକୁ ଅତିକ୍ରମ କରି ପ୍ରକୃତିର କୋଳରେ ନିଜର ଏକ ଅଲଗା ଦୁନିଆ ବସାଇଛନ୍ତି। ସେଠାରେ ନା ରହିଛି ବିଜୁଳିର ସଂଯୋଗ ନା ସହରର ଭିଡ଼ ନା ଆଧୁନିକ ଦୁନିଆର ଦ୍ରୁତ ଜୀବନଶୈଳୀ। ସେଠାରେ ଚାଲେ କେବଳ ସିଷ୍ଟରହୁଡ୍ ଓ ଆତ୍ମନିର୍ଭରତାର ଶାସନ। ଏହି ବସ୍ତିଗୁଡ଼ିକରେ ରହୁଥିବା ମହିଳାମାନେ ନିଜର ସୁରକ୍ଷାକୁ ନେଇ ଘର ତିଆରି କରିବାର କାମ ନିଜେ କରନ୍ତି। ଏହି 'ୱିମେନ୍ସ ଲ୍ୟାଣ୍ଡ୍' ଆନ୍ଦୋଳନ ନାରୀବାଦୀ ଅଲଗାଓବାଦୀର ଏପରି ଏକ ଉଦାହରଣ ଯେଉଁଠାରେ ମହିଳାମାନେ ପିତୃସତ୍ତାତ୍ମକ ସମାଜକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରିଛନ୍ତି। ୧୯୭୦-୮୦ ଦଶକରେ ଯେତେବେଳେ ଦୁନିଆରେ ପରିବର୍ତ୍ତନ ହେଉଥିଲା ଶହ ଶହ ମହିଳା ଓରେଗନର ଶସ୍ତା ଓ ଏକାନ୍ତ ଜମିରେ ନିଜର ଭିନ୍ନ ଏକ ଦୁନିଆ ବସାଇବାକୁ ସ୍ଥିର କରିଥିଲେ। ମହିଳାମାନେ ସେଠାରେ ପୁରୁଷମାନଙ୍କର କାମ ଯଥା- କାଠ କାଟିବା, ହଳ ଚଲେଇବା ଆଦି କରି ଦୁନିଆକୁ ଦେଖେଇ ଦେଇଛନ୍ତି ଯେ ମହିଳାମାନେ ନା କେବଳ ପୁରୁଷମାନଙ୍କ ବିନା ଜୀବିତ ରହିପାରିବେ ପୂରା ସଭ୍ୟତାକୁ ନିଜ ଦମ୍‌ରେ ମଧ ଚଲେଇପାରିବେ। ଆଜି ବି ଓରେଗନର ଏହି ପାହାଡ଼ଗୁଡ଼ିକ ରୁଟ୍ ୱର୍କସ୍ ଓ ଭି-ୱିମେନ୍ ପରି ସମୁଦାୟର ସେହି ମହିଳାମାନଙ୍କ ପାଇଁ ଆଧ୍ୟାତ୍ମିକ ଶରଣସ୍ଥଳୀ ହୋଇଛି ଯାହା ପୂରା ଦୁନିଆର ଭିଡ଼ ଠାରୁ ଅଲଗା ରହି ନିଜର ଅସଲ ପରିଚୟ ଖୋଜିବୁଲୁଛି।

# ମାନସିକ ରୋଗ: ଏକ ଅଦୃଶ୍ୟ ସଂକଟ

ଆମ ଦେଶରେ ଲୋକମାନଙ୍କର ବିଶେଷ କରି ଯୁବପିଢ଼ିଙ୍କର ମାନସିକ ସ୍ୱାସ୍ଥ୍ୟ ଦ୍ରୁତଗତିରେ ବିଗିଡ଼ି ଚାଲିଛି। ଏକ ଆକଳନ ଅନୁସାରେ ୬୦ ପ୍ରତିଶତ ମାମଲା କେବଳ ୩୫ ବର୍ଷରୁ କମ୍ ବୟସର ଯୁବପିଢ଼ିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଆୟୁ ବର୍ଗର ୭.୩ ପ୍ରତିଶତ ଭାରତୀୟ ଯୁବପିଢ଼ି ମାନସିକ ସମସ୍ୟା ସହିତ ସଂଘର୍ଷ କରୁଥିଲେ ମଧ ଉପଚାର ପର୍ଯ୍ୟନ୍ତ ପହଞ୍ଚି ପାରୁଛନ୍ତି ମାତ୍ର ଏକ ପ୍ରତିଶତ। ବୃଦ୍ଧି ପାଉଥିବା ଚାପ, ପ୍ରତିସ୍ପର୍ଦ୍ଧା ଓ ବେରୋଜଗାରୀ ପରି କାରକଗୁଡ଼ିକ କାରଣରୁ ଅବସାଦ ଓ ଆଙ୍ଗଜାଇଟି ପରି ସମସ୍ୟା ଅଧିକ ବୃଦ୍ଧି ପାଉଛି। କିନ୍ତୁ ଏହାର ଉପଚାର ପର୍ଯ୍ୟନ୍ତ କମ୍ ଲୋକ ପହଞ୍ଚି ପାରୁଥିବାରୁ ମାନସିକ ରୋଗ ଏକ ଗମ୍ଭୀର ଅଦୃଶ୍ୟ ସଂକଟ ହୋଇସାରିଲାଣି।




ଦେଶ ଚୁପ୍‌ଚାପ୍ ଏପରି ସଂକଟ ଆଡ଼କୁ ବଢୁଛି ଓ ଏହା ସହିତ ସଂଘର୍ଷ କରୁଛି କିନ୍ତୁ ଏହା ନା ସଡ଼କ ଉପରେ ଦେଖିବାକୁ ମିଳେ ନା ହସ୍‌ପିଟାଲ୍‌ର କାଗଜରେ। ଏହି କାରଣରୁ ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବେମାରୀଗୁଡ଼ିକ ଦେଶର ବଡ଼ ସାର୍ବଜନିକ ସ୍ୱାସ୍ଥ୍ୟ ଆହ୍ୱାନ ହୋଇଗଲାଣି। ବିଶେଷଜ୍ଞମାନେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ ଯଦି ସମୟ ଅନୁସାରେ କିଛି ଠୋସ୍ ପଦକ୍ଷେପ ନ ଉଠାଯାଏ ଏହି ଅଦୃଶ୍ୟ ସଂକଟ ଦେଶର ସାମାଜିକ ଓ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଇବ। କାରଣ ଦେଶର ଏକ ବଡ଼ ଭାଗ ମାନସିକ ଚାପ, ଅବସାଦ ଓ ଚିନ୍ତା ବିକାରଗୁଡ଼ିକ ସହିତ ଲଢୁଛି।

**ଉପଚାର**-ମାନସିକ ଚାପର ଉପଚାର ପାଇଁ ଥେରାପି, ଔଷଧର ସାହାଯ୍ୟ ନେଇପାରିବେ। ଏଥିପାଇଁ ଜୀବନଶୈଳୀରେ ପରିବର୍ତ୍ତନ କରି ଏହାର ପ୍ରତିକାର ସମ୍ଭବ ହୋଇପାରିବ। ଏହା ଚିନ୍ତା, ଚାପ ଓ ଅବସାଦକୁ କମ୍ କରେ। ପ୍ରମୁଖ ଉପାୟ ମଧ୍ୟରେ ସଂଜ୍ଞାନାତ୍ମକ ବ୍ୟବହାର ଚିକିତ୍ସା, ମନୋଚିକିତ୍ସକଙ୍କ ସହିତ ପରାମର୍ଶ, ନିୟମିତ ବ୍ୟାୟାମ, ସନ୍ତୁଳିତ ଆହାର ଓ ପର୍ଯ୍ୟାପ୍ତ ନିଦ ସାମିଲ ଅଛି। ବିଶେଷଜ୍ଞଙ୍କ ପାରାମର୍ଶ ଦ୍ୱାରା ଔଷଧ ଓ ଥେରାପି ଏକା ସହିତ ପ୍ରଭାବୀ ହୋଇପାରିବ।

# ଏକ ସୁନ୍ଦର କବରସ୍ଥାନ

କବରସ୍ଥାନର ନାମ ଶୁଣିବା ମାତ୍ରେ ମଣିଷ ମନରେ ଭୟ ଜାତ ହୁଏ ଓ ସେଠାରେ ରାତିରେ ଯାଇ ରହିବା କଥା ତ କେହି କେବେ ଚିନ୍ତା ମଧ କରିପାରନ୍ତି ନାହିଁ। କିନ୍ତୁ ସ୍ୱିଜରଲ୍ୟାଣ୍ଡରେ ରହିଛି ଏପରି ଏକ କବରସ୍ଥାନ ଯାହା ଦେଖିବାକୁ ଏତେ ସୁନ୍ଦର ଯେ ଲୋକମାନେ ସେଠାକୁ ବୁଲିବାକୁ ଯାଆନ୍ତି, ଫଟୋ ଉଠାନ୍ତି ଏପରିକି ରାତିରେ ରହିବାକୁ ମଧ ପସନ୍ଦ କରନ୍ତି। ସେ ସ୍ଥାନଟି ମୃତ୍ୟୁକୁ ବି ସୁନ୍ଦରତା ସହିତ ଯୋଡ଼ିଥାଏ। ଏହା ହେଉଛି ସ୍ୱିସ୍ କବରସ୍ଥାନ ଯାହା ଭରି ରହିଛି ବିଭିନ୍ନ ପ୍ରକାରର ଫୁଲ ଗଛରେ, ସବୁଜିମାମୟ ପରିବେଶରେ ଓ ଯାହାର କଳାତ୍ମକ ସାଜସଜ୍ଜା ଦେଖିବାଯୋଗ୍ୟ ହୋଇଥାଏ। ସବୁଠାରୁ ଆଶ୍ଚର୍ଯ୍ୟ କରିବା ପରି କଥା ହେଉଛି ଲୋକମାନେ ସେଠାକୁ ଯାଇ ଫଟୋ ଉଠାଇଥାନ୍ତି। ସେ କବରସ୍ଥାନରେ ରହିଛି ଗୋଲାପ, ଟ୍ୟୁଲିପ୍, ଲାଭେଣ୍ଡର ଓ ଅନ୍ୟ କେତେ ପ୍ରକାରର ଫୁଲ। ସେଠାରେ ପାର୍କ ପରି ବେଞ୍ଚ ରହିଛି, ପାଣିର ଫୁଆରା ଓ ଗଛବୃଛ ରହିଛି।




ପରିବାରର ଲୋକମାନେ କବରକୁ ଘର ପରି ଆକାର ଦେଇ ଫୁଲ ଗଛ ଲଗାନ୍ତି ଓ ଛୋଟ ଗାର୍ଡେନ୍ କରି ନିୟମିତ ପରିଷ୍କାର କରନ୍ତି। ଏହି ପରମ୍ପରା ଶହ ଶହ ବର୍ଷ ହେଲାଣି ଚାଲିଆସୁଛି। ତେବେ ସ୍ୱିସ୍ ସଂସ୍କୃତିରେ ମୃତ୍ୟୁକୁ ଜୀବନର ଏକ ଅଂଶବିଶେଷ ଭାବରେ ଗ୍ରହଣ କରାଯାଉଥିବାରୁ କବରସ୍ଥାନକୁ ଉଦାସ ନୁହେଁ ଶାନ୍ତ ଓ ସୁନ୍ଦର ସ୍ଥାନ ଭାବରେ ଗ୍ରହଣ କରାଯାଏ। ସ୍ୱିସ୍ କବରସ୍ଥାନରେ ଭୂତମାନଙ୍କର କାହାଣୀ କମ୍ ଶୁଣିବାକୁ ମିଳେ କାରଣ ରାତିରେ ଶାନ୍ତି ଓ ସୁନ୍ଦରତା ଦ୍ୱାରା ଲୋକମାନେ ରୋମାଞ୍ଚିତ ହୁଅନ୍ତି। ସ୍ୱିଜରଲ୍ୟାଣ୍ଡ୍‌ର ଥଣ୍ଡା ଜଳବାୟୁ ପାଇଁ ଫୁଲଗୁଡ଼ିକ ସହଜରେ ଫୁଟିଯାଆନ୍ତି। କବରସ୍ଥାନରେ ଥିବା ଛୋଟ ଛୋଟ ମେମୋରିଆଲ ଗାର୍ଡେନ୍ ପରିବାର ପାଇଁ ପିକ୍‌ନିକ୍ କରିବା ପରି ପରିବେଶ ସୃଷ୍ଟି କରାଇଥାଏ। ସେଠାରେ ମୃତ୍ୟୁର ଭୟ କମ୍ ଓ ଜୀବନର ସୁନ୍ଦରତାକୁ ଏହା ଅଧିକ ମନେପକାଇଦିଏ।

# 'ମର୍ଦ୍ଦାନୀ-୩'ର ଆମ୍ମା ଚରିତ୍ର



ବକ୍ସ ଅଫିସ୍‌ରେ ଏ ସମୟରେ 'ମର୍ଦ୍ଦାନୀ-୩'ର ବୋଲ୍‌ବାଲା ଜାରି ରହିଛି। 'ମର୍ଦ୍ଦାନୀ' ଫ୍ରାଞ୍ଚାଇଜ ସବୁବେଳେ ଏପରି ମୁଦ୍ଦାଗୁଡ଼ିକୁ ନେଇ ଫିଲ୍ମର ନିର୍ମାଣ କରିଥାଏ ଯେଉଁ ବିଷୟବସ୍ତୁଗୁଡ଼ିକୁ ସାଧାରଣ ଲୋକମାନେ ଛୁଇଁ ପାରନ୍ତି ନାହିଁ। ତେବେ ଫିଲ୍ମଟିକୁ ଦର୍ଶକମାନେ ଖୁବ୍ ପସନ୍ଦ କରୁଥିବା ବେଳେ ଖଳନାୟିକା ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ମଲ୍ଲିକା ପ୍ରସାଦ ଏହା ଉପରେ ନିଜର ରାୟ ଦେଇ କହିଛନ୍ତି- 'ଆମ ସମାଜ ନିଜେ ନିଜର ଶତ୍ରୁ ଗଢ଼ିଥାଏ।' ଏହା ବ୍ୟତୀତ ସେ ନିଜର ଚରିତ୍ର ବିଷୟରେ ମନଖୋଲି କହିଛନ୍ତି ଯେ ଆମ୍ମାକୁ କେବଳ ଖରାପ କହି ବୁଝିଲେ ସହଜ ହେବ ନାହିଁ ତାଙ୍କୁ ବୁଝିବା ବହୁତ କଷ୍ଟକର। ଆମ୍ମା ନିଜେ ଜନ୍ମ ହୋଇଥିବା କୌଣସି ଶୈତାନ ଶକ୍ତି ନୁହେଁ ସେ ହେଉଛନ୍ତି ସେହି ସମାଜର ଫଳାଫଳ ଯେଉଁଠାରେ ଲଗାତର ଅନ୍ୟାୟ, ଭ୍ରଷ୍ଟାଚାର ଓ ଶୋଷଣ ଦେଖିବାକୁ ମିଳେ। ଯେତେବେଳେ କୌଣସି ମଣିଷର ଅଧିକାରକୁ ବାରମ୍ବାର ଛଡ଼ାଇ ନିଆଯାଏ ଓ ତାକୁ ନ୍ୟାୟ ମିଳେନାହିଁ, ସେହି ସିଷ୍ଟମ୍ ଧୀରେ ଧୀରେ ତାକୁ କଠୋର ଓ ବିପଦଜନକ କରିଦିଏ। ଏହିପରି ସିଷ୍ଟମ୍ ଭିତରେ ରହି ଆମ୍ମା କାମ କରିଛନ୍ତି ଯେଉଁ ସିଷ୍ଟମ୍ ତାଙ୍କୁ ନ୍ୟାୟ ଦେଇପାରୁ ନାହିଁ। ତେବେ ଆମ୍ମା ହେଉଛନ୍ତି ଏହି ଭାଙ୍ଗିଯାଇଥିବା ଭରସା ଓ ଛଡ଼ାଇ ନିଆଯାଇଥିବା ନ୍ୟାୟର ସେହି ଚେହେରା। କିନ୍ତୁ ଏହି ଚରିତ୍ରକୁ ମଲ୍ଲିକା ପ୍ରସାଦ ଏକ ନେଗେଟିଭ୍ ଚରିତ୍ର ଭାବରେ ଦେଖିନଥିଲେ କିନ୍ତୁ ଜଣେ ମଣିଷ ଭାବରେ ବୁଝିବାକୁ ଚେଷ୍ଟା କରିଛନ୍ତି। ବଡ଼ ଓ ପ୍ରଭାବୀ ଖଳନାୟକ ବା ନାୟିକାମାନଙ୍କୁ ସବୁବେଳେ ଦର୍ଶକମାନେ ମନେରଖନ୍ତି ବୋଲି କହନ୍ତି ମଲ୍ଲିକା ପ୍ରସାଦ।



ୱର୍କଫ୍ରଣ୍ଟ ଦୃଷ୍ଟିରୁ ୧୯୯୯ରେ କନ୍ନଡ଼ ଫିଲ୍ମ 'କନୁରୁ ହେଗ୍ଗଦିଥି' ଜରିଆରେ ସେ ଅଭିନୟ ଜଗତରେ ପ୍ରବେଶ କରିଥିଲେ। ଏହାପରେ ସେ କନ୍ନଡ଼ ସିନେମାରେ ହାସଲ କରିଥିଲେ ଲୋକପ୍ରିୟତା। ତାଙ୍କର କିଛି ପ୍ରମୁଖ ଫିଲ୍ମଗୁଡ଼ିକ ମଧ୍ୟରୁ ଅନ୍ୟତମ ମୁସଞ୍ଜୟା କଥା ପ୍ରସଙ୍ଗା, ଗରଭା ଓ ମାଗା ମୟୂରୀ। ହିନ୍ଦୀ ଦର୍ଶକମାନଙ୍କ ପାଇଁ ରହିଛି ନେଟ୍‌ଫ୍ଲିକ୍ସର ସିରିଜ 'ଦି କିଲର ସୁପ୍' ଓ ଅନୁରାଗ କଶ୍ୟପଙ୍କ ଫିଲ୍ମ 'ଅଲ୍‌ମୋଷ୍ଟ ପ୍ୟାର୍ ୱିଥ୍ ଡିଜେ ମୋହବ୍ବତ'। ଏକ କ୍ଷୁଦ୍ରଫିଲ୍ମ 'ଫର୍ ମାଇଁ ଏଲା'ର ନିର୍ଦ୍ଦେଶନା ମଧ ଦେଇଛନ୍ତି ମଲ୍ଲିକା।

# ପୂଜା ପାଆନ୍ତି ଚେଙ୍ଗିଜ୍ ଖାନ

ଆମ ଦେଶର ଲୋକମାନେ ଚେଙ୍ଗିଜ୍ ଖାନଙ୍କୁ ଜଣେ କ୍ରୁର ଶାସକ ଭାବରେ ଜାଣନ୍ତି। ସେହିପରି ମଙ୍ଗୋଲିଆରେ ତାଙ୍କୁ ଲୋକମାନେ ଭଗବାନ ବୋଲି ଭାବନ୍ତି। ସେ ଦେଶର ଲୋକମାନେ ତାଙ୍କୁ ପୂଜା କରିବା ସହିତ ତାଙ୍କ ପୁନର୍ଜନ୍ମର କାମନା କରନ୍ତି। ଚେଙ୍ଗିଜ ଖାନ ଜଣେ କ୍ରୁର, ଆକ୍ରମକ ଶାସକ ଥିଲେ ଯିଏ ଲକ୍ଷାଧିକ ଲୋକଙ୍କର ଜୀବନ ନେଇ ନିଜ ସାମ୍ରାଜ୍ୟର ବିସ୍ତାର କରିଥିଲେ। କିନ୍ତୁ ମଙ୍ଗୋଲିଆରେ ଚେଙ୍ଗିଜ ଖାନଙ୍କୁ ଲୋକମାନେ ଭଗବାନ ଭାବରେ ପୂଜା କରିବା ସହିତ ତାଙ୍କୁ ରାଷ୍ଟ୍ରପିତା, ଏକଜୁଟ୍ କରିଥିବା ସବୁଠାରୁ ବଡ଼ ସାମ୍ରାଜ୍ୟର ନାୟକ ଭାବରେ ଦେଖନ୍ତି। ମଙ୍ଗୋଲିଆର ଲୋକମାନଙ୍କ ଅନୁସାରେ ଆଜି ବି ତାଙ୍କ ଆତ୍ମା ସେହି ଦେଶର ରକ୍ଷା କରୁଛି ଓ ପୁଣି ଥରେ ତାଙ୍କର ପୁନର୍ଜନ୍ମର ଆଶା ନେଇ ଲୋକମାନେ ବଞ୍ଚିଛନ୍ତି। ଏହି ବିଶ୍ୱାସ କାରଣରୁ ମନ୍ଦିରରେ, ଘରମାନଙ୍କରେ ଓ ସାର୍ବଜନିକ ସ୍ଥାନମାନଙ୍କରେ ଚେଙ୍ଗିଜ୍ ଖାନଙ୍କର ପୂଜା ହୋଇଥାଏ। ମଙ୍ଗୋଲିଆର ରାଜଧାନୀ ଉଲାନବଟାରରେ ଚେଙ୍ଗିଜ ଖାନଙ୍କର ସବୁଠାରୁ ବଡ଼ ଘୋଡ଼ା ଉପରେ ସବାର ହୋଇଥିବା ମୂର୍ତ୍ତି ରହିଛି ଯାହାର ଉଚ୍ଚତା ୪୦ ମିଟରରୁ ଅଧିକ ହେବ। ଆଜି ବି ମଙ୍ଗୋଲ ପରିବାରରେ ତାଙ୍କର ଫଟୋ ପୂଜା ସ୍ଥଳରେ ରଖାଯାଇ ତାଙ୍କୁ ଧୂପ-ଦୀପ ଦିଆଯାଏ। ଏହି ପୂଜା କେବଳ ଐତିହାସିକ ନୁହେଁ ଏକ ଗଭୀର ଆଧ୍ୟାତ୍ମିକ ଶ୍ରଦ୍ଧା ଅଟେ। ମଙ୍ଗୋଲ ଶାମେନିଜ୍‌ମ ଓ ବୌଦ୍ଧ ଧର୍ମରେ ଚେଙ୍ଗିଜ ଖାନଙ୍କୁ ଜଣେ ସଂରକ୍ଷକ ଆତ୍ମା ଭାବରେ ଗ୍ରହଣ କରାଯାଇଛି। ଆଜି ସେ ମଙ୍ଗୋଲିଆ ସୀମାଗୁଡ଼ିକୁ ରକ୍ଷା କରୁଛନ୍ତି, ପାଣିପାଗକୁ ନିୟନ୍ତ୍ରିତ କରୁଛନ୍ତି ଓ ରାଷ୍ଟ୍ରକୁ ମଜଭୁତ କରି ରଖିଛନ୍ତି ବୋଲି ମଙ୍ଗୋଲିଆବାସୀ ବିଶ୍ୱାସ କରନ୍ତି।



# 'ପୂର୍ବ ଭାରତ'ର ବାର୍ଷିକୋତ୍ସବ

## ୮୦ ପ୍ରତିଭା ସମ୍ବର୍ଦ୍ଧିତ



**ବାରିପଦା,୨୧୨/ଏନ୍ଏନ୍ଏସ୍:** ରାଜ୍ୟର ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥା 'ପୂର୍ବ ଭାରତ' ନ୍ୟୁଜ୍ ଲାଇଭ୍‌ର ବାର୍ଷିକ ଉତ୍ସବ ସ୍ଥାନୀୟ ବାରିପଦା ଷ୍ଟାଡିୟମ୍ ଅନୁଷ୍ଠିତ ହୋଇଯାଇଛି। ପ୍ରତୀକ ଅର୍ଗାନାଇଜେସନ୍ ଫର୍ ସୋସିଆଲ୍ ଡେଭେଲଅପ୍‌ମେଣ୍ଟ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂସ୍ଥାର ସମ୍ପାଦକ ଓ ସାମ୍ବାଦିକା ପ୍ରତିମା ବାରିକଙ୍କ ନେତୃତ୍ୱ ତଥା ପ୍ରକାଶକ ନିର୍ଦ୍ଦେଶକ ପ୍ରବୀର ବାରିକଙ୍କ ଦିଗ୍‌ଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ ଗଣମାଧ୍ୟମ ଦେଶର ସର୍ବାଙ୍ଗୀନ ବିକାଶ ସହ ସମାଜକୁ ସଚେତନ ଓ ଶକ୍ତିଶାଳୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଯୋଗଦେଇ 'ପୂର୍ବ ଭାରତ' ନ୍ୟୁଜ୍‌ର ସ୍ୱର୍ଣ୍ଣକ୍ଷେତ୍ର ଦିବସରେ ଆୟୋଜିତ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ବେଶ୍ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ତପନ କୁମାର ମିଶ୍ର, ବିଶିଷ୍ଟ ଆଇନଜୀବୀ ବିଜୟ ପାଣିଗ୍ରାହୀ, ଶିକ୍ଷାବିତ୍ ବିପ୍ଳବ ଭଞ୍ଜନ ବୁଗୁଡ଼େଇ, ପୂର୍ବତନ ଉପନଗରପାଳ ଜୀତେନ୍ଦ୍ର ମହାନ୍ତି, ୨୭ନଂ ୱାର୍ଡ କାଉନସିଲର୍ ଦେବାଶିଷ ପାତ୍ର, ୨୫ନଂ ୱାର୍ଡ କାଉନସିଲର୍ ଶିବଶଙ୍କର ପାତ୍ର ଓ ଶିକ୍ଷକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ସଂସ୍ଥାର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ମୌସୁମୀ ପଣ୍ଡା କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ବିଜ୍ଞାନ, ସାହିତ୍ୟ, ପରିବେଶ, ସମାଜସେବା ଓ ରକ୍ତଦାନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୮୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱଜୀବନ ରଣା ଓ ଚନ୍ଦନ ପାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏଫ୍‌ଏମ୍‌ୟୁରେ 'ବିଦୁ ଚାନ୍ଦାନ'ଙ୍କ ପୂଜା ଦିବସ



**ବାଲେଶ୍ୱର,୨୧୨/ଏନ୍ଏନ୍ଏସ୍:** ମାଘ ପୂର୍ଣ୍ଣିମା ଅବସରରେ ସାନ୍ତାଳ ଜନଜାତିଙ୍କ ବିଦ୍ୟାର ଦେବତା 'ବିଦୁ ଚାନ୍ଦାନ'ଙ୍କ ପୂଜା ଦିବସ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏହି ପର୍ବ ପାଳନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାନ୍ତାଳୀ ପାଠ୍ୟକ୍ରମର ସଂଯୋଜକ ଡ. ଜୟନ୍ତ କୁମାର ଦାସ, ସହାୟକ ଅଧ୍ୟାପିକା ସୁମିତ୍ରା ଟୁଡୁ, ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର୍ ଦେବାଶିଷ ପାତ୍ର, ସଂସ୍କୃତ ବିଭାଗ ଅଧ୍ୟାପକ ଡ. ଦେବାଶିଷ ମିଶ୍ର ଓ ଅଧ୍ୟାପିକା ମମତା ପ୍ରଧାନଙ୍କ ସହ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଏହି ପୂଜାକୁ ପାଳନ କରିଥିଲେ।

# ଏଫ୍‌ଏମ୍ ଜୁନିଅର୍ କଲେଜ ଛାତ୍ରଙ୍କ ସଫଳତା




**ବାଲେଶ୍ୱର,୨୧୨/ଏନ୍ଏନ୍ଏସ୍:** ଫକୀରମୋହନ ଜୁନିଅର୍ କଲେଜର ବିଜ୍ଞାନ ବିଭାଗର ଛାତ୍ର ରାମକୃଷ୍ଣ ମାଇତି ରାଜ୍ୟସ୍ତରୀୟ କମ୍ପ୍ୟୁଟିଂ ଅଲମ୍ପିଆଡ୍-୨୦୨୬ର ଗଣିତ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଭୁବନେଶ୍ୱରସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଇଞ୍ଜିନିୟରିଂ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ରାମକୃଷ୍ଣ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି କଲେଜ ପାଇଁ ସଫଳତା ଆଣିଛନ୍ତି। ସୂଚନାଯୋଗ୍ୟ ଏହି ଅଲମ୍ପିଆଡ୍‌ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାମକୃଷ୍ଣଙ୍କ ଏହି ଅସାଧାରଣ ସଫଳତା ପାଇଁ କଲେଜ କର୍ତ୍ତୃପକ୍ଷ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀବୃନ୍ଦଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଖୁସିର ଲହରୀ ଖେଳିଯାଇଛି। କଲେଜର ଅଧ୍ୟକ୍ଷ ଡକ୍ଟର ସୋନାଲିସା ମହାନ୍ତି, ରସାୟନ ବିଜ୍ଞାନ ମୁଖ୍ୟ ଅଙ୍କିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ତାଙ୍କର ଏହି କୃତିତ୍ୱ ପାଇଁ ସାଧୁବାଦ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ରାମକୃଷ୍ଣଙ୍କ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣା ସାଜିବ ବୋଲି ମତପ୍ରକାଶ ପାଇଛି।

## କେନ୍ଦୁଝରର ପୁଲିସ୍‌କୁ ଡକାୟତଙ୍କ ଖୋଲା ଚ୍ୟାଲେଞ୍ଜ

# ୨ ଦିନରେ ୨ ସ୍ଥାନରୁ ଲକ୍ଷାଧିକ ଟଙ୍କା, ସୁନାଗହଣା ଲୁଟ୍



**କେନ୍ଦୁଝର,୨୧୨/ଏନ୍ଏନ୍ଏସ୍:** ଗୋଟିଏ ଦିନର ବ୍ୟବଧାନରେ ୪୯ ନମ୍ବର ଜାତୀୟ ରାଜପଥର ୨ଟି ସ୍ଥାନରୁ ସଶସ୍ତ୍ର ଡକାୟତି ହୋଇଛି । ଉଭୟ ଘଟଣାରେ ଗୋଟିଏ ଡକାୟତ ଦଳ ସମ୍ପୃକ୍ତ ଥିବା କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର କହିଛନ୍ତି। ପ୍ରଥମେ ପାଟଣା ଥାନା ଖିରେଇଟାଙ୍ଗିରି ଓ ପରେ ସଦର ଥାନା ବାୟାପଣ୍ଡାଦର ଗାଁରେ ନାଟକୀୟ ଢଙ୍ଗରେ ପହଞ୍ଚି ପାଣି ମାଗି ଘରେ ପସି ମୁଣ୍ଡରେ ବନ୍ଧୁକ ଲଗାଇ ଘରର ସଦସ୍ୟଙ୍କୁ ବନ୍ଧକ ରଖିଲେ। ପରେ ମାତ୍ର ୩୦ ମିନିଟ୍‌ରେ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟ୍ କରିଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉଭୟ ସ୍ଥାନରେ ଗୋଟିଏ ଡକାୟତ ଦଳର ସମ୍ପୃକ୍ତି ଥିବା ଆରକ୍ଷୀ ଅଧୀକ୍ଷକ କହିଛନ୍ତି।

ସେହିପରି କେନ୍ଦୁଝର ଜିଲ୍ଲା ସଦର ଥାନା ଶୁଆକାଟି ଫାଣ୍ଡି ଅନ୍ତର୍ଗତ ବାୟାପଣ୍ଡାଦର ଗାଁରେ ସଶସ୍ତ୍ର ଡକାୟତି ଘଟିଛି। ଗାଁର ସଂଗ୍ରାମ କେଶରୀ ନାଏକଙ୍କ ଘରେ ପଶି ୮ଜଣ ମୁଖାପିନ୍ଧା ବନ୍ଧୁକଧାରୀ ଡକାୟତି କରିଛନ୍ତି। ପ୍ରଥମେ ଫାଙ୍କା ଗୁଳି ଚାଳନା କରି ଘରର ସମସ୍ତ ସଦସ୍ୟଙ୍କୁ ଗୋଟିଏ ଘରେ ପୁରାଇ ୬ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଓ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ରବିବାର ରାତି ୧୦ଟା ୩୦ରେ ଦୁର୍ଘଟଣା ଘଟିଥିବା ଲୋକଙ୍କ ପାଇଁ ପାଣି ମାଗିବାର ବାହାନା କରି ଦୁର୍ବୃତ୍ତ ଘରେ ପଶିଥିଲେ। ପରେ ଫାଙ୍କା ଗୁଳି ଚାଳନା କରି ଘରର ସଦସ୍ୟଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କୁ ବନ୍ଧକ ରଖି ଲକର୍ ଖୋଲି ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟି ନେଇଛନ୍ତି । ଯିବା ସମୟରେ ସିସିଟିଭି କ୍ୟାମେରାର ହାର୍ଡ ଡିସ୍କ ମଧ୍ୟ ଖୋଲି ନେଇଯାଇଛନ୍ତି । ୮ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଘରେ ପଶିଥିବାବେଳେ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଧଳା ସ୍କୋର୍ପିଓ ନିକଟରେ ଜଗିଥିବା ଲୋକେ କହିଛନ୍ତି। ପୂର୍ବରୁ ଗାଁରେ ଦୁର୍ବୃତ୍ତମାନେ ରେକି କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୋମବାର ଏଠାରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ପୁଲିସ୍ ତଦନ୍ତ ଆଗକୁ ବଢ଼ାଇଥିଲା । ଘଟଣାସ୍ଥଳରେ ଏସ୍‌ପି ପହଞ୍ଚି ତଦନ୍ତର ଦିଗ ଅନୁଧ୍ୟାନ କରିଥିଲେ।

# ବିଲ୍ ନହେବାରୁ ଧାରଣାରେ ବସିଲେ ସରପଞ୍ଚ

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



**ସୋର,୨୧୨/ଏନ୍ଏନ୍ଏସ୍:** କାମ କରିବାର ଦୀର୍ଘଦିନ ପର୍ଯ୍ୟନ୍ତ ବିଲ୍ ନହେବାରୁ ଏହାକୁ ପ୍ରତିବାଦ କରି ସୋର ବ୍ଲକ୍ ତଳନଗର ପଞ୍ଚାୟତର ସରପଞ୍ଚ ଗୀତାରାଣୀ ଦାଶ ବ୍ଲକ୍ ପରିସରରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସୂଚନାନୁସାରେ ତଳନଗର ପଞ୍ଚାୟତରେ ଦୀର୍ଘଦିନ ଧରି ବିଭିନ୍ନ ୱାର୍ଡରେ କାମ କରାଯାଇଥିବାବେଳେ କାମ ଶେଷ ହେବାକୁ ଅନେକ ଦିନ ବିତିଯାଇଥିଲେ ମଧ୍ୟ ବିଲ୍ ହୋଇପାରି ନାହିଁ। ଫଳରେ ପଞ୍ଚାୟତର ଅନ୍ୟ ଉନ୍ନୟନମୂଳକ କାମ କରିବାରେ ବାଧା ଉପୁଜୁଛି। ପୂର୍ବରୁ କୌଣସି ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାଦେଶ ଥିଲେ କାମ ଶେଷ ହେବାର କିଛିଦିନ ମଧ୍ୟରେ ବିଲ୍ କରାଯାଉଥିଲା। ମାତ୍ର ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ କାରଣରୁ ପିସି ଓ ଅନ୍ୟ ସମସ୍ୟା ପାଇଁ ଏହି ବିଲ୍ କରାଯାଉ ନାହିଁ। ଫଳରେ କୌଣସି ଲୋକ କାମ କରିବାକୁ ରାଜି ହେଉନାହାନ୍ତି। ଏହାକୁ ପ୍ରତିବାଦ କରି ତୁରନ୍ତ କରାଯାଇଥିବା କାମର ବିଲ୍ କରିବା ଦାବିରେ ସୋମବାର ମଧ୍ୟାହ୍ନରେ ସରପଞ୍ଚ ଶ୍ରୀମତୀ ଦାଶଙ୍କ ସମେତ ପ୍ରାକ୍ତନ ସରପଞ୍ଚ ରାଜେନ୍ଦ୍ର ଦାଶ ଓ ତାଙ୍କ ସମର୍ଥକମାନେ ଧାରଣାରେ ବସିଥିଲେ। କିଛି ସମୟ ପରେ ବିଡିଓ ସତ୍ୟନାଥ ନାୟକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲ।

# ଯୁଗ୍ମ ଜନଶୁଣାଣି ଶିବିର



**ବାରିପଦା,୨୧୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ସଦରମହକୁମାରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକା ସବିତା ମାଝୀ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବମୋଟ୍ ୧୭୬ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ସେଥିମଧ୍ୟରୁ ୧୫୬ଟି ବ୍ୟକ୍ତିଗତ ଓ ୨୦ଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ଧାମନଗର ଶୀତ ମହୋତ୍ସବ ଉଦ୍‌ଯାପିତ




**ଧାମନଗର,୨୧୨/ଏନ୍ଏନ୍ଏସ୍:** ଧାମନଗର ବ୍ଲକ୍ ଅସୁରାଳି ଶହୀଦ ଷ୍ଟାଡିୟମ୍‌ରେ ଚାଲିଥିବା ଶୀତ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମୂଲ୍ୟବୋଧ ଅଭିଭାଷଣ ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟର ଖ୍ୟାତିସମ୍ପନ୍ନ କଳାକାରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ଯୋଗୁ ଅସୁରାଳି ବଜାର ଉତ୍ସବମୁଖର ହୋଇଥିଲା। ସନ୍ଧ୍ୟାରେ ଏସବୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଲାଗିଥିଲା। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଧାମନଗର ନିର୍ବାଚନମଣ୍ଡଳୀର ବିକାଶ ପୁରୁଷ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ନାମରେ ନାମିତ ହୋଇଥିଲା। ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଳ୍ପ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ମହୋତ୍ସବ କମିଟିର ସଭାପତି ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ପୁଲିସ୍ ଡିଆଇଜି ପିନାକୀ ମିଶ୍ର ପ୍ରମୁଖ ଓଡ଼ିଶା ସାହିତ୍ୟ କଳା ସଂସ୍କୃତି ପରମ୍ପରା ଆଧ୍ୟାତ୍ମିକ ଚେତନା ଆଦି ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ ସ୍ୱାଗତ ଭାଷଣ ଦେଇଥିବାବେଳେ ମହୋତ୍ସବ କମିଟିର ସମ୍ପାଦକ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୧୦ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଶୋକ ପୁହାଣ, ମନୋଜ ମଲ୍ଲିକ, ଚତୁର୍ଭୁଜ ନାୟକ, କୈଳାସ ମହାପାତ୍ର, ଅରବିନ୍ଦ ପତି, ବୈକୁଣ୍ଠନାଥ ସାହୁ, ପ୍ରଶାନ୍ତ ନାୟକ (ମୁନା), ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ ଓ ସୁରଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରକାଶଥାଉକି ୫ ଦିନ ଧରି ଚାଲିଥିବ ଏହି ଶୀତ ମହୋତ୍ସବର ମଞ୍ଚକୁ ପ୍ରଥମ ସନ୍ଧ୍ୟାରେ ସହିଦ ମଞ୍ଚ ନାମରେ ନାମିତ କରାଯାଇଥିବାବେଳେ ଦ୍ୱିତୀୟ ସନ୍ଧ୍ୟା ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନା, ତୃତୀୟ ସନ୍ଧ୍ୟା ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଓ ଚତୁର୍ଥ ସନ୍ଧ୍ୟା ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକଙ୍କ ନାମରେ ନାମିତ କରାଯାଇଥିଲା।

## ରେମୁଣା ମହୋତ୍ସବ ଉଦ୍‌ଯାପିତ

# 'ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ମହୋତ୍ସବ ମାଧ୍ୟମ ହେଉ'



**ବାଲେଶ୍ୱର,୨୧୨/ଏନ୍ଏନ୍ଏସ୍:** ଅଞ୍ଚଳର ଭାଇଚାରା ବଜାୟ ରଖିବା ସହ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ମହୋତ୍ସବ ମାଧ୍ୟମ ହେଉ ବୋଲି ୧୮ତମ ରେମୁଣା ମହୋତ୍ସବର ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ସମ୍ବାଦର ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିତ୍, ସମ୍ମାନିତ ଅତିଥିଭାବେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ, କମିଟିର ସଭାପତି ବିଶ୍ୱମ୍ଭର ପଟ୍ଟନାୟକ ଓ ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମହୋତ୍ସବର ସ୍ମରଣିକା 'ରମ୍ୟ ରେମୁଣା' ଉନ୍ମୋଚିତ ହୋଇଥିଲା। ନଅ ଦିନ ଧରି ଚାଲିଥିବା ଏହି ଉତ୍ସବ ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହେବା ନେଇ କମିଟି ପକ୍ଷରୁ ପ୍ରଶାସନ ତଥା ରେମୁଣାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଉପେନ୍ଦ୍ରନାଥ ମହାବିଦ୍ୟାଳୟର ବାର୍ଷିକୋତ୍ସବ

# ଛାତ୍ରଛାତ୍ରୀ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ସହ ତାଳ ଦେଇ ଚାଲିବା ଉପରେ ଗୁରୁତ୍ୱାରୋପ



**ସୋର,୨୧୨/ଏନ୍ଏନ୍ଏସ୍:** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାନ୍ଦିପୁର ଡିଆର୍‌ଡିଓର ଅତିରିକ୍ତ ନିର୍ଦ୍ଦେଶକ ତଥା ବୈଜ୍ଞାନିକ ଡ. ନିଳାଦ୍ରୀ ରଏ ଯୋଗଦେଇ ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ସହ ତାଳ ମିଶେଇ ଚାଲିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ପ୍ରଦୀପ୍ତ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ମାତୃଭୂମି ପ୍ରେମକୁ ନିଜ ଚଲାପଥରେ ସାଥୀ କରି ତା'ର ସୁବ୍ୟବହାର ଓ ମୂଲ୍ୟବୋଧ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସାଂସ୍କୃତିକ ବିଭାଗର ମୁଖ୍ୟ ଉପଦେଷ୍ଟା ତଥା ରସାୟନ ବିଭାଗର ଅଧ୍ୟାପକ ରତ୍ନାକର ମୁଦୁଲି ଯୋଗ ଦେଇଥିଲେ।+୨ ସ୍ତରରେ ସାଂସ୍କୃତିକ ବିଭାଗର ମୁଖ୍ୟ ଉପଦେଷ୍ଟା ତଥା ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ସୁବ୍ରତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାର ପ୍ରାରମ୍ଭିକ ପର୍ଯ୍ୟାୟକୁ ଛାତ୍ର କମଳଲୋଚନ ଏବଂ ଛାତ୍ରୀ ସ୍ୱାଗତିକା ମହାନ୍ତି ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହ ଏକ ବିଶେଷ ପ୍ରତିଯୋଗିତା ଟେଲେଣ୍ଟ୍ ହଣ୍ଟ୍ ଜରିଆରେ ମହାବିଦ୍ୟାଳୟର ସମସ୍ତ ସ୍ନାତୋତ୍ତର ବିଭାଗରୁ ସର୍ବଶ୍ରେଷ୍ଠ ଚୟନ କରାଯାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶୁଭଲକ୍ଷ୍ମୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା। ରେଡକ୍ରସ୍‌ର ଛାତ୍ର ପରେଶ୍ ଦଳେଇ ରାଜ୍ୟସ୍ତରରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଶାନ୍ତ ମହନ୍ତ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ସିନେ ଜଗତର ଅଭିନେତ୍ରୀ ଡ. ଅନୁରାଧା ପାଣିଗ୍ରାହୀ ଏବଂ ତାଙ୍କ ସହ ରାଜ୍ ସଙ୍ଗମ ମେଲୋଡି ଟିମ୍ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟ୍‌ମାନେ ସହଯୋଗ କରିଥିଲେ ।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ସୋର,୨୧୨/ଏନ୍ଏନ୍ଏସ୍:** ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଦିଗିଭଅଁରା ଗ୍ରାମରେ ପାରିବାରିକ କଳହରୁ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବାବେଳେ ହତ୍ୟା ଅଭିଯୋଗରେ ତାଙ୍କ ସ୍ୱାମୀକୁ ପୁଲିସ୍ ଗିରଫ କରିଛି। ଗତ ୧୮ ତାରିଖରେ ଏହି ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ଏକ ଗ୍ରୁପ୍‌ରୁ ଟଙ୍କା ଉଠାଇଥିଲେ। ଏନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଅହଲ୍ୟା ବିଷ ପିଇ ଦେଇଥିବାବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଅହଲ୍ୟାଙ୍କ ବାପା ଘର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗମୂଳେ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ରବିବାର କରୁଣାକୁ ସୋର ପୁଲିସ୍ ଗିରଫ କରିଥିବାବେଳେ ସୋମବାର କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଗୋପାଳପୁର ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍‌ଯାପିତ

**ବାହାନଗା,୨୧୨/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଗୋପାଳପୁର ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଭାବେ ଗୋପାଳପୁର ପଞ୍ଚାୟତର ସମାଜସେବୀ ଅନ୍ତର୍ଯ୍ୟାମୀ ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପଣ୍ଡାଶୁଣୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ରୀନା ବିନ୍ଧାଣୀ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଅଶ୍ୱିନୀ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସମାଜସେବୀ କୃଷ୍ଣ ଚନ୍ଦ୍ର ଦାସ ସଭା ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଅନାହତ ସ୍କ୍ୱାଶ୍ ଅନ୍ ଫାୟାର୍ ଓପନ୍ ଚାମ୍ପିଅନ୍



**ନୂଆଦିଲ୍ଲୀ,୨/୨/ଏଜେନ୍ସି:** ଭାରତୀୟ ଯୁବ ସ୍କ୍ୱାଶ୍ ଖେଳାଳି ଅନାହତ ସିଂହ ରବିବାର ୱାଶିଂଟନ୍‌ରେ ସ୍କ୍ୱାଶ୍ ଅନ୍ ଫାୟାର୍ ଓପନ୍ ଟୁର୍ଣ୍ଣାମେଣ୍ଟ୍‌ରେ ବିଜୟୀ ହୋଇ କ୍ୟାରିୟର୍‌ର ପ୍ରଥମ ପିଏସ୍‌ଏ ବ୍ରୋଞ୍ଜ୍ ଲେଭେଲ୍ ଟାଇଟଲ୍ ହାସଲ କରିଛନ୍ତି। ବିଶ୍ୱ ନମ୍ବର-୩୧ ଅନାହତ ୨୬ ମିନିଟ୍‌ର ଫାଇନାଲ୍‌ରେ ଶୀର୍ଷ ସିଡ୍ ତଥା ବିଶ୍ୱର ୧୦ ନମ୍ବର ଖେଳାଳି ଜର୍ଜିନା କେନେଡିଙ୍କୁ ୧୨-୧୦, ୧୧-୫, ୧୧-୭ରେ ମାତ୍ ଦେଇ ନିଜର ପ୍ରଥମ ବିଶ୍ୱ ଇଭେଣ୍ଟ୍ ଟାଇଟଲ୍ ହାସଲ କରିଛନ୍ତି। ଏହା ୧୭ ବର୍ଷୀୟା ଅନାହତ୍‌ଙ୍କ କ୍ୟାରିୟର୍‌ର ସବୁଠାରୁ ବଡ଼ ଏବଂ ପିଏସ୍‌ଏ ଟୁର୍‌ର ୨୬ ଟୁର୍ଣ୍ଣାମେଣ୍ଟ୍‌ରେ ସାମଗ୍ରିକ ଭାବେ ୧୫ଶ ଟାଇଟଲ୍। ଏହା ପୂର୍ବରୁ ଅନାହତ ଏକମାତ୍ର ମ୍ୟାଚ୍‌ରେ ଜର୍ଜିନାଙ୍କଠାରୁ ପରାଜିତ ହୋଇଥିଲେ। କିନ୍ତୁ ଫାଇନାଲ୍‌ରେ ସପ୍ତମ ସିଡ୍ ଭାରତୀୟ ଖେଳାଳି ଅଦ୍ଭୁତ ସଂଯମ ପ୍ରଦର୍ଶନ କରି ୮-୧୦ରେ ପଛୁଆ ଥିବା ସତ୍ତ୍ୱେ ଲଗାତାର ଚାରି ପଏଣ୍ଟ୍ ଜିତି ପ୍ରଥମ ଗେମ୍ ନିଜ ନାମରେ କରିଥିଲେ। ଏହାପରେ ସେ ମ୍ୟାଚ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରି ବିଜୟୀ ହୋଇଥିଲେ। ସେ ନିକଟରେ ଐତିହାସିକ ସ୍କ୍ୱାଶ୍ ବିଶକପ୍ ଟାଇଟଲ୍ ଜିତିଥିବା ଭାରତୀୟ ଟିମ୍‌ର ଅଂଶବିଶେଷ ଥିଲେ। ବର୍ତ୍ତମାନ ଜାତୀୟ ଚାମ୍ପିଅନ୍ ଥିବା ଅନାହତ ଅନ୍ତର୍ଜାତୀୟ ସର୍କିଟ୍‌ରେ ମଧ୍ୟ ଏକ ସ୍ଥିର ଉପସ୍ଥିତି ରଖିଛନ୍ତି।

ସ୍କ୍ୱାଶ୍ ଅନ୍ ଫାୟାର୍ ଓପନ୍‌ର ପୁରୁଷ ଫାଇନାଲ୍‌ରେ ଇଂଲଣ୍ଡର ମହମ୍ମଦ ଏଲ୍‌ଶୋରବାଗି ସାଥୀ ଖେଳାଳି ଡେକ୍ଲାନ୍ ଜେମ୍ସଙ୍କୁ ୧୧-୪, ୧୧-୬, ୧୧-୮ରେ ହରାଇ ୫୨ତମ ପିଏସ୍‌ଏ ଟୁର୍ ଟାଇଟଲ୍ ଜିତିଛନ୍ତି।

# ସିନ୍ଧୁ-ସାଇନାଙ୍କ ଏଲିଟ୍ କ୍ଲବ୍‌ରେ ଦେବିକା



**ନୂଆଦିଲ୍ଲୀ,୨/୨/ଏଜେନ୍ସି:** ଭାରତର ୨୦ ବର୍ଷୀୟା ଉଦୀୟମାନ ଶଟ୍‌ଲର୍ ଦେବିକା ସିହାଗ୍ ରବିବାର ଥାଇଲାଣ୍ଡ ମାଷ୍ଟର୍ସ ୨୦୨୬ରେ ଇତିହାସ ରଚିଛନ୍ତି। ବ୍ୟାଙ୍କକ୍‌ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ସେ ମାଲେସିଆର ଗୋ ଜିନ୍ ୱେଇଙ୍କୁ ହରାଇ କ୍ୟାରିୟର୍‌ର ପ୍ରଥମ ବିଡବ୍ଲୁଏଫ୍ ବିଶ୍ୱ ଟୁର୍ ସୁପର୍ ୩୦୦ ଟାଇଟଲ୍ ଜିତିଛନ୍ତି। ଦେବିକା ପ୍ରଥମ ଗେମ୍ ୨୦-୮ର ବଡ଼ ବ୍ୟବଧାନରେ ଜିତିଥିଲେ। ଏହାପରେ ଦ୍ୱିତୀୟ ଗେମ୍‌ରେ ୬-୩ରେ ଆଗୁଆ ଥିବାବେଳେ ମାଲେସିଆ ଖେଳାଳି ଆଘାତ କାରଣରୁ ରିଟାୟର୍ ହେବାରୁ ଦେବିକାଙ୍କୁ ବିଜେତା ଘୋଷିତ କରାଯାଇଛି। ଦେବିକା ପୂରା ଟୁର୍ଣ୍ଣାମେଣ୍ଟ୍‌ରେ ଗୋଟିଏ ବି ଗେମ୍ ନହାରି ପ୍ରତ୍ୟେକ ମ୍ୟାଚ୍ ସିଧା ଗେମ୍‌ରେ ଜିତିଥିଲେ। କ୍ୱାର୍ଟର୍ ପାଇନାଲ୍‌ରେ ସେ ଶୀର୍ଷ ସିଡ୍ ସୁପନିଦାଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏହି ବିଜୟ ସହିତ ଦେବିକା ସୁପର୍ ୩୦୦ ଟାଇଟଲ୍ ଜିତିବାରେ ଭାରତର ତୃତୀୟ ମହିଳା ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ଏହି ଉପଲବ୍ଧି କେବଳ ପିଭି ସିନ୍ଧୁ ଓ ସାଇନା ନେହ୍ୱାଲ୍‌ଙ୍କ ନାମରେ ଥିଲା।

## ପାକିସ୍ତାନକୁ ମହଙ୍ଗା ପଡ଼ିବ ଡ୍ରାମାବାଜି

# କଠୋର କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତିରେ ଆଇସିସି

- ପିଏସ୍‌ଏଲ୍‌ରେ ବିଦେଶୀ ଖେଳାଳିଙ୍କ ଭାଗିଦାରୀରେ ଲାଗିପାରେ ରୋକ୍
- ଆଇସିସି ରାଜସ୍ୱ ପୁଲ୍‌ରେ ହୋଇପାରେ ହ୍ରାସ
- ବ୍ରଡ୍‌କାଷ୍ଟର୍‌ଙ୍କୁ ଦେବାକୁ ପଡ଼ିବ କ୍ଷତିପୂରଣ



**ନୂଆଦିଲ୍ଲୀ,୨/୨/ଏଜେନ୍ସି:** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ରେ ଭାରତ ସହିତ ଖେଳିବାକୁ ମନା କରିବା ଏବେ ପାକିସ୍ତାନକୁ ମହଙ୍ଗା ପଡ଼ିପାରେ। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏବେ ଏହି ମାମଲାରେ ଏକ ବୈଠକ ଡାକିବାକୁ ପ୍ରସ୍ତୁତି ଚଳାଇଛି। ଏକ ସୂତ୍ର ଅନୁସାରେ ଆଇସିସି ବୋର୍ଡ ମଙ୍ଗଳବାର କିମ୍ବା ବୁଧବାର ବୈଠକ କରି ଏହି ପ୍ରସଙ୍ଗ ଉପରେ ଆଲୋଚନା ସହିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ଥିର କରିବ। ଯଦିଓ ପାକିସ୍ତାନ ସରକାର ରବିବାର ସୋସିଆଲ୍ ମିଡିଆ ଜରିଆରେ ଭାରତ ବିପକ୍ଷରେ ନଖେଳିବାକୁ ଘୋଷଣା କରିଛନ୍ତି, କିନ୍ତୁ ଆଇସିସି ସୂତ୍ର ଅନୁସାରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ଏ ସମ୍ବନ୍ଧରେ ବର୍ତ୍ତମାନ ସୁଦ୍ଧା କୌଣସି ଆଧିକାରିକ ପତ୍ର କିମ୍ବା ସୂଚନା ମିଳିନାହିଁ। ରବିବାର ସରକାରଙ୍କ ନିଷ୍ପତ୍ତି ସାର୍ବଜନୀନ ହେବାର କିଛି ଘଣ୍ଟା ପରେ ପାକିସ୍ତାନ କ୍ରିକେଟ୍ ଟିମ୍ କ୍ୟାପ୍‌ଟେନ୍ ସଲମାନ ଅଲୀ ଆଗା କହିଛନ୍ତି, ସିନିୟର୍ ଜାତୀୟ ଟିମ୍ ସରକାରଙ୍କ ନିଷ୍ପତ୍ତି ପାଳନ କରିବ। ସେ ଏହା ମଧ୍ୟ କହିଛନ୍ତି, ଏହି ମାମଲା କ୍ରିକେଟ୍ ବୋର୍ଡର ଅଧିକାର କ୍ଷେତ୍ରରେ ଆସୁନାହିଁ।

ଅନ୍ୟପକ୍ଷରେ ପିସିବି ଅଧ୍ୟକ୍ଷ ଏବଂ ପାକିସ୍ତାନର ଗୃହ ମନ୍ତ୍ରୀ ମୋହସିନ୍ ନକ୍‌ଭୀ ଏହି ପ୍ରସଙ୍ଗରେ ଏବେ ସୁଦ୍ଧା ମୁହଁ ବନ୍ଦ ରଖିଛନ୍ତି। ତେବେ ଏହା ପୂର୍ବରୁ ସେ ପୂରା ଟୁର୍ଣ୍ଣାମେଣ୍ଟ୍ ବହିଷ୍କାର କରିବା କଥା କହିଥିଲେ, ଯାହା ଏବେ ବାଂଲାଦେଶ ସମର୍ଥନରେ କେବଳ ଭାରତ ବିପକ୍ଷ ମ୍ୟାଚ୍ ବୟକଟ୍‌ରେ ସୀମିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ବାଂଲାଦେଶ ସୁରକ୍ଷା କାରଣରୁ ଦ୍ୱାହିଦେଇ ଭାରତ ଯାତ୍ରାକୁ ମନା କରିଥିଲା। ଏହାପରେ ତାକୁ ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ଦିଆଯାଇ ସ୍କଟ୍‌ଲାଣ୍ଡ୍‌କୁ ସାମିଲ କରାଯାଇଛି।

ସୂତ୍ର ଅନୁସାରେ ଯଦି ପାକିସ୍ତାନ ଫେବୃଆରୀ ୧୫ରେ ଭାରତ ବିପକ୍ଷ ମ୍ୟାଚ୍ ନଖେଳେ, ତେବେ ଆଇସିସି କଡ଼ା ପ୍ରତିବନ୍ଧ ଲଗାଇପାରେ। ପଡ଼ିଆରେ ପାକିସ୍ତାନକୁ ଏହି ମ୍ୟାଚ୍ ପାଇଁ ୱାକ୍‌ଓଭର୍ ଦେବାକୁ ହେବ। ଫଳରେ ଟିମ୍‌କୁ ଦୁଇ ପଏଣ୍ଟ୍ ହରାଇବାକୁ ପଡ଼ିବ ଏବଂ ତା'ର ନେଟ୍ ରନ୍‌ରେଟ୍ ମଧ୍ୟ ପ୍ରଭାବିତ ହେବ। ଅନ୍ୟପକ୍ଷରେ ପଡ଼ିଆ ବାହାରେ ଆଇସିସିର ପ୍ରତିବନ୍ଧ ପାକିସ୍ତାନ କ୍ରିକେଟ୍‌ର ଭବିଷ୍ୟତ ପାଇଁ ଗୁରୁତର ସଙ୍କଟ ସୃଷ୍ଟି କରିପାରେ। ପ୍ରଥମତଃ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ରେ ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ ଉପରେ ରୋକ୍ ଲାଗିପାରେ।ଏହା ସହିତ ଲିଗ୍‌ର ଅନ୍ତର୍ଜାତୀୟ ମାନ୍ୟତା ଏବଂ ବ୍ୟବସାୟିକ ସମର୍ଥନ ମଧ୍ୟ ପ୍ରତ୍ୟାହୃତ ହୋଇପାରେ। ସେହିପରି ବହୁ ପରିମାଣରେ ପିସିବିର ଆର୍ଥିକ ନିର୍ଭରତା ଥିବା ଆଇସିସିର ରାଜସ୍ୱ ପୁଲ୍‌ରୁ ପାକିସ୍ତାନକୁ ମିଳିବାକୁ ଥିବା ଅର୍ଥରାଶିରେ ବହୁ ହ୍ରାସ ପାଇବ। ଏହା ବ୍ୟତୀତ ଭାରତ-ପାକିସ୍ତାନ ମ୍ୟାଚ୍ ନହେଲେ ଭାରୀ ରାଜସ୍ୱ କ୍ଷତିର ଭରଣା ପାଇଁ ବ୍ରଡ୍‌କାଷ୍ଟର୍‌ଙ୍କୁ କ୍ଷତିପୂରଣ ଦେବା ପାଇଁ ଆଇସିସି ନିର୍ଦ୍ଦେଶ ଦେବ। ଏସିଆ କପ୍‌ରୁ ବାଦ୍ ଦିଆଯିବା ସହିତ ପାକିସ୍ତାନ ସହିତ ଜଡ଼ିତ ସମସ୍ତ ଦ୍ୱିପାକ୍ଷିକ ସିରିଜ୍ ଉପରେ ରୋକ୍ ଲାଗିପାରେ।

ଏକ ଆଧିକାରିକ ବୟାନ୍‌ରେ ଆଇସିସି ପାକିସ୍ତାନକୁ ଏହି ସମ୍ଭାବିତ ପରିଣାମ ପ୍ରତି ସତର୍କ କରିବା ସହିତ ଅନ୍ତିମ ନିଷ୍ପତ୍ତି ନେବା ପୂର୍ବରୁ ଦୀର୍ଘକାଳୀନ ପ୍ରଭାବ ଉପରେ ବିଚାର କରିବାକୁ ପିସିବିକୁ ଅପିଲ୍ କରିଛି।

# ଇତିହାସ ରଚିଲେ ଜୋସ୍ ବଟ୍‌ଲର

## ୪୦୨ତମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବଡ଼ ଉପଲବ୍ଧି

**ପାଲ୍ଲେକେଲେ,୨/୨/ଏଜେନ୍ସି:** ଇଂଲଣ୍ଡର ଷ୍ଟାର୍ ୱିକେଟ୍‌କିପର୍ ବ୍ୟାଟର୍ ଜୋସ୍ ବଟ୍‌ଲର୍ ଇତିହାସ ରଚିଛନ୍ତି। ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍‌ର ଟି-୨୦ ଅନ୍ତର୍ଜାତୀୟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେରବିବାର ସେ କେବଳ ଏକ ପ୍ରମୁଖ ଇନିଂସ୍ ଖେଳିନାହାନ୍ତି, ବରଂ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଚତୁର୍ଥ ସର୍ବାଧିକ ରନ୍ ହାସଲକାରୀ ବ୍ୟାଟର୍ ମଧ୍ୟ ହୋଇଛନ୍ତି। ଏହି ମ୍ୟାଚ୍ ବଟ୍‌ଲର୍‌ଙ୍କ କ୍ୟାରିୟର୍‌ର ୪୦୨ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା ଏବଂ ଏହା ସହିତ ସେ ଇଂଲଣ୍ଡ କ୍ରିକେଟ୍‌ରେ ଆଉ ଏକ ବଡ଼ କୀର୍ତ୍ତିମାନ ନିଜ ନାମରେ କରିଛନ୍ତି।

ଦ୍ୱିତୀୟ ମ୍ୟାଚ୍‌ରେ ବଟ୍‌ଲର୍ ୨୯ ବଲ୍‌ରେ ୩୯ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କର ଏହି ଇନିଂସ୍ ବଳରେ ଇଂଲଣ୍ଡ ୬ ୱିକେଟ୍‌ରେ ଶ୍ରୀଲଙ୍କାକୁ ହରାଇ ସିରିଜ୍‌ରେ ୨-୦ ଅଜେୟ ଅଗ୍ରଣୀ ହାସଲ କରିଛି। ଏହି ମ୍ୟାଚ୍ ପରେ ଜୋସ୍ ବଟ୍‌ଲର୍‌ଙ୍କ ନାମରେ ଏବେ ୧୪୬ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୩୫.୩୬ ହାରାହାରିରେ ୩୯୨୫ ରନ୍ ହୋଇଛି। ଏହା ମଧ୍ୟରେ ଗୋଟିଏ ଶତକ ଏବଂ ୨୮ ଅର୍ଦ୍ଧଶତକ ସାମିଲ। ଏହା ସହିତ ସେ ବିଶ୍ୱର ଚତୁର୍ଥ ସର୍ବାଧିକ ରନ୍ ହାସଲକାରୀ ଟି-୨୦ ଅନ୍ତର୍ଜାତୀୟ ବ୍ୟାଟର୍ ହୋଇଛନ୍ତି। ପ୍ରଥମରୁ ହିଁ ବଟ୍‌ଲର୍ ଇଂଲଣ୍ଡର ସର୍ବାଧିକ ଟି-୨୦ ରନ୍ ହାସଲକାରୀ ବ୍ୟାଟର୍ ରହିଛନ୍ତି। ତାଙ୍କ ପରେ ପୂର୍ବତନ କ୍ୟାପ୍‌ଟେନ୍ ଇୟୋନ୍ ମୋର୍ଗାନ୍ ରହିଛନ୍ତି। ୧୧୫ ଟି-୨୦ ଅନ୍ତର୍ଜାତୀୟରେ ମୋର୍ଗାନ୍‌ଙ୍କ ନାମରେ ୨୪୫୮ରନ୍ ରହିଛି। ସେହିପରି ୩୫ ବର୍ଷୀୟ ବଟ୍‌ଲର୍ ଏହି ମ୍ୟାଚ୍ ସହିତ ଇଂଲଣ୍ଡ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା କ୍ରିକେଟ୍‌ର ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି। ଏହି ମାମଲାରେ ସେ ମହାନ୍ ଫାଷ୍ଟ ବୋଲର୍ ଜେମ୍ସ ଆଣ୍ଡରସନ୍ (୪୦୧)ଙ୍କୁ ପଛରେ ପକାଇ ଦେଇଛନ୍ତି। ଏବେ ଜୋସ୍ ବଟ୍‌ଲର୍‌ଙ୍କ ନାମରେ ଇଂଲଣ୍ଡ ପାଇଁ ୪୦୨ ଅନ୍ତର୍ଜାତୀୟ ରେକର୍ଡ ହୋଇଛି।



## ୱାର୍ମଅପ୍ ମ୍ୟାଚ୍‌ରେ ହାରିଲା ଆମେରିକା

# ଭାରତ-ଏ' ୩୮ ରନ୍‌ରେ ବିଜୟୀ



**ମୁମ୍ବାଇ,୨/୨/ଏଜେନ୍ସି:** ଆଇସିସି ଟି-୨୦ ବିଶ୍ୱକପ୍ ପୂର୍ବରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। ଆଜି ଖେଳାଯାଇଥିବା ୱାର୍ମଅପ୍ ମ୍ୟାଚ୍‌ରେ ଭାରତ-ଏ' ୩୮ ରନ୍‌ରେ ଆମେରିକାକୁ ହରାଇ ଦେଇଛି। ନଭି ମୁମ୍ବାଇର ଡିୱାଇ ପାଟିଲ୍ ସ୍ପୋର୍ଟ୍ସ ଏକାଡେମୀରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ-ଏ' ପ୍ରଥମେ ୩ ୱିକେଟ୍ ବିନିମୟରେ ୨୩୮ ରନ୍ କରିଥିଲା। ଜବାବରେ ଆମେରିକା ୧୯.୪ ଓଭର୍‌ରେ ୨୦୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ଲକ୍ଷ୍ୟର ପିଛା କରୁଥିବା ଆମେରିକା ପକ୍ଷରୁ ଆଣ୍ଡ୍ରିଜ୍ ଗୌସ୍ ଓ କ୍ୟାପ୍‌ଟେନ୍ ମୋନାଙ୍କ ପଟେଲ୍ ପ୍ରଥମ ୱିକେଟ୍ ପାଇଁ ୩୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାତ୍ର ମୋନାଙ୍କ ଆଉଟ୍ ପରେ ଟିମ୍ ଛୋଟ ଛୋଟ ପାର୍ଟନରଶିପ୍ କରିଥିଲେ ମଧ୍ୟ ନିୟମିତ ବ୍ୟବଦାନରେ ୱିକେଟ୍ ହରାଇଥିଲା। ଟିମ୍ ପକ୍ଷରୁ ଓପ୍ନର୍ ଆଣ୍ଡ୍ରିଜ୍ ଗୌସ୍ ସର୍ବାଧିକ ୪୪ ରନ୍ କରିଥିଲେ। ଏହା ବ୍ୟତୀତ ସଞ୍ଜୟ କୃଷ୍ଣମୂର୍ତ୍ତି ୧୮ ବଲ୍‌ରେ ୪୧ ରନ୍, ଶୁଭମ୍ ରଞ୍ଜନେ ୧୭ ବଲ୍‌ରେ ୨୮, ହରମିତ୍ ସିଂହ ୨୫ ଏବଂ ମହମ୍ମଦ ମୋହସିନ୍ ୨୧ ରନ୍ କରିଥିଲେ। ଭାରତ-ଏ' ପକ୍ଷରୁ ରବି ବିଷ୍ଣୋଇ ୩ଟି ୱିକେଟ୍ ନେଇଥିଲେ। ଖଲିଲ୍ ଅହମଦ ଓ ନମନ ଧୀରଙ୍କୁ ଦୁଇଟି ଲେଖାଏଁ ସଫଳତା ମିଳିଥିଲା।

ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ-ଏ' ୫୪ ରନ୍‌ର ସ୍କୋର୍‌ରେ ଓପ୍ନର୍ ପ୍ରିୟାଂଶ ଆର୍ଯ୍ୟା (୨୮)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଏନ୍. ଜଗଦୀଶନ୍ ତୃତୀୟ ନମ୍ବରରେ ବ୍ୟାଟିଂ ପାଇଁ ଆସିଥିବା ତିଳକ ବର୍ମାଙ୍କ ସହ ମିଶି ଦ୍ୱିତୀୟ ୱିକେଟ୍ ପାଇଁ ୫୫ ବଲ୍‌ରେ ୧୧୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ତିଳକ ବର୍ମା ୨୪ ବଲ୍‌ରେ ୩ ଚୌକା ଓ ୨ ଛକା ସହାୟତାରେ ୩୮ ରନ୍ କରି କ୍ୟାଚ୍ ଆଉଟ୍ ହୋଇଥିଲେ। ଏନ୍. ଜଗଦୀଶନ୍ ୫୫ ବଲ୍‌ରେ ୧୧ ଚୌକା ଓ ୪ ଛକା ସହାୟତାରେ ବିସ୍ଫୋରକ ୧୦୪ ରନ୍‌ର ଇନିଂସ୍ ଖେଳି ବିଦାୟ ନେଇଥିଲେ। ଏହାପରେ କ୍ୟାପ୍‌ଟେନ୍ ଆୟୁଷ ବଡ଼ୋନୀ ୨୬ ବଲ୍‌ରେ ୬ ଚୌକା ଓ ୪ ଛକା ସହାୟତାରେ ଦ୍ରୁତ ୬୦ ରନ୍ କରି ଟିମ୍‌ର ସ୍କୋର୍ ୨୩୮ ରନ୍‌ରେ ପହଞ୍ଚାଇଥିଲେ। ରିୟାନ୍ ପରାଗ ୨ ବଲ୍‌ରେ ୨ ରନ୍ କରି ବଡ଼ୋନୀଙ୍କ ସହ ଅପରାଜିତ ରହିଥିଲେ।

# ହରିଆଣା ଥଣ୍ଡର୍ସ ପ୍ରୋ ରେସ୍‌ଲିଂ ଲିଗ୍ ଚାମ୍ପିଅନ୍




**ନୋଏଡ଼ା,୨/୨/ଏଜେନ୍ସି:** ହରିଆଣା ଥଣ୍ଡର୍ସ ରୋମାଞ୍ଚକର ଫାଇନାଲ୍‌ରେ ଦିଲ୍ଲୀ ଦଙ୍ଗଲ୍ ୱାରିୟର୍ସକୁ ହରାଇ ପ୍ରୋ ରେସ୍‌ଲିଂ ଲିଗ୍ (ପିଡବ୍ଲ୍ୟୁଏ) ୨୦୨୬ ଟାଇଟଲ୍ ନିଜ ନାମରେ କରିଛି। ରବିବାର ନୋଏଡାର ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମହାମୁକାବିଲାର ନିଷ୍ପତ୍ତି ଅନ୍ତିମ ବାଉଟ୍ ପର୍ଯ୍ୟନ୍ତ ଯାଇଥିଲା ଏବଂ ହରିଆଣା ଥଣ୍ଡର୍ସ ୫-୪ରେ ବିଜୟ ହାସଲ କରିଥିଲା। ଫାଇନାଲ୍‌ର ୮ ମୁକାବିଲା ପରେ ଦୁଇ ଟିମ୍ ୪-୪ର ସମାନ ସ୍ଥିତିରେ ଥିଲେ। ଟାଇଟଲ୍‌ର ନିଷ୍ପତ୍ତି ମହିଳା ୬୨ କେଜି ବର୍ଗର ନିର୍ଣ୍ଣାୟକ ମୁକାବିଲାରେ ହୋଇଥିଲା। ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଇରିନା କୋଲିୟାର୍ଡେଙ୍କୋ ଚମତ୍କାର ପ୍ରଦର୍ଶନ କରି ହରିଆଣା ଥଣ୍ଡର୍ସକୁ ୫-୪ରେ ଚାମ୍ପିଅନ୍ କରାଇଥିଲେ। ଚାମ୍ପିଅନ୍ ହରିଆଣା ଥଣ୍ଡର୍ସକୁ ପିଡବ୍ଲ୍ୟୁଏଲ୍୨୦୨୬ ଟ୍ରଫି ସହିତ୧.୫ କୋଟି ଟଙ୍କା ପୁରସ୍କାର ରାଶି ମିଳିଛି। ଅନ୍ୟପକ୍ଷରେ ଉପବିଜେତା ଦିଲ୍ଲୀ ଦଙ୍ଗଲ୍ ୱାରିୟର୍ସକୁ ୭୫ ଲକ୍ଷ ଟଙ୍କାରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

## ଟି-୨୦ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କାର ଚୂଡ଼ାନ୍ତ ଟିମ୍

# ଫେରିଲେ କାମିନ୍ଦୁ, ଧନଞ୍ଜୟ ବାଦ୍



**କଲମ୍ବୋ,୨/୨/ଏଜେନ୍ସି:** ଶ୍ରୀଲଙ୍କା ଟି-୨୦ ବିଶ୍ୱକପ୍ ପାଇଁ ଚୂଡ଼ାନ୍ତ ସ୍କ୍ୱାଡ୍ ଜାରି କରିଛି। ଇଂଲଣ୍ଡ ବିପକ୍ଷରେ ଟି-୨୦ ଖେଳୁଥିବା ଧନଞ୍ଜୟ ଡି ସିଲ୍‌ଭାଙ୍କୁ ବାଦ୍ ଦେଇ କାମିନ୍ଦୁ ମେଣ୍ଡିସ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ରବିବାର ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍ ବେଳେ ଆହତ ହୋଇଥିବା ଫାଷ୍ଟ ବୋଲର୍ ଇଶାନ୍ ମାଲିଙ୍ଗା ମଧ୍ୟ ଟିମ୍‌ରେ ଅଛନ୍ତି। ଅଲ୍‌ରାଉଣ୍ଡର୍ ଦାସନ୍ ଶନାକା ଟିମ୍‌ର ନେତୃତ୍ୱ କରିବେ। ଟୁର୍ଣ୍ଣାମେଣ୍ଟ ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ। କାମିନ୍ଦୁ ମେଣ୍ଡିସ୍ ଇଂଲଣ୍ଡ ଓ ପାକିସ୍ତାନ ବିପକ୍ଷ ଗତ ଟି-୨୦ ସିରିଜ୍‌ର ଅଂଶବିଶେଷ ନଥିଲେ। ୨୦୨୫ରେ ତାଙ୍କ ଫର୍ମ ବହୁତ ଖରାପ ଥିଲା। ଖାସ୍ ବିଷୟ ହେଉଛି ସେ ଦୁଇ ହାତରେ ସ୍ପିନର୍ ବୋଲିଂ କରିପାରନ୍ତି। ସେହିପରି ଧନଞ୍ଜୟ ଡି ସିଲ୍‌ଭାଙ୍କୁ ବାହାର କରାଯିବା ପରେ ଏବେ ୨୩ ବର୍ଷୀୟ ବାମହାତୀ ସ୍ପିନ୍ ଅଲ୍‌ରାଉଣ୍ଡର୍ ଦୁନିଥ୍ ୱେଲ୍ଲାଲାଗେଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇପାରେ। ଦିନିକିଆ ଟିମ୍‌ରେ ସେ ନିୟମିତ ସଦସ୍ୟ ଥିଲେ ମଧ୍ୟ ଟି-୨୦ରେ ନିଜ ସ୍ଥାନ ସୁନିଶ୍ଚିତ କରିପାରି ନଥିଲେ। ଅବଶ୍ୟ ଫ୍ରାଞ୍ଚାଇଜି ଲିଗ୍‌ରେ ତାଙ୍କର ଟି-୨୦ ଖେଳିବା ଅନୁଭବ ରହିଛି। ସେ ଏମର୍ଜିଂ ଏସିଆ କପ୍‌ରେ ଶ୍ରୀଲଙ୍କା-ଏ' ଟିମ୍‌ର ନେତୃତ୍ୱ କରିଥିଲେ। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ଶତକ ହାସଲ କରିଥିବା ପବନ ରତ୍ନାୟକେଙ୍କୁ ମଧ୍ୟ ବିଶ୍ୱକପ୍ ଟିମ୍‌ରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଫାଷ୍ଟ ବୋଲର୍ ପ୍ରମୋଦ ମଦୁସନ୍‌ଙ୍କୁ ବାହାର କରିଦିଆଯାଇଛି। ଶ୍ରୀଲଙ୍କା ଫେବୃଆରୀ ୮ରେ ଆୟର୍ଲାଣ୍ଡ ବିପକ୍ଷରୁ ବିଶ୍ୱକପ୍ ଅଭିଯାନ କରିବ। ଟିମ୍ ଘରୋଇ ପଡ଼ିଆରେ ବିଶ୍ୱକପ୍‌ରେ ନିଜର ସମସ୍ତ ମ୍ୟାଚ୍ ଖେଳିବ।

**ଶ୍ରୀଲଙ୍କା ସ୍କ୍ୱାଡ୍:** ଦାସୁନ୍ ଶନାକା (କ୍ୟାପ୍‌ଟେନ୍), ପାଥୁମ ନିସଙ୍କା, କମିଲ ମିଶାରା, କୁସଲ ମେଣ୍ଡିସ୍, କୁସଲ ପରେରା, ଚରିଥ୍ ଅସଲଙ୍କା, କାମିନ୍ଦୁ ମେଣ୍ଡିସ୍, ଜାନିଥ୍ ଲାୟାନାଗେ, ପବନ ରତ୍ନାୟକେ, ସୁନିଥ୍ ୱେଲ୍ଲାଲାଗୋ, ୱାନିନ୍ଦୁ ହସରଙ୍ଗା, ମହୀଶ ତୀକ୍ଷଣା, ଦୁଷ୍ମନ୍ତ ଚମିରା, ମଥିଶ ପାଥିରାନା ଓ ଇଶାନ୍ ମାଲିଙ୍ଗା।

## ୧୩ ବର୍ଷରୁ କମ୍ ଅସ୍ମିତା ଜୋନାଲ୍ ଫୁଟ୍‌ବଲ୍

# ଶେଷ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**କଟକ,୨/୨/ଏନ୍‌ଏନ୍‌ଏସ୍:** ୧୩ ବର୍ଷରୁ କମ୍ ଅସ୍ମିତା ଜୋନାଲ୍ ଫୁଟ୍‌ବଲ୍ ଲିଗ୍‌ର ଶେଷ ମ୍ୟାଚ୍‌ରେ ଓଡ଼ିଶା ବାଳିକା ଟିମ୍ ପରାଜିତ ହୋଇଛି। ଗୁଜରାଟର ଏମ୍‌କେ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ୍ ପଡ଼ିଆରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଝାଡ଼ଖଣ୍ଡ ୧-୦ ଗୋଲ୍‌ରେ ଓଡ଼ିଶାକୁ ହରାଇ ଦେଇଛି। ମ୍ୟାଚ୍‌ର ନିର୍ଣ୍ଣାୟକ ଗୋଲ୍‌ଟି ଝାଡ଼ଖଣ୍ଡ କ୍ୟାପ୍‌ଟେନ୍ ଶିବାନୀ କୁମାର ୮ମ ମିନିଟ୍‌ରେ ସ୍କୋର୍ କରିଥିଲେ। ଓଡ଼ିଶା ଖେଳାଳିମାନେ ଶୃଙ୍ଖଳାଗତ ଭାବେ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ ମଧ୍ୟ ଟିମ୍‌କୁ ପରାଜୟରୁ ବର୍ତ୍ତିପାରି ନଥିଲେ। ଏହି ଲିଗ୍‌ରୁ ଲାଭ କରିଥିବା ଶିକ୍ଷା ଆଗାମୀ ଟୁର୍ଣ୍ଣାମେଣ୍ଟ୍ ପାଇଁ ଓଡ଼ିଶା ଖେଳାଳିଙ୍କୁ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିବ।

## ଟି-୨୦ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷିତ

# ସାଉଥ୍ ଆଫ୍ରିକା ସହ ଖେଳିବ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ,୨/୨/ଏଜେନ୍ସି:** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ୱାର୍ମଅପ୍ ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଏହି ମ୍ୟାଚ୍ ଫେବୃଆରୀ ୨ରୁ ୬ ତାରିଖ ମଧ୍ୟରେ ୭ ଭିନ୍ନ ଭିନ୍ନ ପଡ଼ିଆରେ ଖେଳାଯିବ। ଇଂଲଣ୍ଡ ଟିମ୍

### ଇଣ୍ଡିଆ-ଏ' ଟିମ୍‌ରେ ତିଳକ ବର୍ମା



ୱାର୍ମଅପ୍ ମ୍ୟାଚ୍‌ରେ ଭାଗ ନେବନାହିଁ। ତେବେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ସାଉଥ୍ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ୍ ପରି ଟିମ୍ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଭାରତୀୟ ଟିମ୍ ମଧ୍ୟ ଗୋଟିଏ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଫେବୃଆରୀ ୪ ତାରିଖରେ ସାଉଥ୍ ଆଫ୍ରିକା ବିପକ୍ଷରେ ମୁମ୍ବାଇର ଡିୱାଇଁ ପାଟିଲ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଶେଷ ଦୁଇଟି ୱାର୍ମଅପ୍ ମ୍ୟାଚ୍‌ରେ ଇଣ୍ଡିଆ-ଏ' ଟିମ୍ ଅଂଶଗ୍ରହଣ କରିବ।

ୱାର୍ମଅପ୍ ମ୍ୟାଚ୍ ପାଇଁ ବିସିସିଆଇ ଇଣ୍ଡିଆ-ଏ' ଟିମ୍‌ର ଘୋଷଣା ମଧ୍ୟ କରିଛି। ଏହାର ନେତୃତ୍ୱରେ ଆୟୁଷ ବଡ଼ୋନୀ କରିବେ। ତିଳକ ବର୍ମା ମଧ୍ୟ ଏହି ଟିମ୍‌ର ସଦସ୍ୟ ଅଛନ୍ତି। ସେ ଅତିକମ୍‌ରେ ଗୋଟିଏ ମ୍ୟାଚ୍ ଖେଳି ନିଜ ଫିଟ୍‌ନେସ୍ ସାବ୍ୟସ୍ତ କରିବେ। ତିଳକ ବର୍ମା ବିଜୟ ହଜାରେ ଟ୍ରଫି ଅବସରରେ ଆହତ ହୋଇଥିଲେ।

ୱାର୍ମଅପ୍ ମ୍ୟାଚ୍‌ର ଆରମ୍ଭ ଆଫଗାନିସ୍ତାନ ଓ ସ୍କଟ୍‌ଲାଣ୍ଡ ମ୍ୟାଚ୍ ସହ ହେବ। ଏହି ମ୍ୟାଚ୍ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସର ଗ୍ରାଉଣ୍ଡ-୧ରେ ଖେଳାଯିବ। ଅନ୍ୟପକ୍ଷରେ ମୁମ୍ବାଇର ଡିୱାଇ ପାଟିଲ୍ ଷ୍ଟାଡିୟମ୍‌ରେ ଇଣ୍ଡର-ଏ' ଟିମ୍ ଆମେରିକା ସହ ଖେଳିବ। ପ୍ରଥମ ଦିନ କାନାଡା ଓ ଇଟାଲୀ ମ୍ୟାଚ୍ ଚେନ୍ନାଇରେ ଖେଳାଯିବ। ସମସ୍ତ ୱାର୍ମଅପ୍ ମ୍ୟାଚ୍‌ର ଭିଡିଓ ହାଇଲାଇଟ୍ସ ଆଇସିସିର ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ। ଭାରତ ଓ ସାଉଥ୍ ଆଫ୍ରିକା ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଷ୍ଟାର୍ ସ୍ପୋର୍ଟ୍ସ ଏବଂ ଜିଓ ହଟ୍‌ଷ୍ଟାର୍‌ରେ ହେବ। ଏହା ବ୍ୟତୀତ ପ୍ରଶଂସକ ଏହିମ୍ୟାଚ୍ ଆଇସିସି ଟିଭିରେ ମାଗଣା ଦେଖିପାରିବେ।

**ଇଣ୍ଡିଆ-ଏ' ଟିମ୍:** ଆୟୁଷ ବଡ଼ୋନୀ (କ୍ୟାପ୍‌ଟେନ୍), ନମନ ଧୀର, ଆଶତୋଷ ଶର୍ମା, ପ୍ରିୟାଂଶ ଆର୍ଯ୍ୟ, ଏନ୍. ଜଗଦୀଶନ୍ (ୱିକେଟ୍‌କିପର୍), ତିଳକ ବର୍ମା, ରିୟାନ୍ ପରାଗ, ମାନବ ସୁଥାର, ଅଶୋକ ଶର୍ମା, ଉର୍ଭିଲ୍ ପଟେଲ୍ (ୱିକେଟ୍‌କିପର୍), ଗୁରଜପନୀଲ୍ ସିଂହ, ବିପରାଜ ନିଗମ, ରବି ବିଷ୍ଣୋଇ, ଖଲିଲ୍ ଅହମଦ ଏବଂ ମୟଙ୍କ ଯାଦବ।

# ମୁମ୍ବାଇ ରଣଜୀ ଟିମ୍‌କୁ ଫେରିଲେ ଯଶସ୍ୱୀ, ଶାର୍ଦ୍ଦୁଳ



**ମୁମ୍ବାଇ,୨/୨/ଏଜେନ୍ସି:** କର୍ଣ୍ଣାଟକ ବିପକ୍ଷ ହାଇଭୋଲ୍‌ଟେଜ୍ କ୍ୱାର୍ଟର୍ ଫାଇନାଲ୍ ପୂର୍ବରୁ ଯଶସ୍ୱୀ ଜୟସ୍ୱାଲ୍ ଏବଂ କ୍ୟାପ୍‌ଟେନ୍ ଶାର୍ଦ୍ଦୁଳ ଠାକୁର ମୁମ୍ବାଇ ରଣଜୀ ଟିମ୍‌କୁ ଫେରିଛନ୍ତି। ଫେବୃଆରୀ ୬ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ପାଇଁ ମୁମ୍ବାଇ ନିଜର ୧୬ ଜଣିଆ ଟିମ୍‌ରେ ଦୁଇଟି ପରିବର୍ତ୍ତନ କରିଛି। ଶାର୍ଦ୍ଦୁଳ ଠାକୁର ଆହତ କାରଣରୁ ସିଜନ୍‌ର ଲିଗ୍ ପର୍ଯ୍ୟାୟରେ କେତେକ ମ୍ୟାଚ୍ ଖେଳିପାରି ନଥିଲେ। ଏବେ ସେ ଟିମ୍‌ର ନେତୃତ୍ୱ ନେବେ। ଅନ୍ୟପକ୍ଷରେ ଯଶସ୍ୱୀ ଜୟସ୍ୱାଲ୍ କାହିଁକି ଟିମ୍‌ରୁ ବାହାରେ ଥିଲେ ଏହାର କୌଣସି ଆଧିକାରିକ ସୂଚନା ଜଣାପଡ଼ିନାହିଁ। ଅନ୍ତର୍ଜାତୀୟ ଦାୟିତ୍ୱରୁ ମୁକ୍ତ ଥିଲେ ମଧ୍ୟ ଯଶସ୍ୱୀ ଗତ କେତେକ ମ୍ୟାଚ୍ ଖେଳିନଥିବାରୁ ଏହାକୁ ନେଇ ଏମ୍‌ସିଏ ମଧ୍ୟ ଅସନ୍ତୁଷ୍ଟ ଥିଲା। ଚଳିତ ସିଜନ୍‌ରେ ସେ କେବଳ ଗୋଟିଏ ମ୍ୟାଚ୍ ଖେଳିଥିଲେ। ରାଜସ୍ଥାନ ବିପକ୍ଷ ଏହି ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ସେ ମୋଟ ୨୨୩ ରନ୍ କରିଥିଲେ। ପ୍ରଥମ ଇନିଂସ୍‌ରେ ୬୭ ଏବଂ ଦ୍ୱିତୀୟ ଇନିଂସ୍‌ରେ ସେ ୧୫୬ ରନ୍ କରିଥିଲେ। ଏବେ ନକ୍‌ଆଉଟ୍ ମ୍ୟାଚ୍‌ରେ ଯଶସ୍ୱୀ ସେହି ପ୍ରକାର ପ୍ରଦର୍ଶନ କରିବାକୁ ଚାହିଁବେ। ସେ ମୁମ୍ବାଇ ପକ୍ଷରୁ ଗତ ରଣଜୀ ଟ୍ରଫି ମ୍ୟାଚ୍ ମଧ୍ୟ ଖେଳିନଥିଲେ। ସେ କେବଳ ସିଲେକ୍ଟିଭ୍ ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ନେଇ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲା। ଅବଶ୍ୟ ସେ ସମ୍ପୂର୍ଣ୍ଣ ଫିଟ୍ ନଥିବା ଖବର ଶୁଣିବାକୁ ମିଳିଥିଲା ଏବଂ ଡାକ୍ତର ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇସାରିଛନ୍ତି ଏବଂ ମୁମ୍ବାଇ ଟିମ୍‌କୁ ମଧ୍ୟ ତାଙ୍କର ପ୍ରତ୍ୟାବର୍ତ୍ତନ ଘଟିଛି।

ମୁମ୍ବାଇ ରଣଜୀ ସ୍କ୍ୱାଡ୍: ଶାର୍ଦ୍ଦୁଳ ଠାକୁର (କ୍ୟାପ୍‌ଟେନ୍), ଯଶସ୍ୱୀ ଜୟସ୍ୱାଲ୍, ମୁଶୀର ଖାନ୍, ଅଖିଳ ହେରୱାଡ଼କର୍, ସିଦ୍ଧେଶ ଲାଡ୍, ସରଫରାଜ୍ ଖାନ୍, ଆକାଶ ଆନନ୍ଦ (ୱିକେଟ୍‌କିପର୍), ହାର୍ଦ୍ଦିକ ତାମୋରେ (ୱିକେଟ୍‌କିପର୍), ସାଇରାଜ ପାଟିଲ୍, ଶମ୍ସ ମୁଲାନୀ, ତନୁଷ କୋଟିୟାନ୍, ତୁଷାର ଦେଶପାଣ୍ଡେ, ମୋହିତ ଅବସ୍ଥି, ଓଁକାର ତରମାଲେ, ଦିବ୍ୟେଶ ସାକ୍ସେନା ଏବଂ ସୂର୍ଯ୍ୟାଂଶ ଶେଗଡେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra